# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, May 12/2025 | Page 12 | ₹ 7.00 | BALASORE

୫୧ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 166 | ମୂଲ୍ୟ ₹୭/-


# ୩ୟ ପକ୍ଷ ହସ୍ତକ୍ଷେପକୁ ଭାରତର ନା

## ପିଓକେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ

**ନୂଆଦିଲ୍ଲୀ, ୧୧।୫**

କଶ୍ମୀରକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଦୀର୍ଘ ବିବାଦର ସମାଧାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଏହାକୁ ସ୍ୱାଗତ କରିଛନ୍ତି। କିନ୍ତୁ ଭାରତ ନିଜ ପୂର୍ବ ଆଭିମୁଖ୍ୟକୁ ପୁଣିଥରେ ସ୍ପଷ୍ଟ ଭାବେ ଦୋହରାଇ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। କଶ୍ମୀର ପ୍ରସଙ୍ଗରେ ଭାରତ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତା ଚାହେଁନାହିଁ ବୋଲି ରବିବାର ସ୍ପଷ୍ଟ କରିଛି। ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଫେରାଇ ଆଣିବାକୁ ଭାରତ ଚାହେଁ। ତେଣୁ ଆଗକୁ କଶ୍ମୀର ନୁହେଁ, ବରଂ ପିଓକେ ଉପରେ ହିଁ ଆଲୋଚନା ହେବ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଭାରତ ଓ ପାକିସ୍ତାନକୁ ଅସ୍ତ୍ରବିରତି ଜରିଆରେ ଉତ୍ତେଜନା ହ୍ରାସ ପାଇଁ ସହମତି ପ୍ରକାଶ କରିଥିବାରୁ ପ୍ରଶଂସା କରିଛନ୍ତି। ଏଥିସହ କଶ୍ମୀର ବିବାଦର ସମାଧାନ ପାଇଁ ମଧ୍ୟସ୍ଥତା କରିବାକୁ ସେ ଆଗ୍ରହୀ ଥିବା ଦୁଇଦେଶକୁ ପ୍ରସ୍ତାବ ଦେଇଛନ୍ତି। ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଲେଖିଛନ୍ତି, ଯଦି ୧,୦୦୦ ବର୍ଷ ପରେ କଶ୍ମୀର ପ୍ରସଙ୍ଗରେ ଏକ ସମାଧାନ ବାହାରିପାରିବ ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ସେ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ। ଦୁଇଦେଶର ନେତୃତ୍ୱଙ୍କୁ ଭଗବାନ ☞ପୃଷ୍ଠା-୨

## ପାକିସ୍ତାନ କିଛି କଲେ ଆହୁରି କଡ଼ା ଜବାବ ଦିଆଯିବ: ମୋଦି


ନରେନ୍ଦ୍ର ମୋଦି

ପାକିସ୍ତାନ କିଛି କଲେ ଭାରତ ଆହୁରି କଡ଼ା ଜବାବ ଦେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି। ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ଜମ୍ମୁ-କଶ୍ମୀରର ପହଲଗାମ୍‌ସ୍ଥିତ ବୈସରନ୍ ଉପତ୍ୟକାରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିବା ସମୟରେ ଉପରାଷ୍ଟ୍ରପତି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ସ୍ତ୍ରୀ ଉଷା ଓ ପିଲାମାନଙ୍କ ସହ ଭାରତରେ ଥିଲେ। ଏହା ପରଠୁ ଭାରତ ଓ ପାକସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇ ଶେଷରେ ଯୁଦ୍ଧର ରୂପ ନେଇଥିଲା। ଇତିମଧ୍ୟରେ ଶୁକ୍ରବାର ଉପରାଷ୍ଟ୍ରପତି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରିଥିଲେ। ଏହି ସାମରିକ ଉତ୍ତେଜନା ଆଗକୁ ଆଣବିକ ଯୁଦ୍ଧର ରୂପ ନ ନେଉ ବୋଲି ଭାନ୍ସ ☞ପୃଷ୍ଠା-୨

# ବେସାମରିକ ସୁରକ୍ଷାରେ ଯୋଗଦେବାକୁ ଯୁବସମାଜକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୧୧।୫ (ରବିନାରାୟଣ ଜେନା)**

ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଲାଗି ବେସାମରିକ ସୁରକ୍ଷା(ସିଭିଲ ଡିଫେନ୍ସ)ରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏଥିପାଇଁ ଜାତୀୟତାର ମନୋଭାବ ରଖି ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବା ପାଇଁ ଜନସାଧାରଣଙ୍କୁ ବିଶେଷକରି ଯୁବ ସମାଜକୁ ଆହ୍ୱାନ କରୁଛି। ଯୁବ ସମାଜ ହିଁ ଆମ ଆଶା, ଭରସା ଓ ଶକ୍ତିର ପ୍ରତୀକ। ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲାସ୍ତରରେ ଜିଲାପାଳଙ୍କୁ ଆବେଦନ କରିପାରିବେ। ଜିଲାପାଳ ହେଉଛନ୍ତି ଜିଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ। ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରାଯିବ। ଆବଶ୍ୟକ ହେଲେ, ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ। ଆମ ରାଜ୍ୟର ୧୨ଟି ସ୍ଥାନରେ ସିଭିଲ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଛି। ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନଗୁଡ଼ିକରେ ନୂଆ ସଙ୍ଗଠନ ଗଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୋର ଆଶା ଓ ବିଶ୍ୱାସ, ସେବା ଓ ଜାତୀୟତାର ମନୋଭାବ ରଖି ଅନେକ ବ୍ୟକ୍ତିବିଶେଷ, ବିଶେଷକରି ଯୁବ ବର୍ଗ ଏଥିପାଇଁ ଆଗେଇ ଆସିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।


DSPL-61



### ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମବାର୍ଷିକୀ ଉତ୍ସବ



ସାଧାରଣ ସଭା

ମୁଖ୍ୟ ଅତିଥି

ଶ୍ରୀ ମୋହନ ଚରଣ ମାଝୀ,
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଦୟ ଉପସ୍ଥିତି

ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର,
ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ, ଓଡ଼ିଶା
ଶ୍ରୀ ଗଣେଶରାମ ସିଂଖୁଣ୍ଟିଆ,
ମନ୍ତ୍ରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା, ଓଡ଼ିଶା
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ,
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ଶ୍ରୀ ପ୍ରତାପ ଷଡ଼ଙ୍ଗୀ, ସାଂସଦ (ଲୋକସଭା), ବାଲେଶ୍ୱର
ଶ୍ରୀ ଅନନ୍ତ ନାୟକ, ସାଂସଦ (ଲୋକସଭା), କେନ୍ଦୁଝର
ଶ୍ରୀ ନବ ଚରଣ ମାଝୀ, ସାଂସଦ (ଲୋକସଭା), ମୟୂରଭଞ୍ଜ
ଶ୍ରୀମତୀ ମମତା ମହାନ୍ତ, ସାଂସଦ (ରାଜ୍ୟସଭା)

ଶ୍ରୀ ଜଲେନ ନାଏକ, ବିଧାୟକ, ରାଇରଙ୍ଗପୁର
ଶ୍ରୀ ଭାଦବ ହାଁସଦା, ବିଧାୟକ, ସାରସକଣା
ଶ୍ରୀ ପଦ୍ମଚରଣ ହାଇବୁରୁ, ବିଧାୟକ, କରଞ୍ଜିଆ
ଶ୍ରୀ ଭାସ୍କର ମଢେଇ, ବିଧାୟକ, ଉଦଳା
ଶ୍ରୀ ପ୍ରକାଶ ସୋରେନ, ବିଧାୟକ, ବାରିପଦା
ଶ୍ରୀ ସନାତନ ବିଜୁଳି, ବିଧାୟକ, ବଡ଼ସାହି
ସୁଶ୍ରୀ ସଞ୍ଜୀଳି ମୁର୍ମୁ, ବିଧାୟିକା, ବାଙ୍ଗିରିପୋଷି
ଶ୍ରୀମତୀ ଭାରତୀ ହାଁସଦା, ଅଧକ୍ଷା, ଜିଲ୍ଲା ପରିଷଦ, ମୟୂରଭଞ୍ଜ

୧୨- ୧୪ ମଇ ୨୦୨୫ ମହୁଲଡିହା, ଦାଣ୍ଡବୋଷ, ରାଇରଙ୍ଗପୁର

- ପୂର୍ବାହ୍ନ ୧୧ ଘଟିକା - ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠରେ ମାଲ୍ୟାର୍ପଣ
- ପୂର୍ବାହ୍ନ ୧୧.୩୦ ଘଟିକା - ରଘୁନାଥ ମୁର୍ମୁଙ୍କ ଦ୍ୱାରା ଅଲଚିକି ଲିପି ଉଦ୍ଭାବନ ଏବଂ ସମାଜପ୍ରତି ଅବଦାନର ସଂକ୍ଷିପ୍ତ ଅବଲୋକନ

ଜନସାଧାରଣଙ୍କୁ ଏହି ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ ।

ନିବେଦକ- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ

OIPR-03029/13/0054/2526


## ଆହୁରି ୩ ଡିଗ୍ରୀ ବଢ଼ିବ ତାପମାତ୍ରା

### ୪୩.୨ ଡିଗ୍ରୀ ସହ ସମ୍ବଲପୁର ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର, ୧୧।୫ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଥିବାବେଳେ ଖରା ଓ ଗୁଳୁଗୁଳି କଲବଲ କରୁଛି। ତେବେ ଆଗାମୀ ୩ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ମଧ୍ୟ ୧୯ ସହରରେ ତାପମାତ୍ରା ୪୦ ଡିଗ୍ରୀ ଓ ଏହାଠାରୁ ଅଧିକ ରହିଥିଲା। ୪୩.୨ ଡିଗ୍ରୀ ସେଲସିୟସ୍ ସହ ସମ୍ବଲପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ସେହିପରି ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ, ବଲାଙ୍ଗୀର ୪୨, ସୁନ୍ଦରଗଡ଼ ୪୧.୮, ଅନୁଗୋଳ ୪୧.୭, ହୀରାକୁଦ ଓ ଝାରସୁଗୁଡ଼ାରେ ୪୧.୬, ସୋନପୁର, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ୪୧.୨, ଢେଙ୍କାନାଳ ଓ ଭୁବନେଶ୍ୱରରେ ୪୦.୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିଲା। ତେବେ ଭୁବନେଶ୍ୱରରେ ଏହା ଚଳିତବର୍ଷର ସର୍ବାଧିକ ତାପମାତ୍ରା ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେବେ ସୋମବାର ଖରା ଓ ଗୁଳୁଗୁଳି ନେଇ ୧୧ ଜିଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।


**ଆଜିର ସମ୍ପାଦକୀୟ**

ବ୍ୟାଖ୍ୟାନ ଜରୁରୀ








DADLS-22

### ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0652/2526



ପାକିସ୍ତାନ ସେନା ଗୁଳିମାଡ଼ରେ ଜମ୍ମୁରେ ଶହୀଦ ହୋଇଥିବା କର୍ତ୍ତବ୍ୟରତ ବିଏସ୍ଏଫ୍ ସବ୍‌ଇନ୍‌ସପେକ୍ଟର ମହମ୍ମଦ ଇମ୍ତିଆଜ୍‌ଙ୍କ ମରଶରୀରକୁ ଯବାନମାନେ ରବିବାର ଶୋଭାଯାତ୍ରାରେ ତାଙ୍କ ଘର ଅଭିମୁଖେ ନେଉଛନ୍ତି।



ଶନିବାର ସନ୍ଧ୍ୟାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ବୁଝାମଣା ହୋଇଥିବାବେଳେ ବିଏସ୍ଏଫ୍ ଓ ପଞ୍ଜାବ ପୋଲିସର ମିଳିତ ଯାଞ୍ଚ ସମୟରେ ରବିବାର ସୀମାବର୍ତ୍ତୀ ଫିରୋଜପୁର ସନ୍ନିକଟ ଏକ ଗାଁର ବିଲରୁ ଡ୍ରୋନ୍ ଏବଂ ପିସ୍ତଲ ଜବତ କରାଯାଇଛି।



ପାକ୍ ସେନାର ଗୁଳିଗୋଳା ଆକ୍ରମଣରେ ପ୍ରାଣ ହରାଇଥିବା ଜମ୍ମୁ-କଶ୍ମୀର ରାଜୌରୀର ଅତିରିକ୍ତ ଜିଲା ଡେଭଲପମେଣ୍ଟ କମିଶନର ରାଜ କୁମାର ଥାପାଙ୍କ ମରଶରୀର ରବିବାର ଜମ୍ମୁସ୍ଥିତ ତାଙ୍କ ସରକାରୀ ଆବାସରେ ପହଞ୍ଚିବା ପରେ ମ୍ରିୟମାଣ ହୋଇପଡ଼ିଥିବା ପରିବାରବର୍ଗ।



ଜମ୍ମୁ ଜିଲାର ଡ୍ରେଓ୍ୱା ଗାଁରେ କର୍ତ୍ତବ୍ୟରତ ଯବାନ ସୁନୀଲ କୁମାର ପାକ୍ ସେନା ଗୁଳିରେ ଶହୀଦ ହୋଇଥିବାବେଳେ ରବିବାର ତାଙ୍କ ମରଶରୀରକୁ ସମ୍ମାନ ଜଣାଉଛନ୍ତି ଜମ୍ମୁ-କଶ୍ମୀର ଲ୍ୟୁଟ୍‌ନାଣ୍ଟ ଗର୍ଭନର ମନୋଜ ସିହ୍ନା।



ଅପରେଶନ 'ସିନ୍ଦୂର' ଏବଂ ଭାରତୀୟ ସଶସ୍ତ୍ର ବଳର ପ୍ରଶଂସାରେ ରବିବାର ବେଙ୍ଗାଲୁରୁରେ ବାହାରିଥିବା 'ୱାକ୍ ଫର୍ ନେଶନ' ଶୋଭାଯାତ୍ରା।

## ଅସ୍ତ୍ରବିରତି ପରେ



ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଅନୁଯାୟୀ ଶନିବାର ବିଳମ୍ବିତ ରାତିରୁ ପ୍ରାୟତଃ ଗୁଳି ବିନିମୟ ବନ୍ଦ ରହିଥିବାବେଳେ ରବିବାର ପଞ୍ଜାବର ଅମୃତସରରେ ସ୍ୱାଭାବିକ ସ୍ଥିତି ଦେଖିବାକୁ ମିଳିଛି। ଏକ ଦୋକାନ ସମ୍ମୁଖରେ ଲୋକମାନେ ବସି ଜଳପାନ କରୁଛନ୍ତି।



ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ଯୋଗୁ ରବିବାର ଶ୍ରୀନଗର ମାର୍କେଟରେ ଲୋକେ ସ୍ୱାଭାବିକ ଭାବେ କିଣାକିଣି କରୁଛନ୍ତି।




ଶନିବାର ସନ୍ଧ୍ୟାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ବୁଝାମଣା ହୋଇଥିବାବେଳେ ରବିବାର ଶ୍ରୀନଗରରେ ସୁରକ୍ଷା କର୍ମୀମାନେ ସଜାଗ ରହି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ବ୍ରହ୍ମୋସ୍ ଆମ ସଶସ୍ତ୍ର ବଳ ସାମର୍ଥ୍ୟର ବାର୍ତ୍ତା

### ବ୍ରହ୍ମୋସ୍ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କଲେ ରାଜନାଥ

ଲକ୍ଷ୍ନୌ, ୧୧।୫(ପି.ଟି.)

ବ୍ରହ୍ମୋସ୍ କେବଳ ଏକ ଅସ୍ତ୍ର ନୁହେଁ, ଭାରତୀୟ ସଶସ୍ତ୍ର ବଳର ସାମର୍ଥ୍ୟର ବାର୍ତ୍ତା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଲକ୍ଷ୍ନୌଠାରେ ଏହି ସୁପରସୋନିକ୍ କ୍ରୁଜ୍ ମିଶାଇଲ୍ ସିଷ୍ଟମ୍‌ର ସର୍ବବୃହତ୍ ସମନ୍ୱିତ ଓ ପରୀକ୍ଷଣ ୟୁନିଟ୍‌କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ଭାରତ ଏବେ ବିଶ୍ୱର ଅନ୍ୟତମ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର। ଆମେ ଆମର ସାମର୍ଥ୍ୟ କ୍ରମାଗତ ଭାବେ ବଢ଼ାଇ ଚାଲିଛୁ ଏବଂ ମୋର ବିଶ୍ୱାସ ବ୍ରହ୍ମୋସ୍‌ର ଏହି ନୂଆ ଉତ୍ପାଦନ ଓ ପରୀକ୍ଷଣ କେନ୍ଦ୍ର ଭାରତର ଶକ୍ତି ସାମର୍ଥ୍ୟକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଦିଲ୍ଲୀରୁ ଉକ୍ତ ଫାସିଲିଟିକୁ ଭର୍ଚୁଆଲି ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ବିଶ୍ୱର ଦ୍ରୁତତମ, ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର





ମଧ୍ୟରେ ବ୍ରହ୍ମୋସ୍ ଅନ୍ୟତମ। ଏହା ଆମ ସଶସ୍ତ୍ର ବଳର ସାମର୍ଥ୍ୟର ବାର୍ତ୍ତା, ଶତ୍ରୁ ପ୍ରତି ଆମ ଅବରୋଧ ଶକ୍ତିର ବାର୍ତ୍ତା ଏବଂ ଆମ ସୀମାକୁ ସୁରକ୍ଷିତ ରଖିବାର ପ୍ରତିଶ୍ରୁତିବଦ୍ଧତା ବୋଲି ରାଜନାଥ କହିଛନ୍ତି।

ଉତ୍ତରପ୍ରଦେଶ ପ୍ରତିରକ୍ଷା ଶିଳ୍ପାଞ୍ଚଳ କରିଡରରେ ୩୦୦ କୋଟି ଟଙ୍କା ବ୍ୟୟରେ ବ୍ରହ୍ମୋସ୍ ଉତ୍ପାଦନ ଓ ପ୍ରଶିକ୍ଷଣ ୟୁନିଟ୍ ସ୍ଥାପନ କରାଯାଇଛି, ଯାହା ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତା ପ୍ରତିଶ୍ରୁତିବଦ୍ଧତାର ପ୍ରତିନିଧିତ୍ୱ କରୁଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଏଠାରେ ବର୍ଷକୁ ୧୦୦ରୁ ୧୫୦ ବ୍ରହ୍ମୋସ୍ ମିଶାଇଲ୍ ଉତ୍ପାଦନ କରାଯିବ। ଏହି ଫାସିଲିଟି କ୍ଷେପଣାସ୍ତ୍ର ଉତ୍ପାଦନ ସହ ପରୀକ୍ଷା, ସମନ୍ୱୟ ସମେତ ଏରୋସ୍ପେସ୍-ଗ୍ରେଡ୍ ଉପକରଣ ପାଇଁ ଏକ କମ୍ପ୍ଲେକ୍ସ ଭାବେ କାର୍ଯ୍ୟ କରିବ। ୨୯୦ରୁ ୪୦୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ଥିବା ବ୍ରହ୍ମୋସ୍‌ର ସର୍ବାଧିକ ବେଗ ମାକ୍ ୨.୮। ଭାରତ ଏବଂ ରୁଷିଆର ମିଳିତ ଉଦ୍ୟୋଗ ବ୍ରହ୍ମୋସ୍ ଏରୋସ୍ପେସ୍ ଏହାର ଉତ୍ପାଦନ କରୁଛି। ସ୍ଥଳ, ଜଳ ଓ ଆକାଶରୁ ଏହାକୁ ନିକ୍ଷେପ କରାଯାଇପାରିବ। ୩ ବର୍ଷ ୬ ମାସ ମଧ୍ୟରେ ଏହି କାରଖାନା ନିର୍ମାଣ କରାଯାଇଛି।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ | Bhubaneswar, Monday, May 12/2025 | ପୃଷ୍ଠା-୧




ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଅସ୍ତ୍ରବିରତି ସହମତି ପରେ ରବିବାର ଜମ୍ମୁ-କଶ୍ମୀରର ବାରମୂଲା ଅଞ୍ଚଳର ଲୋକେ ନିଜ ଘରକୁ ଫେରିବା ପାଇଁ ସରକାରୀ ଅନୁମତି ଅପେକ୍ଷାରେ।

## ଅପରେଶନ ସିନ୍ଦୂରରେ ୫ ଯବାନଙ୍କୁ ହରାଇଛି ଭାରତ

### ୩୫ରୁ ଅଧିକ ପାକ୍ ସୈନ୍ୟ ନିହତ

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଜବାବରେ ନିଆଯାଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂରରେ ଭାରତ ୫ ଯବାନଙ୍କୁ ହରାଇଥିବା ସେନା ପକ୍ଷରୁ ରବିବାର ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ୭ରୁ ୧୦ ତାରିଖ ମଧ୍ୟରେ ନିୟନ୍ତ୍ରଣ ରେଖାରେ ଗୁଳିଗୋଳା ବିନିମୟ ବେଳେ ପାକିସ୍ତାନର ପ୍ରାୟ ୩୫ରୁ ୪୦ ସୈନ୍ୟ ନିହତ ହୋଇଛନ୍ତି। ୭ ତାରିଖରେ ଭାରତ ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରର ୯ଟି ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ ହୋଇଥିଲା। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଆମେ ଆକ୍ରମଣ କରିଥିଲୁ। ସେମାନେ ଆମ ସୀମାରେ ପ୍ରବେଶ କରି ଭିତ୍ତିଭୂମିକୁ ଟାର୍ଗେଟ କରିବାରୁ ଓଜନଦାର ଅସ୍ତ୍ରରେ ଏହାର ଜବାବ ଦିଆଯାଇଥିଲା ବୋଲି ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି।

## ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ କରାଇଥିବା ପାକିସ୍ତାନ ମାନିଲା

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ୨୦୧୯ରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ଭୂମିକା ଥିବା ଏହାର ସେନା ଅଧିକାରୀ ସ୍ୱୀକାର କରିଛନ୍ତି। ଏହି ଆକ୍ରମଣରେ ସିଆର୍‌ପିଏଫ୍‌ର ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପାକିସ୍ତାନୀ ସେନାର ଏକ 'ସାମରିକ ପ୍ରତିଭା' ବୋଲି ଏହାର ବାୟୁସେନା ଭାଇସ୍ ମାର୍ଶାଲ ଔରଙ୍ଗଜେବ୍ ଅହମଦ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ସେ ପାକିସ୍ତାନ ବାୟୁସେନାର ଜନସମ୍ପର୍କ ଡିଜି ରହିଛନ୍ତି। ପୁଲ୍‌ୱାମା ଆକ୍ରମଣରେ ସମ୍ପୃକ୍ତିକୁ ପାକିସ୍ତାନ ଆଜି ପର୍ଯ୍ୟନ୍ତ ଅସ୍ୱୀକାର କରିଆସୁଥିବାବେଳେ ଏବେ ନିଜେ ସତ ଓକାଳିଛି। ଔରଙ୍ଗଜେବ୍‌ଙ୍କ ସ୍ୱୀକାରୋକ୍ତି ଦ୍ୱାରା କେବଳ ପୁଲ୍‌ୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ପଦାରେ ପଡ଼ିନାହିଁ, ବରଂ ଗତ ମାସ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ଏହାର ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନ ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ନ ଥିବା କହି ଭାରତକୁ ପ୍ରମାଣ ମାଗୁଥିବାବେଳେ ଔରଙ୍ଗଜେବ୍‌ଙ୍କ ସ୍ୱୀକାରୋକ୍ତି ଏହା ବିରୋଧରେ ଯାଇଛି।

# ଅସ୍ତ୍ରବିରତି ପରେ ରାଜନୀତି

## ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ, ଖାର୍ଗେ

**ପାକିସ୍ତାନ ସହ ଅସ୍ତ୍ରବିରତି ନେଇ କେନ୍ଦ୍ର ସରକାର ଘୋଷଣା କରିବାର ଦିନକ ପରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। 'ଅପରେଶନ୍ ସିନ୍ଦୂର' ସିଜ୍‌ଫାୟାର ସମ୍ପର୍କରେ ଆଲୋଚନା ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ସେ ଦାବି କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଥମେ ଅସ୍ତ୍ରବିରତି ସମ୍ପର୍କରେ ଘୋଷଣା କରିଥିବା ପ୍ରସଙ୍ଗ ମଧ୍ୟ ରାହୁଲ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୂପ କଥା କହିଛନ୍ତି। ଏତିକି ନୁହେଁ, କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣକୁ ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି। କଶ୍ମୀର ଉପରେ କେନ୍ଦ୍ର ସରକାର ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଗ୍ରହଣ କରିନେଇଛନ୍ତି କି ବୋଲି ବିରୋଧୀ ଦଳ ସରକାରଙ୍କଠାରୁ ଜବାବ ମାଗିଛି। ଶନିବାର ଅପରାହ୍ନ ୫ଟାରୁ ଅସ୍ତ୍ରବିରତି ଘୋଷଣା କରାଯାଇଥିବାବେଳେ ରବିବାର ସକାଳୁ ଦେଶରେ ରାଜନୀତି ସରଗରମ ହେବାରେ ଲାଗିଛି।**

ନୂଆଦିଲ୍ଲୀ,୧୧।୫

ପହଲଗାମ୍ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ସରକାରଙ୍କ ପ୍ରତିଟି କାର୍ଯ୍ୟାନୁଷ୍ଠାନକୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। କିନ୍ତୁ ରବିବାର ଅସ୍ତ୍ରବିରତିକୁ ୨୪ ଘଣ୍ଟା ନ ବିତୁଣୁ ଏହି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତିଙ୍କ ଭୂମିକାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପହଲଗାମ୍ ଆକ୍ରମଣଠାରୁ ନେଇ 'ଅପରେଶନ୍ ସିନ୍ଦୂର' ଓ ତତ୍ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ପାଇଁ ସର୍ବଦଳୀୟ ବୈଠକ ଏବଂ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବାବେଳେ ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଲଟ୍ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନନ୍ତି, ୧୯୭୧ ଯୁଦ୍ଧ ପରେ ମଧ୍ୟ ତତ୍କାଳୀନ ସରକାରଙ୍କ ଉପରେ ଅନୁରୂପ ଚାପ ସୃଷ୍ଟି କରାଯାଇଥିଲା। ସେତେବେଳେ ଆମେରିକା ସରକାର ନିଜ ସେନାର ସପ୍ତମ ଫ୍ଲିଟ୍ ପଠାଇବାକୁ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଜ କାର୍ଯ୍ୟ କରିଥିଲେ। ବର୍ତ୍ତମାନର ସିଜ୍‌ଫାୟାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଛନ୍ତି। ଏପରି କି ସେ କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣ ଉଦ୍ୟମ ହୋଇଥିବାରୁ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ। ସରକାର ସଂସଦର ଅଧିବେଶନ ଡାକି ୧୯୯୪ରେ ନିଆଯାଇଥିବା ସଂକଳ୍ପନାମାକୁ ପୁନର୍ବାର ଗୃହୀତ କରାନ୍ତୁ। ୧୯୯୪ ସଂକଳ୍ପନାମା ଅନୁସାରେ କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ତୃତୀୟ ପକ୍ଷର ସମ୍ପୃକ୍ତିକୁ ଏଥିରେ ଅଗ୍ରାହ୍ୟ କରାଯାଇଛି।

ତେବେ କେବଳ କଂଗ୍ରେସ ନୁହେଁ, ଶିବସେନା ୟୁବିଟି ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ ଅନୁରୂପ ଦାବି କରିଛନ୍ତି। ଆପ୍‌ର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଆମେରିକା କାହିଁକି ସିଜ୍‌ଫାୟାର ଘୋଷଣା କଲା? ଭାରତର ସାର୍ବଭୌମତ୍ୱକୁ ନେଇ କାହିଁକି ପ୍ରଶ୍ନ ଉଠୁଛି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି ବୋଲି ସଞ୍ଜୟ କହିଛନ୍ତି।

ସରକାର ବର୍ତ୍ତମାନ ସୁଦ୍ଧା ସ୍ଥିତି ଉପରେ ପ୍ରତିକ୍ରିୟା ଦେବା ପାଇଁ ଅଧିକାରୀମାନଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଇଛନ୍ତି। ତେଣୁ ଅସ୍ତ୍ରବିରତି ଚୂଡ଼ାନ୍ତ ନୁହେଁ ଏବଂ ଆଗକୁ କ'ଣ ହେଉଛି ତା' ଉପରେ ନଜର ରଖାଯାଇଥିବା ସଙ୍କେତ ମିଳୁଛି ବୋଲି ଅନେକେ କହୁଛନ୍ତି। ଏଭଳି ସମୟରେ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା ଓ କଂଗ୍ରେସକୁ ସମାଲୋଚନା କରାଯାଇଛି। ୧୯୭୧ ଯୁଦ୍ଧ ପରେ ଇନ୍ଦିରା ଗାନ୍ଧୀଙ୍କ ସରକାର କୌଣସି ରଣନୈତିକ ଲାଭକୁ ସୁନିଶ୍ଚିତ ନ କରି ୯୦,୦୦୦ରୁ ଊର୍ଦ୍ଧ୍ୱ ଯୁଦ୍ଧବନ୍ଦୀଙ୍କୁ ଛାଡ଼ିଦେଇଥିଲେ। କିନ୍ତୁ ମୋଦିଙ୍କ ନେତୃତ୍ୱରେ ପାକିସ୍ତାନ ମାତ୍ର ୭୨ ଘଣ୍ଟା ଭିତରେ ଆଣ୍ଠେଇ ପଡ଼ିଛି ବୋଲି ଭାଜପା ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

## ରାୱଲପିଣ୍ଡିରେ ଅନୁଭୂତ ହେଲା ଭାରତୀୟ ସାମରିକ ଶକ୍ତି: ରାଜନାଥ

ନୂଆଦିଲ୍ଲୀ,୧୧।୫

'ଅପରେଶନ ସିନ୍ଦୂର' ଅଧୀନରେ ଭାରତୀୟ ସଶସ୍ତ୍ର ବଳ କେବଳ ସୀମାନ୍ତବର୍ତ୍ତୀ ପାକିସ୍ତାନୀ ସେନାଘାଟିଗୁଡ଼ିକୁ ଉଡ଼ାଇଦେଇଛି ତାହାନୁହେଁ, ଭାରତୀୟ ସାମରିକ ଶକ୍ତି ପାକିସ୍ତାନୀ ସେନାର ମୁଖ୍ୟାଳୟ ରାୱଲପିଣ୍ଡିରେ ମଧ୍ୟ ଅନୁଭୂତ ହୋଇଛି ବୋଲି ରବିବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଲକ୍ଷ୍ନୌରେ ବ୍ରହ୍ମୋସ ମିଶାଇଲ୍‌ର ଏକ ପ୍ରଡକ୍ସନ ୟୁନିଟ୍‌ର ଉଦ୍‌ଘାଟନ ବେଳେ ଭର୍ଚୁଆଲି ସମ୍ବୋଧିତ କରି ରାଜନାଥ ଏପରି ମନ୍ତବ୍ୟ ଦେଇଛନ୍ତି। ରାଜନାଥ କହିଛନ୍ତି, ଭାରତୀୟ ସେନା ଭାରତବିରୋଧୀ ତତ୍ତ୍ୱ ଓ ଆତଙ୍କବାଦୀମାନଙ୍କୁ ଦଣ୍ଡିତ କରିଛି, ଯେଉଁମାନେ କି ପହଲଗାମ୍ ଆକ୍ରମଣ ଜରିଆରେ ଅନେକ ପରିବାରର ସିନ୍ଦୂର ଲିଭାଇଦେଇଥିଲେ। ଉଲ୍ଲେଖଯୋଗ୍ୟ ମେ' ୭ ତାରିଖ ଭୋର ସମୟରେ ଭାରତ ପକ୍ଷରୁ ଅପରେଶନ୍ ସିନ୍ଦୂର ଆରମ୍ଭ କରାଯାଇଥିଲା। ଏଥିରେ ପାକିସ୍ତାନ ଏବଂ ପିଓକେସ୍ଥିତ ୯ ସ୍ଥାନରେ ଆତଙ୍କବାଦୀଙ୍କ ମୁଖ୍ୟାଳୟ ଓ ଶିବିରଗୁଡ଼ିକୁ ମିଶାଇଲ ମାଡ଼ କରି ଧ୍ୱସ୍ତ ବିଧ୍ୱସ୍ତ କରିଦିଆଯାଇଛି। ମୋଟାମୋଟି ଭାବେ ପାକିସ୍ତାନୀ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି ଅପରେଶନ୍ ସିନ୍ଦୂର।

# ପ୍ରଧାନମନ୍ତ୍ରୀଙ୍କୁ ସ୍ଥିତି ଅବଗତ କରାଇଲେ ୩ ସେନା ମୁଖ୍ୟ



ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଏନ୍‌ଏସ୍‌ଏ ଅଜିତ୍ ଡୋଭାଲ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ସିଡିଏସ୍ ଅନିଲ ଚୌହାନ ଏବଂ ୩ ସେନାମୁଖ୍ୟ ।

ନୂଆଦିଲ୍ଲୀ,୧୧।୫

ପାକିସ୍ତାନ ସହ ଅସ୍ତ୍ରବିରତି ଘୋଷଣାର ଦିନକ ପରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ ଯୋଗଦେଇଥିଲେ। ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ମାର୍ଶଲ ଏ.ପି. ସିଂ ଓ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସ୍ଥିତି ଉପରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସୀମା ଉପରେ କଡ଼ା ନଜର ରଖି ପାକିସ୍ତାନ ପଟୁ ସମ୍ଭାବ୍ୟ ଅତିକ୍ରମଣର କଡ଼ା ଜବାବ ଦେବା ପାଇଁ ପ୍ରଧାନମନ୍ତ୍ରୀ ୩ ସେନା ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବା ସୂତ୍ରରୁ ଜଣାପଡ଼ିଛି।

## କରାଚୀ ଆକ୍ରମଣ ପାଇଁ ନୌସେନା ପ୍ରସ୍ତୁତ ଥିଲା

ନୂଆଦିଲ୍ଲୀ,୧୧।୫

ଅପରେଶନ ସିନ୍ଦୂର ବେଳେ ନୌସେନାର ଯୁଦ୍ଧଜାହାଜ ଆରବ ସାଗରରେ ମୁତୟନ ଥାଇ କରାଚୀ ଉପରେ ଆକ୍ରମଣ ନିମନ୍ତେ ପ୍ରସ୍ତୁତ ରହିଥିଲା। ଭାରତୀୟ ଯୁଦ୍ଧଜାହାଜର ଉପସ୍ଥିତି ଯୋଗୁ ପାକିସ୍ତାନୀ ନୌସେନା ଆଗକୁ ବଢ଼ି ନ ପାରି ଏହାର ଉପକୂଳରେ ରହିବାକୁ ବାଧ୍ୟ ହୋଇଥିବା ନୌସେନା ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ ରବିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୌସେନାର ଯୁଦ୍ଧବିମାନବାହୀ ଜାହାଜ, ବୁଡ଼ାଜାହାଜ ଏବଂ ଅନ୍ୟ ଆସେଟ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ଯୁଦ୍ଧପ୍ରସ୍ତୁତି ସହ ସମୁଦ୍ରରେ ମୁତୟନ କରାଯାଇଥିଲା। ଆତଙ୍କବାଦୀ ଆକ୍ରମଣର ୯୬ ଘଣ୍ଟା ମଧ୍ୟରେ ଆରବ ସାଗରରେ ଏକାଧିକ ଅସ୍ତ୍ର ପରୀକ୍ଷା କରାଯାଇଥିଲା। ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଟାର୍ଗେଟ କରିବା ପାଇଁ ଆମ ସୈନ୍ୟ, ଅସ୍ତ୍ରଶସ୍ତ୍ର ଏବଂ ଉପକରଣ ତଥା ପ୍ଲାଟ୍‌ଫର୍ମ ପ୍ରସ୍ତୁତିକୁ ସ୍ପଷ୍ଟ କରିବା ଏହାର ଲକ୍ଷ୍ୟ ଥିଲା। ପାକିସ୍ତାନ ପକ୍ଷର କୌଣସି ଆକ୍ରମଣକୁ ପ୍ରତିହତ କରିବା ସହ କରାଚୀ ସମେତ ବିଭିନ୍ନ ଟାର୍ଗେଟକୁ ଆକ୍ରମଣ ପାଇଁ ଆମେ ପ୍ରସ୍ତୁତ ରହିଥିଲୁ ବୋଲି ଭାଇସ୍ ଆଡମିରାଲ କହିଛନ୍ତି।


SIKSHA 'O' ANUSANDHAN

SAAT-2025

Empowering students for a brighter future

AGRICULTURAL PROGRAMMES OFFERED
- B.Sc. (H) Agriculture
- M.Sc. Agriculture

APPROVAL & RECOGNITIONS
- Approved by UGC and ICAR
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

**ଆଜିର ମନ୍ତବ୍ୟ**

"ଏଣିକି ପାକିସ୍ତାନ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନେବାର ଦୁଃସାହସ କରେ, ତେବେ ଆମେ କ'ଣ କରିବୁ ତାହା ଇସ୍‌ଲାମାବାଦ ଭଲଭାବେ ଜାଣେ।
–ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ, ନୌସେନା ଅଭିଯାନ ଡିଜି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୋକନାଥ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରେନିଂ ଆଣ୍ଡ କୋଚିଂ ଏକାଡେମୀ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତ୍ରିଶୂଳିଆ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ୪୬ତମ ଶ୍ରୀ ନୃସିଂହନାଥ ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରମ୍ପେଇ–ଖୁଣ୍ଟୁଣୀ ହାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଗୋପେଶ୍ୱର ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଯଜ୍ଞ ଓ ପ୍ରସାଦ ସେବନ,ସ୍ଥାନ:କୁସୁନ୍ଦାସପୁର, ଔପଦା,ସମୟ:ଦିବସବ୍ୟାପୀ।
- ଭାଗବତ କଥାମୃତ ପ୍ରବଚନ ସଭାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସାର୍ବଜନୀନ ମିର୍ଜାପୋଖରୀ ୧୦୭ତମ ଚନ୍ଦନ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ: ମିର୍ଜାପୋଖରୀ ଆଡ଼ି, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିବବିବାହ ଉପଲକ୍ଷେ ଲଗ୍ନଧରା, ସ୍ଥାନ: ଆରଡ଼ି, ସମୟ: ଅପରାହ୍ନ ୪ଟା।
- ଭାଗବତ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଅଷ୍ଟପ୍ରହର ଓ ନାମଯଜ୍ଞ, ସ୍ଥାନ: ଶୀର୍ଷାପାଳ, ଅସ୍ତିଆ, ମୋରଡ଼ା, ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ–୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମଦିବସ ପାଳନ, ସ୍ଥାନ: ମହୁଲଡିହା, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିନାଥ ଗୋସାଇଁ କମିଟି ପକ୍ଷରୁ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ,ସ୍ଥାନ: ଉଦଳା ହାଇସ୍କୁଲ ଛକ (ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆ),ସମୟ:ଅପରାହ୍ନ ୩ଟା୩୦।
- ମହେଶ ଦାଶ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ୍, ବାରିପଦା, ସମୟ: ଅପରାହ୍ନ ୪ଟା।
- ଚନ୍ଦନ ପୂର୍ଣ୍ଣିମା ଉପଲକ୍ଷେ ମଦନମୋହନଙ୍କ ନୌକା ଯାତ୍ରା, ସ୍ଥାନ: ଚିତ୍ରଡ଼ା ରାଜା ବନ୍ଧ, ମୋରଡ଼ା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶର ଷଡତ୍ରିଂଶତମ ସଂସ୍ଥାପନ ଦିବସ, ସ୍ଥାନ: ଶ୍ରୀ ଅରବିନ୍ଦ ଭବନ, ସମୟ: ସକାଳ ୭ଟା।
- ସମାବର୍ତ୍ତନ ଉତ୍ସବ, ସ୍ଥାନ: ଗୋଷାଣୀ ନୂଆଗାଁ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ଗାୟକ ଓ ବାୟକ ମାନଙ୍କର ପାଠଶାଳା ଓ ଆଲୋଚନାଚକ୍ର, ସ୍ଥାନ: ସତ୍ୟ ନାରାୟଣ ପାଲା ମଣ୍ଡପ, ତରଭା, ସମୟ: ସକାଳ ୯ଟା।
- ଲ୍ୟାମ୍ପ ଲାଇଟିଂ ସେରେମୋନି, ସ୍ଥାନ: ସିନର୍ଜି ନର୍ସିଂ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜନଗର, ସମୟ: ସକାଳ ୮ଟା ୩୦।
- ଶ୍ରୀ ବଳଦେବଜୀଉଙ୍କ ଗଜ ଉଦ୍ଧାର ବେଶ, ସ୍ଥାନ: ଇଚ୍ଛାପୁର ମନ୍ଦିର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଶଙ୍ଖକର୍ଣ୍ଣ ପୋଡ଼ି ଉତ୍ସବ, ସ୍ଥାନ: ନନ୍ତାର, କୋରୋ, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।
- ମା'ମହିପାଳିନୀ ମନ୍ଦିରର ବାର୍ଷିକ ଉତ୍ସବ ଓ ରାମଚରିତ ମାନସ ପାରାୟଣ, ସ୍ଥାନ: ମହୀପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'କଣସରା ଓ ଶ୍ରୀହନୁମାନଜୀଉ ପୀଠ, ଦାଣ୍ଡି, ରାଜନଗର, ସମୟ: ସକାଳ ୭ଟା।

## ଯାଜପୁର

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା' ପଳାଶବୁଢ଼ୀ ପୀଠ, ସମୟ: ରାତି ୮ଟା।

## ନୟାଗଡ଼

- ଚନ୍ଦନଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ତ୍ରୟୋଦଶ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ତ୍ରୟୋଦଶ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ତ୍ରୟୋଦଶ ଦିବସ, ସ୍ଥାନ:ନୟାଗଡ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।

## କୋରାପୁଟ

- ଗଙ୍ଗା ମା'ଙ୍କ ଘଟଯାତ୍ରା ଶୁଭାରମ୍ଭ, ସ୍ଥାନ: ଦୁର୍ଗାମନ୍ଦିର ପରିସର, ସେମିଳିଗୁଡା, ସମୟ: ସକାଳ ୬ଟା।
- ପରୁଆମାଳି ଗୁମ୍ଫାରେ ପାହାଡ ଯାତ୍ରା, ଡଙ୍ଗରଦେବୀଙ୍କ ପୂଜା, ସ୍ଥାନ:ପରୁଆମାଳି ପାହାଡ, ଡାରେଙ୍ଗବା, ସମୟ: ସକାଳ ୭ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜମନକିରା ବ୍ଲକ ପରିସର, ସମୟ : ସକାଳ ୭ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭୀମ ଭୋଇ ଶିଶୁ ଉଦ୍ୟାନ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ଥାନ : ଭୀମ ଭୋଇ ନଗର ସ୍ଥିତ ଭୀମ ଭୋଇ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜନର ସନ୍ଥକବି ଭୀମ ଭୋଇ ଜୟନ୍ତୀ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ହରିଶଙ୍କର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ହରିଶଙ୍କର ପୀଠ, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୭ଟା।
- ଭୀମ ଭୋଇ ଜୟନ୍ତୀ ସମାରୋହ, ସ୍ଥାନ: ଆଇନ ମହାବିଦ୍ୟାଳୟ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ସାଇବାବା ମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ, ସ୍ଥାନ: ଶକ୍ତିନଗର, ସମୟ: ସକାଳ ୫ଟା।
- ଶିଶୁ ନାଟ୍ୟ କର୍ମଶାଳା, ସ୍ଥାନ: ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର–୨୦, ସମୟ: ସକାଳ ୭ଟା ୩୦।
- ଚନ୍ଦନ ଯାତ୍ରା ଉଦ୍‌ଯାପନ ଉତ୍ସବ, ସ୍ଥାନ: ସେକ୍ଟର–୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ବୈଶାଖ ମେଳାରେ ବିଶ୍ୱଶାନ୍ତି ମହାଯଜ୍ଞ,ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଳ, ସମୟ:ସକାଳ ୭ଟା।
- ବୁଦ୍ଧଙ୍କ ପ୍ରତିମୂର୍ତ୍ତି ସ୍ଥାପନୋତ୍ସବ, ସ୍ଥାନ:ବଗେଇବିରା ଡୁଙ୍ଗୁରି, ବରଗଡ଼, ସମୟ:ସକାଳ ୯ଟା।
- ମାହେଶରୀ ନର୍ସିଂ କଲେଜରେ ବାର୍ଷିକ ଉତ୍ସବ ଓ ନର୍ସ ଡେ, ସ୍ଥାନ:ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ:ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖ ମେଳାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ:ନୃସିଂହନାଥ ମନ୍ଦିର, ପାଇକମାଳ,ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ:କଟାପାଲି, ବରଗଡ଼,ସମୟ:ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ

- ବୁଦ୍ଧ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ଭୀମ ପାହାଡ, କେଳାକଟା, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୫ଟା।
- ସନ୍ଥକବି ଭୀମଭୋଇଙ୍କ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ: ଗୋପପୁର, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୫ଟା।
- ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ, ସ୍ଥାନ: ମହାନଦୀ ଆଳତି ଘାଟ, ବୌଦ୍ଧ, ସମୟ ସନ୍ଧ୍ୟା ୬ଟା।
- ଚତୁର୍ଥ ଗନ୍ଧରାଡୀ ଲୋକକଳା ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକ ମରାଡୁଗୋଛା ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ଅହୋରାତ୍ର।
- ଭୀମଭୋଇ କଳା ନିକେତନ ତରଫରୁ ଭୀମଭୋଇ ଜୟନ୍ତୀ ପାଳିତ, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସକାଳ ୭ଟା୩୦।
- ଭୀମ ଭୋଇ ଜନ୍ମ ସ୍ମୃତି ପୀଠ ତରଫରୁ ଭୀମଭୋଇ ଜୟନ୍ତୀ ପାଳିତ, ସ୍ଥାନ: ଜଟେସିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ସମୟ: ସକାଳ ୯ଟା।
- ଦେଉଳମୁଣ୍ଡା ଭାଗବତ ସପ୍ତାହ ପାରାୟଣ ଦ୍ୱିତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ୩୦।

# ପାକିସ୍ତାନ ପାଇଁ ଗୁପ୍ତଚର କାର୍ଯ୍ୟ ଅଭିଯୋଗରେ ୨ ଗିରଫ

**ଅମୃତସର, ୧୧।୫**

ଭାରତର ଗୁପ୍ତ ସାମରିକ ତଥ୍ୟ ପାକିସ୍ତାନକୁ ଯୋଗାଉଥିବା ଅଭିଯୋଗରେ ରବିବାର ପଞ୍ଜାବ ପୋଲିସ ଅମୃତସରର ଅଜଲାନା ଅଞ୍ଚଳରୁ ପାଲକ ଶେର ମସିହ ଏବଂ ସୁରଜ ମସିହ ନାମକ ୨ ବ୍ୟକ୍ତିଙ୍କୁ ଗିରଫ କରିଛି। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଏହି ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଉଭୟ ଅଭିଯୁକ୍ତ ଜଣେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଭାରତୀୟ ସେନାର କାର୍ଯ୍ୟକଳାପକୁ ନେଇ ବିଭିନ୍ନ ସମ୍ବେଦନଶୀଳ ସୂଚନା ଲିକ୍ କରୁଥିଲେ। ଉଭୟେ ନୂଆଦିଲ୍ଲୀରେ ଥିବା ପାକିସ୍ତାନ ହାଇକମିଶନରରେ ନିଯୁକ୍ତ ଜଣେ ଅଧିକାରୀଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଭାରତର ସାମରିକ ଗୁପ୍ତ ସୂଚନା ଲିକ୍ କରୁଥିବା ସେ କହିଛନ୍ତି।

# ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ପୁଟିନ୍‌ଙ୍କ ପ୍ରସ୍ତାବ

**ମସ୍କୋ,୧୧।୫(ପି.ଟି.)**



କୌଣସି ପ୍ରାକ୍ ସର୍ତ୍ତାବଳୀ ବିନା ୟୁକ୍ରେନ୍ ସହ ଆସନ୍ତା ୧୫ରେ ଇସ୍ତାନବୁଲ୍‌ରେ ସିଧାସଳଖ ଶାନ୍ତି ଆଲୋଚନା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରବିବାର ପ୍ରସ୍ତାବ ଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହାକୁ ସ୍ୱାଗତ କରିଥିବାବେଳେ ମସ୍କୋ ପ୍ରଥମେ ଅସ୍ତ୍ରବିରତି ପାଇଁ ରାଜି ହେବା ଆବଶ୍ୟକ ବୋଲି କହିଛନ୍ତି। ପୁଟିନ୍ କହିଛନ୍ତି, ଯୁଦ୍ଧର ମୂଳ କାରଣକୁ ଦୂର କରି ଏକ ଦୀର୍ଘମିଆଦୀ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ପହଞ୍ଚିବା ଆଲୋଚନାର ଉଦ୍ଦେଶ୍ୟ। ଏଥିପାଇଁ ୧୫ ତାରିଖରୁ ପ୍ରତ୍ୟକ୍ଷ ଆଲୋଚନା ଆରମ୍ଭ ହେବା ଆବଶ୍ୟକ। ଏଥିରେ କୌଣସି ପ୍ରାକ୍ ସର୍ତ୍ତ ରହିବା ଉଚିତ ନୁହେଁ ବୋଲି ପୁଟିନ୍ କହିଛନ୍ତି। ସୂଚନାଯୋଗ୍ୟ, କିଛି ଘଣ୍ଟା ପୂର୍ବରୁ କିଭ୍‌ରେ ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ ଏବଂ ପୋଲାଣ୍ଡର ନେତାମାନେ ଜେଲେନସ୍କିଙ୍କ ସହ ଏକାଠି ହୋଇ ସୋମବାରରୁ ୩୦ ଦିନିଆ ଯୁଦ୍ଧବିରତି ଆରମ୍ଭ କରିବାକୁ ରାଜି ହେବା ନିମନ୍ତେ ପୁଟିନ୍‌ଙ୍କୁ ନିବେଦନ କରିଥିଲେ। ଯୁଦ୍ଧବିରତି ପାଇଁ ରାଜି ନ ହେଲେ ମସ୍କୋକୁ ଅଧିକ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

# ଚଳନ୍ତା କାର୍‌ରେ ନାବାଳିକାଙ୍କୁ ଗଣବଳାତ୍କାର

**ବୁଲନ୍ଦସହର, ୧୧।୫**

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଜଣେ ନାବାଳିକାଙ୍କୁ ଚଳନ୍ତା କାରରେ ଗଣବଳାତ୍କାର କରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ରବିବାର ଏହି ମାମଲାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସକୁ ଏନ୍‌କାଉଣ୍ଟର କରିବାକୁ ପଡ଼ିଥିଲା। ଏହାପରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସର ଏନ୍‌କାଉଣ୍ଟରରେ ୨ ଅଭିଯୁକ୍ତ ଆହତ ହୋଇଛନ୍ତି। ଘଟଣା ସମ୍ପର୍କରେ ବୁଲନ୍ଦସହର ଏସ୍‌ପି (ଗ୍ରାମୀଣ) ତେଜ୍‌ବୀର ସିଂ ସୂଚନା ଦେଇ କହିଛନ୍ତି, ଗତ ୬ ତାରିଖ ସନ୍ଧ୍ୟାରେ ଗିରଫ ଅଭିଯୁକ୍ତମାନେ ସୁରଜପୁର ଥାନା ଅନ୍ତର୍ଗତ ଜନପଦ ଗୌତମବୁଦ୍ଧ ନଗର ଅଞ୍ଚଳରେ ଚାକିରି ଦେବା ପାଇଁ ସାହାଯ୍ୟ କରିବା ବାହାନାରେ ୨ ଜଣ ନାବାଳିକାଙ୍କୁ କାର୍‌ରେ ବସାଇ ନେଇଥିଲେ। ମିରଟର ଥାନାଜାନି ଅଞ୍ଚଳରେ ସେମାନେ ପୀଡ଼ିତାଙ୍କ ବନ୍ଧୁଙ୍କୁ ଧକ୍କା ଦେଇ ଚଳନ୍ତା କାର୍‌ରୁ ତଳେ ପକାଇ ଦେଇଥିଲେ। ଘଟଣାରେ ଉକ୍ତ ନାବାଳିକା ଗୁରୁତର ଆହତ ହୋଇଥିବାବେଳେ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଚଳନ୍ତା କାର୍‌ରେ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଗଣବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୋଲିସ ପୋକ୍‌ସୋ ଆକ୍ଟ ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୧୫(୨), ୭୦ (୨), ୩୫୧ (୨) ଅନୁଯାୟୀ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଖାତକୁ ଖସିଲା ବସ୍: ୨୧ ମୃତ



କୋଟମାଲେଠାରେ ରବିବାର ଏକ ଯାତ୍ରୀବାହୀ ବସ୍ ଖାତରେ ଖସି ପଡିବା ପରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

**କଲମ୍ବୋ, ୧୧।୫**

ଶ୍ରୀଲଙ୍କାର ସେଣ୍ଟ୍ରାଲ ପ୍ରୋଭିନ୍ସ ଅନ୍ତର୍ଗତ କୋଟମାଲେଠାରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପାହାଡ଼ିଆ ରାସ୍ତାରେ ଏକ ଯାତ୍ରୀବାହୀ ବସ୍ ଯାଉଥିବାବେଳେ ଏହା ନିୟନ୍ତ୍ରଣ ହରାଇ ଖାତକୁ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ସହ ୩୦ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ସହ ପୋଲିସ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ ଶ୍ରୀଲଙ୍କାର ପରିବହନ ଏବଂ ରାଜପଥ ଉପମନ୍ତ୍ରୀ ପ୍ରସନ୍ନ ଗୁଣସେନା ସୂଚନା ଦେଇଛନ୍ତି। ଉକ୍ତ ବସ୍‌ରେ ୭୫ ଜଣ ଯାତ୍ରୀ ଯାଉଥିବା ସେ କହିଛନ୍ତି।

# ମଣିପୁରରୁ ୧୧ ଉଗ୍ରବାଦୀ ଗିରଫ

**ଇମ୍ଫାଲ, ୧୧।୫**

ମଣିପୁରର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଲୋକଙ୍କଠାରୁ ବଟି ଆଦାୟ କରୁଥିବା ଅଭିଯୋଗରେ ରବିବାର ୧୧ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି। ଇମ୍ଫାଲ ପଶ୍ଚିମ, କାକଚିଙ୍ଗ, ବିଷ୍ଣୁପୁର, ଥୌବଲ ଆଦି ଜିଲାରୁ ଏହି ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି। ଗିରଫ ଉଗ୍ରବାଦୀଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପେଚା ବୋବାଏ ଯାହାର ବାଡ଼ି,
ତା' ଘରେ ପଶେ କଳି ଧୋକଡ଼ି।**

ପେଚା ପକ୍ଷୀର ରାବକୁ ଅଶୁଭର ପ୍ରତୀକ ବୋଲି ଧରାଯାଏ। ଯାହାଘରେ ବା ବାଡ଼ି ବଗିଚାରେ ପେଚା ବୋବାଏ ତା'ଘରେ ଅକାରଣରେ କଳିଝଗଡ଼ା ସୃଷ୍ଟି ହେବା ସହ କିଛି ଅମଙ୍ଗଳ ଘଟିବାର ଆଶଙ୍କା ବଢ଼ିଯାଉଥିବା ନେଇ ମନରେ ଅନ୍ଧବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଟି ସୁଆଦ,
ପେଟ ନ ଜାଣଇ ତହିଁର ଭେଦ।**

ପାଟି ସୁଆଦିଆ ଚିଜ ବାରିପାରେ। ପରନ୍ତୁ ପେଟରେ ସ୍ୱାଦ ଅସ୍ୱାଦର ଭେଦ ନାହିଁ। ପେଟ ମଧ୍ୟ ପାଟିର ସ୍ୱାଦ ଜାଣିବାକୁ ଅକ୍ଷମ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପାକିସ୍ତାନ କିଛି କଲେ ଆହୁରି...

କହିଥିଲେ। ମୋଦି ସବୁ ଶୁଣିବା ପରେ ଭାନ୍ସଙ୍କୁ କହିଥିଲେ, ପାକିସ୍ତାନ କିଛି କଲେ ଆହୁରି କଡ଼ା ଜବାବ ଦିଆଯିବ। ଭାନ୍ସ ଭାରତ–ପାକିସ୍ତାନ ଯୁଦ୍ଧରେ ଆମେରିକା ମୁଣ୍ଡ ପୂରାଇବ ନାହିଁ ବୋଲି କହିବା ପରେ ପ୍ରଧାନମନ୍ତ୍ରୀଙ୍କୁ ନୀତି ବାଣୀ ଶୁଣାଇବାକୁ ଉଦ୍ୟମ କରିଥିବାରୁ ସେ ଏପରି ଜବାବ ଦେଇଥିବା ମନେକରାଯାଉଛି।

### ୩ୟ ପକ୍ଷ ହସ୍ତକ୍ଷେପକୁ ...

ଆଶୀର୍ବାଦ କରନ୍ତୁ। ଟ୍ରମ୍ପ୍ ଏହି ପ୍ରସ୍ତାବ ଦେବା ମାତ୍ରେ ପାକିସ୍ତାନ ଏହାକୁ ସ୍ୱାଗତ କରିଛି। ଦକ୍ଷିଣ ଏସିଆରେ ଶାନ୍ତି ପ୍ରତିଷ୍ଠା ଓ ନିରାପତ୍ତା ପାଇଁ ଏହି ଦୀର୍ଘ ସମସ୍ୟାର ସମାଧାନ ଆବଶ୍ୟକ ବୋଲି ଇସ୍‌ଲାମାବାଦ କହିଛି। କେବଳ ଏତିକି ନୁହେଁ, ପାକିସ୍ତାନ ସରକାରଙ୍କ ପକ୍ଷରୁ ଜାରି ଏକ ବିବୃତିରେ ଅସ୍ତ୍ରବିରତି ଆଲୋଚନାରେ ଆମେରିକାର 'ସକାରାତ୍ମକ' ଭୂମିକାକୁ ମଧ୍ୟ ପ୍ରଶଂସା କରାଯାଇଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସଂକଳ୍ପନାମା ଅନୁସାରେ କଶ୍ମୀରୀ ଲୋକଙ୍କ ଆତ୍ମନିର୍ଦ୍ଧାରଣ ସମ୍ପର୍କିତ ମୌଳିକ ଅଧିକାରକୁ ସୁନିଶ୍ଚିତ କରାଯିବା ଜରୁରୀ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com


**ମେଷ** – ଆଜି କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ରାହୁ ପ୍ରଭାବରୁ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥି ପାଇଁ ଚିନ୍ତିତ ରହିଥିଲେ ଆଜି ତାହା ମିଳିପାରିବ।

**ବୃଷ** – ବନ୍ଧୁ କିମ୍ବା ସହକର୍ମୀ ସହଯୋଗର ହାତ ବଢ଼ାଇବେ ଫଳରେ ଆଜିର କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ଦ୍ୱାଦଶସ୍ଥ ରବିଙ୍କ ଯୋଗୁ ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** – ଆଜି କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମ ହାସଲ କରିବେ। ରାଜନୀତି , ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ବୃହସ୍ପତିଙ୍କ ହେତୁ ବ୍ୟବସାୟିକ ଦିଗ ମଧ୍ୟମ ପ୍ରକାର ରହିବ। ଆଲୋଚନା ପରିସରରେ କୌଣସି ନୀଚଜାତିର ବ୍ୟକ୍ତିଙ୍କ ସହ ଝଗଡ଼ା ଲାଗିପାରେ।

**କର୍କଟ** – ଖଟଣି ବଢ଼ିବ କିନ୍ତୁ ଯାହା ଯେତିକି ଓ ଯେମିତି ପାଇବା କଥା ତାହା ନ ପାଇ ଅନୁତପ୍ତ ହୋଇପାରନ୍ତି। କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହେବେ। ମକଦ୍ଦମା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ମାନସିକ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** – ଭାଗ୍ୟସ୍ଥାନରେ ବୁଧାଦିତ୍ୟ ଯୋଗରୁ ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ।

**କନ୍ୟା** – ଆନୁସଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି ଆଶା ପୂରଣ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବେ। ସପ୍ତମସ୍ଥ ପାପଗ୍ରହଜନିତ ଯାତ୍ରା କାଳରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିବ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ଦୁଃଖ ଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** – ସପ୍ତମାଧିପ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କ ଦ୍ୱାରା ଉପକୃତ ହେବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ । ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** – ଦୀର୍ଘଦିନ ହେଲା ଯାହା ହୋଇ ପାରି ନ ଥିଲା ଆଜି ତାହାର ସରଳ ସମାଧାନ ହୋଇଯିବ। ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳ ହେବେ। ଭୁଲ୍ ବୁଝାମଣାରୁ ପରିବାର ସଦସ୍ୟଙ୍କଠାରୁ ସମସ୍ୟା ଆସିପାରେ। ଶନିଙ୍କ କୁପ୍ରଭାବରୁ ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** – ଧନାଧିପ କେନ୍ଦ୍ରସ୍ଥ ଯୋଗୁ ଆର୍ଥିକ ଦିଗରୁ ସମସ୍ୟା ଲାଗିରହିବ କିନ୍ତୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବଶ୍ୟ ରହିବ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପ ମଧ୍ୟରେ କାମ କରିଚାଲିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** – ରାଶ୍ୟାଧିପ ତୃତୀୟସ୍ଥ ହେତୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। କୌଣସି ବ୍ୟକ୍ତିଠାରୁ ଦୁଃଖଦ ଖବର ପାଇ ବିଚଳିତବୋଧ କରିପାରନ୍ତି । ପଡ଼ୋଶୀମାନେ ବିଭିନ୍ନ ପ୍ରକାରର ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରୁ ସୁଫଳ ପାଇବେ।

**କୁମ୍ଭ** – ଆଜି ମୁଖଭାବରେ ପାପଗ୍ରହ ଯୋଗୁ ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗିରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ, ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଦେହ ଭଲ ରହିଲେ ମଧ୍ୟ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** – ରାଶିରେ ପାପଗ୍ରହ ପ୍ରଭାବରୁ ପରିବାରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ଅଶାନ୍ତ ରହିବେ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ରାସ୍ତାରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡିପାରନ୍ତି।

ଆଜି ମେ ୧୨ ତାରିଖ, ଅନ୍ତର୍ଜାତୀୟ ନର୍ସ ଦିବସ, ବୁଦ୍ଧ ଜୟନ୍ତୀ, ବୈଶାଖ ପୂର୍ଣ୍ଣିମା ସୋମବାର, ସନ୍ଥକବି ଭୀମ ଭୋଇ ଜୟନ୍ତୀ, ବୈଶାଖ ବ୍ରତ ସମାପନ, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର–ବିଶାଖା/ତୁଳା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୫ ଗତେ ଘ.୦୬.୫୨ ମଧ୍ୟେ, ଘ.୧୦.୨୫ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୨ ଗତେ ଘ.୦୮.୨୯ ମଧ୍ୟେ ରାହୁ କାଳ।

# ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବିତ

## ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ବିବାଦ ଘଟଣା

- ୩୦ ଦିନ ପାଇଁ ମହାପ୍ରଭୁଙ୍କ ସେବା, ଶ୍ରୀମନ୍ଦିର ପ୍ରବେଶ ମନା
- ବିଶୃଙ୍ଖଳିତ ଆଚରଣ ପରିଲକ୍ଷିତ ହେଲେ ପ୍ରାପ୍ୟ, ପୁରସ୍କାର ବନ୍ଦ


ରାମକୃଷ୍ଣ ଦାସ ମହାପାତ୍ର

ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)

ପଶ୍ଚିମବଙ୍ଗର ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ନେଇ ବିବାଦ ଘଟଣାରେ ପୁରୀ ଶ୍ରୀମନ୍ଦିରର ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ଏକମାସ ଅର୍ଥାତ୍ ୩୦ ଦିନ ପାଇଁ ନିଲମ୍ବିତ କରାଯାଇଛି। ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବନ ସମୟ ଭିତରେ ଦାସ ମହାପାତ୍ର ମହାପ୍ରଭୁଙ୍କ କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ କି ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ସେ ନିଲମ୍ବନ ଅବଧି ସମୟରେ ଦଇତାପତି ଏବଂ ଅନ୍ୟ ନିଯୋଗର ସେବକ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ ଶ୍ରୀମନ୍ଦିରର ସେବାପୂଜା ଓ ନୀତିକାନ୍ତିରେ ବାଧକ ସାଜିବେ ନାହିଁ। ଏପରି କଲେ, ନିଲମ୍ବନ ଅବଧିକୁ ବୃଦ୍ଧି କରାଯାଇ ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ଦାସ ମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ଦେବେ। ନିଲମ୍ବନ ତଥା ପରବର୍ତ୍ତୀ ସମୟରେ ଦାସ ମହାପାତ୍ରଙ୍କ ବିଶୃଙ୍ଖଳିତ ଆଚରଣ ପରିଲକ୍ଷିତ ହେଲେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ, ପାଉଣା ଓ ପୁରସ୍କାର ରଦ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଛି।

କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦାସ ମହାପାତ୍ରଙ୍କୁ ଦୁଇଟି ନୋଟିସ୍ ହୋଇଥିଲା। ପ୍ରଥମେ ଗତ ୪ତାରିଖ ନୋଟିସରେ ଦାସ ମହାପାତ୍ର କେଉଁ ପରିସ୍ଥିତିରେ ନବକଳେବର ବେଳେ ସଂଗୃହୀତ ବଳକା ଦାରୁନିର୍ମିତ ବିଗ୍ରହ ଦୀଘା ମନ୍ଦିରରେ ପ୍ରତିଷ୍ଠା ହୋଇଛି ବୋଲି ବୟାନ ଦେଇ ଜଗନ୍ନାଥପ୍ରେମୀଙ୍କ ଧାର୍ମିକ ବିଶ୍ୱାସକୁ କୁଠାରାଘାତ କଲେ ଏବଂ ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁଣ୍ଣ କଲେ ସେ ନେଇ ଉତ୍ତର ରଖିବାକୁ କୁହାଯାଇଥିଲା। ପରେ ୯ ତାରିଖରେ ଆଉ ଏକ ନୋଟିସ ଜରିଆରେ ଜଗନ୍ନାଥଧାମ ଦୀଘା ନାମିତ ମନ୍ଦିରର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସେବକ ଭାବେ ସେ କାହିଁକି ଯୋଗଦେଲେ ଏବଂ ସେତେବେଳେ ସମ୍ପୃକ୍ତ ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ ସେନେଇ କୈଫିୟତ ମଗାଯାଇଥିଲା। ସେ ଜବାବ ରଖିଥିଲେ ମଧ୍ୟ ତାହା ଶ୍ରୀମନ୍ଦିର ପ୍ରଶାସନକୁ ସନ୍ତୋଷଜନକ ମନେହୋଇ ନ ଥିଲା। ଉକ୍ତ କାର୍ଯ୍ୟାନୁଷ୍ଠାନ ଅବସରରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ।

# ସେବା ମନୋବୃତ୍ତିରେ ଜୀବନ ଉତ୍ସର୍ଗ



କଥାରେ ଅଛି ମଣିଷ ସେବା ହିଁ ଭଗବାନଙ୍କ ସେବା। ସେବା ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ' ୧୨ ତାରିଖରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ ହୋଇଆସୁଛି। ୧୯୬୫ରେ ଅନ୍ତର୍ଜାତୀୟ ନର୍ସେସ କାଉନ୍ସିଲ ପକ୍ଷରୁ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା। ରୋଗୀ ସେବା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଗୁରୁତ୍ୱ ବହନ କରିଥାଏ। ଏହି ସେବା ଓ ମନୋବଳକୁ ନଜରରେ ରଖି ଏହି ଦିବସ ନର୍ସମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏହି ଦିବସ ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

**ଆଜି ଅନ୍ତର୍ଜାତୀୟ ନର୍ସ ଦିବସ**

### ମା'ଙ୍କ ମୃତ୍ୟୁ ଯୋଗୁ ଏହି ବୃତ୍ତିକୁ ଆପଣାଇଛି



ଦଶମରେ ପାଠ ପଢୁଥିବା ବେଳେ ମୋ ମା'ଙ୍କ ମୃତ୍ୟୁ ହୋଇଥିଲା। ହେଲେ କେଉଁ କାରଣରୁ ମୃତ୍ୟୁ ହୋଇଛି, ତାହା ଜାଣି ପାରି ନ ଥିଲି। ସେବେଠୁ ହିଁ ଶପଥ ନେଇଥିଲି ମେଡିକାଲ ଲାଇନରେ ଆସିବି ଏବଂ ନର୍ସ ହେବି। ମେଡିକାଲରେ ନର୍ସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ରୋଗୀଙ୍କ ଅତି ନିକଟତର ହୋଇ ଆମେ ସେବା କରୁ ଏବଂ ସେଥିରୁ ଆତ୍ମାକୁ ଶାନ୍ତି ମିଳେ। ମୁଁ ଲୋକଙ୍କୁ ସେବା ମନୋବୃତ୍ତି ନେଇ ନର୍ସିଂ ବୃତ୍ତିକୁ ଚୟନ କରିଥିଲି। ଏଥିରୁ ମୋତେ ଖୁସି ମିଳୁଛି। ପ୍ରତ୍ୟେକ ଘରେ ଜଣେ ସେବିକା ରହିବା ଦରକାର। ଫଳରେ ପରିବାର ସଦସ୍ୟ ସେବା ପାଇ ପାରିବେ।

**– ସରୋଜିନୀ ଜେନା, ସମ୍ପାଦିକା, ଓନିଆ, ଏସ୍‌ସିବି ଶାଖା**

### ରୋଗୀଙ୍କ ଦୁଃଖରେ ଆମେ ସହଭାଗୀ ହେଉ



ସ୍କୁଲ ସମୟରୁ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାକୁ ପସନ୍ଦ ଥିଲା। ଏହାକୁ ନଜରରେ ରଖି ମୁଁ ଏହି ବୃତ୍ତିକୁ ଆପଣାଇଛି। ରୋଗୀ ମେଡିକାଲରେ ଥିବା ସମୟରେ ତାଙ୍କ ଦୁଃଖରେ ଆମେ ସହଭାଗୀ ହୋଇଥାଉ। ରୋଗୀଙ୍କ ଅତି ନିକଟତର ହୋଇ ସେବା ଯୋଗାଇଥାଏ। ଜଣେ ରୋଗୀ ପାଖରେ ଡାକ୍ତର କମ୍ ସମୟ ରହିଥାଏ ହେଲେ ନର୍ସ ଦିନରାତି ସେବା ଯୋଗାଇଥାନ୍ତି। ରୋଗୀ ସେବା କରି ଆତ୍ମସନ୍ତୋଷ ମିଳିଥାଏ।

**– ଝରଣା ଜେନା, ସଭାପତି, ଓନିଆ, ଏସ୍‌ସିବି ଶାଖା**

### ଉତ୍ତମ ସେବା ଯୋଗାଇବାକୁ ଲକ୍ଷ୍ୟ



ଡାକ୍ତର ହେବାକୁ ଲକ୍ଷ୍ୟ ଥିଲା। ହେଲେ କୌଣସି କାରଣରୁ ସେଥିରେ ସକ୍ଷମ ହୋଇ ପାରି ନ ଥିଲି। ରୋଗୀ ସେବା କରିବା ମନୋବୃତ୍ତି ଥିବାରୁ ନର୍ସ ବୃତ୍ତିକୁ ଆପଣାଇ ଥିଲି। ଆଜିକୁ ୨୨ ବର୍ଷ ହେବ ନର୍ସ ଭାବେ କାର୍ଯ୍ୟ କରୁଛି। ସର୍ବଦା ରୋଗୀଙ୍କୁ ଉତ୍ତମ ସେବା ଯୋଗାଇବାକୁ ଲକ୍ଷ୍ୟ ରଖି ଏହି କାମ ଜାରି ରଖିଥାଏ। ସେବା ଯୋଗୁ ଅନେକ ରୋଗୀ ମନେ ରଖି ସମ୍ମାନ ଦିଅନ୍ତି। ଏଥିପାଇଁ ଏହି ବୃତ୍ତିକୁ ନେଇ ଗର୍ବ ଲାଗେ। ଏହା ଆମ ବୃତ୍ତି ପ୍ରତି ସମ୍ମାନ।

**– ସସ୍ମିତା ସାହୁ, ନର୍ସିଂ ଅଫିସର ଇନ୍ ଇନ୍‌ଚାର୍ଜ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଏସ୍‌ସିବି ମେଡିକାଲ**

### ଚାକିରି ନୁହେଁ, ଏହା ଏକ ସେବା କାର୍ଯ୍ୟ



ସମାଜ ସେବା ଓ ରୋଗୀ ସେବା ପାଇଁ ଏହି କାର୍ଯ୍ୟ କରୁଛି। ରୋଗୀ ନିଜ ସୁଖଦୁଃଖ ଆମ ସହ ବାଣ୍ଟିଥାନ୍ତି। ଏହା କେବଳ ଏକ ଚାକିରି ନୁହେଁ ବରଂ ଏହା ସେବା କାର୍ଯ୍ୟ । ସୀମାରେ ଯେପରି ଯବାନ ସଂଘର୍ଷ କରନ୍ତି ସେପରି ଆମେ ରୋଗୀ ସେବାରେ ସଂଘର୍ଷ କରିଥାଉ। ରୋଗୀଙ୍କ ମୁହଁରେ ହସ ଦେଖି ଆତ୍ମ ସନ୍ତୋଷ ମିଳିଥାଏ। ଏହି ବୃତ୍ତିରେ କାମ କରି ବହୁ ଗର୍ବିତ ଅନୁଭବ ହେଉଛି।

**– ମନସ୍ମିତା ପରିଡ଼ା, ନର୍ସିଂ ଅଫିସର, ଏସ୍‌ସିବି ମେଡିକାଲ**

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଏକ ଆହ୍ୱାନ



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସିଂ ଏକ ଆହ୍ୱାନ। ସେବିକା ଦିବସ ଅବସରରେ ରହିଥିବା ଥିମ୍ 'ଆୱାର ନର୍ସେସ୍, ଆୱାର ଫ୍ୟୁଚର'କୁ ବାସ୍ତବ ରୂପ ଦେବା ପାଇଁ ହେଲେ ଆମ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡିବ। ଆଗ ଅପେକ୍ଷା ନର୍ସିଂ କ୍ଷେତ୍ରରେ ଆମ ରାଜ୍ୟ ତଥା ଦେଶ ବହୁ ଉନ୍ନତି କରିଛି। ତେବେ ଏହାକୁ ଆହୁରି ଅଧିକ ସୁଦୃଢ଼ କଲେ ଆମର ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସେହିପରି ରୋଗୀଙ୍କ ସେବା କରିବାଠାରୁ ଆରମ୍ଭ କରି ସେମାନଙ୍କର ସମସ୍ତ ଦାୟିତ୍ୱ ସେବିକାମାନଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ସେବା କ୍ଷେତ୍ରରେ ନର୍ସମାନେ ସର୍ବଦା ଫ୍ରଣ୍ଟଲାଇନ୍ ୱାର୍କର ଭାବେ କାମ କରନ୍ତି।

**–ସୁମତି ପାଇକରାୟ, ନର୍ସିଂ ଅଫିସର, କ୍ୟାପିଟାଲ ହସ୍ପିଟାଲ**

### ନର୍ସିଂ ଅଫିସର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଅଂଶ



ନର୍ସିଂ ଅଫିସରମାନେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳ ଅଂଶ। ମାନବ ସେବା ଓ ଜୀବନ ରକ୍ଷାର ଅଗ୍ରଣୀ ସୈନ୍ୟ। ସେବା ହେଉଛି ଆମର ଗର୍ବ, ଏକତା ହେଉଛି ଆମର ଶକ୍ତି, ସମର୍ପଣ ହେଉଛି ଆମର ପରିଚୟ। ତେଣୁ ନର୍ସିଂ ଅଫିସରଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ସମାଜର ସାଧାରଣ ଦାୟିତ୍ୱ। ସେମାନେ ହସ୍ପିଟାଲରେ ରୋଗୀଙ୍କ ଦୈନିକ ଦେଖାଶୁଣାଠାରୁ ଆରମ୍ଭ କରି ଶାରୀରିକ ଓ ମାନସିକ ସ୍ଥିତି ଅନୁଯାୟୀ ସେବା, ସମୟରେ ଔଷଧ ପ୍ରଦାନ, ଚିକିତ୍ସା ସହଯୋଗ, ଇଞ୍ଜେକ୍ସନ, ଡ୍ରେସିଂ, ଟେଷ୍ଟ ପ୍ରଭୃତି, ରିପୋର୍ଟ ମୂଲ୍ୟାୟନ, ଆଶା ଓ ଆତ୍ମବିଶ୍ୱାସ ଦେବା, ଶାନ୍ତି ଓ ଧୈର୍ଯ୍ୟ ଦେଇ ସ୍ଥିର କରିବା, ଆକସ୍ମିକ ସମୟରେ ଦ୍ରୁତ ପ୍ରତିକ୍ରିୟା, ଅନୁଶାସନ ଓ ସଫାସୁତୁରା ରଖିବା ଭଳି ଅନେକ ଦାୟିତ୍ୱ ନିଭାଇ ଥାନ୍ତି। ମହାମାରୀ କିମ୍ବା ଜରୁରୀ ସ୍ଥିତିରେ ନିଜ ପରିବାର ଓ ସୁରକ୍ଷାକୁ ପଛକୁ ରଖି ଅନ୍ୟମାନଙ୍କୁ ବଞ୍ଚାଇବାର ମହାନତା ଏମାନଙ୍କୁ ସବୁବେଳେ ସ୍ୱତନ୍ତ୍ର କରିଥାଏ।

**–ଅଶ୍ୱିନୀ କୁମାର ଦାସ, ସାଧାରଣ ସମ୍ପାଦକ, ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ**

### ସେବିକାଙ୍କ ସମର୍ପଣ ଭାବ ପ୍ରଶଂସନୀୟ



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକା ବା ନର୍ସମାନଙ୍କର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ସେମାନେ ଯେଉଁଭଳି ସମର୍ପଣ ଭାବନେଇ ରୋଗୀଙ୍କ ସେବା କରିଥାନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ। ତେବେ ଅନେକ ସ୍ଥାନରେ ସେବିକାମାନଙ୍କୁ କାମ କରିବା ପାଇଁ ସୁରକ୍ଷିତ ବାତାବରଣ ମିଳି ନ ଥାଏ। ତେଣୁ ପ୍ରତ୍ୟେକ ସେବିକାଙ୍କୁ ସୁସ୍ଥ ଓ ସୁରକ୍ଷିତ ବାତାବରଣ ପ୍ରଦାନ କରାଯିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଆହୁରି ଭଲ କାମ କରିପାରିବେ। ସେହିପରି ମଡର୍ଣ୍ଣ ହେଲ୍‌ଥ କେୟାରରେ ସେମାନେ କିପରି ଅଧିକ ଟ୍ରେନିଂ ପାଇ ସ୍ୱାସ୍ଥ୍ୟସେବାରେ ଉନ୍ନତି କରିବେ ସେ ନେଇ ଦୃଷ୍ଟି ଦିଆଯାଉ। ସମସ୍ତ ସେବିକାମାନେ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ପରି କାମ କରି ମଡର୍ଣ୍ଣ ନର୍ସିଂକୁ ପ୍ରମୋଟ୍ କରିବା ଦରକାର।

**– ଡା. ଧନଞ୍ଜୟ ଦାସ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ, କ୍ୟାପିଟାଲ ହସ୍ପିଟାଲ**

ରିପୋର୍ଟ: ଶିଳ୍ପା ପ୍ରିୟଦର୍ଶିନୀ(କଟକ), ବନ୍ଦନା ସେଠୀ (ଭୁବନେଶ୍ୱର)

# ଖରିଫରେ ୭୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

## ୧୦ ସ୍ଥାନରେ ହେବ ଚାଷୀ ସମାବେଶ

ଭୁବନେଶ୍ୱର,୧୧।୫(ରବିନାରାୟଣ ଜେନା)

ଚଳିତ ଖରିଫ ଋତୁରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରି ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିଛନ୍ତି। ଚାଷୀମାନଙ୍କର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ଏହି ପ୍ରୟାସ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି।

ସେ କହିଛନ୍ତି, ଚଳିତଥର ରେକର୍ଡ ପରିମାଣର ଧାନ ସଂଗ୍ରହ ପାଇଁ କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟର ୧୦ ପ୍ରମୁଖ ସ୍ଥାନରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମ କରାଯିବ। ଏନେଇ ମେ' ୧୩ରେ ଚାନ୍ଦବାଲି, ୧୫ରେ କରଞ୍ଜିଆ, ୧୭ରେ ଜଗତ୍‌ସିଂହପୁର, ୧୮ରେ ଅନୁଗୋଳ, ୨୦ରେ ସୁବର୍ଣ୍ଣପୁର, ୨୨ରେ ଭବାନୀପାଟଣା, ୨୬ରେ ରାୟଗଡ଼ା, ୨୮ରେ ଭଞ୍ଜନଗର, ୩୦ରେ ସୁନ୍ଦରଗଡ଼ ଓ ୩୧ରେ ଢେଙ୍କାନାଳଠାରେ ଚାଷୀ ସମାବେଶ କରାଯିବ। ଏସବୁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦାନ କରିବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓ କେନ୍ଦ୍ରର ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଭାଜପାର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ମହେଶ୍ୱର କହିଛନ୍ତି।


ପୁରୀ: ବଡ଼ଦାଣ୍ଡସ୍ଥିତ ରଥଖଳାରେ ରଥର ତୁମ୍ବରେ ଅରପଟା ସଂଯୋଗ କରାଯାଉଛି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ନୂଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ୨୧୬ ଏଜେନ୍ସିର ଆବେଦନ

## ୨୩ ସୁଦ୍ଧା ଡକ୍ୟୁମେଣ୍ଟ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୫(ସୁଚିସ୍ମିତା ସାହୁ)

ରାଜ୍ୟରେ ନୂଆ କରି ୨୧୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଏଜେନ୍ସିମାନେ ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିଛନ୍ତି। ଏମାନଙ୍କର ଅଗ୍ନି ନିର୍ବାପକ ବ୍ୟବସ୍ଥା, ଜମି କାଗଜପତ୍ର ଏବଂ କୋଠାର ପ୍ରମାଣ ଯାଞ୍ଚ ପରେ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯିବ। ଏନେଇ ଏଜେନ୍ସିଗୁଡ଼ିକ ଆସନ୍ତା ୨୩ ତାରିଖ ସୁଦ୍ଧା ସମସ୍ତ ଡକ୍ୟୁମେଣ୍ଟ dhseodishahpc@gmail.com ମାଧ୍ୟମରେ ଦାଖଲ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

ନିର୍ଦ୍ଦେଶାଳୟ ପକ୍ଷରୁ ଦର୍ଶାଯାଇଛି ଯେ, ଗ୍ରାମାଞ୍ଚଳଗୁଡ଼ିକରେ ବିଦ୍ୟାଳୟ ଖୋଲିବା ପାଇଁ ୬୦୦୦ ବର୍ଗ ମିଟର ଓ ସହରାଞ୍ଚଳ କ୍ଷେତ୍ରରେ ୪ହଜାର ବର୍ଗ ମିଟରର ଜମି ରହିଥିବା ଆବଶ୍ୟକ। ସେହିପରି ଜମିଗୁଡ଼ିକର ମାଲିକାନା କ୍ଷେତ୍ରରେ ଜମି ଅଧିକାର ଦଲିଲଗୁଡ଼ିକ ଠିକ ହୋଇଥିବ। ଏହି ଜମି ବିକ୍ରୟ ଦଲିଲ, ପରିବହନ ଦଲିଲ, ଲିଜ ଦଲିଲ କିମ୍ବା ଉପହାର ଦଲିଲର ରେକର୍ଡ ସହିତ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଖୋଲିବା ପାଇଁ ଜମି କିମ୍ବା କୋଠାର ଲିଜ୍ ସମ୍ପୃକ୍ତ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଅତିକମ୍‌ରେ ୧୫ ବର୍ଷ ପାଇଁ ବିଧିବଦ୍ଧ ଭାବରେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ। ସରକାର କିମ୍ବା ସରକାରଙ୍କ ଯେକୌଣସି ସଂସ୍ଥା ଦ୍ୱାରା ସମ୍ପାଦିତ ଲିଜ୍ ୧୫ବର୍ଷରୁ କମ୍ ସମୟ ପାଇଁ ହୋଇଥିଲେ ତାହା ଗ୍ରହଣ କରାଯିବ। କିନ୍ତୁ ସ୍କୁଲ ପରିଚାଳନା ପାଇଁ ତାହା ଲିଜ ନିଆଯାଇଥିବା ଦରକାର ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ସୂଚନାନୁସାରେ, ରାଜ୍ୟର ସମସ୍ତ ଜିଲାରେ ନୂଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବ। ବାଲେଶ୍ୱର ଜିଲାରେ ୧୦, ଅନୁଗୋଳରେ ୪, ବରଗଡ଼ରେ ୧୧, ଭଦ୍ରକରେ ୫, ବଲାଙ୍ଗୀର ୧୦, ବୌଦ୍ଧ ୬, କଟକ ୧୦, ଦେବଗଡ ୬, ଢେଙ୍କାନାଳ ୨, ଗଜପତି ୪, ଗଞ୍ଜାମ ୧୦, ଜଗତ୍‌ସିଂହପୁର ୨, ଯାଜପୁର ୧୦, ଝାରସୁଗୁଡ଼ା ୫, କଳାହାଣ୍ଡି ୨, କନ୍ଧମାଳ ୯, କେନ୍ଦ୍ରାପଡା ୭, କେନ୍ଦୁଝର ୮, ଖୋର୍ଦ୍ଧା ୧୧, କୋରାପୁଟ ୯, ମାଲକାନାଗିରି ୨, ମୟୂରଭଞ୍ଜ ୧୫, ନବରଙ୍ଗପୁର ୬, ନୂଆପଡା ୪, ନୟାଗଡ ୩, ପୁରୀ ୭, ରାୟଗଡା ୬, ସମ୍ବଲପୁର ୫, ସୋନପୁର ୧୪ ଏବଂ ସୁନ୍ଦରଗଡରେ ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାର ଯୋଜନା ରହିଛି।

# ୩ ଆଦିବାସୀ ନାବାଳିକା ନିଖୋଜ

ପାଟଣା,୧୧।୫(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ଚିନାମାଳିପଶି ପଞ୍ଚାୟତ ବଡ଼ ମହୁଲଡିହା ଗ୍ରାମର ୩ ଆଦିବାସୀ ନାବାଳିକା ଗତ ଗୁରୁବାରଠାରୁ ନିଖୋଜ ହୋଇଛନ୍ତି। ଏ ନେଇ ୩ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅପହରଣ ନେଇ ସନ୍ଦେହ କରାଯାଉଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ୩ ନାବାଳିକା ସାଙ୍ଗ ହୋଇଥିବାରୁ ମିଶିକି ଖେଳାଖେଳି କରନ୍ତି। ମାତ୍ର ଗୁରୁବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସବୁଆଡ଼େ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଶନିବାର ରାତିରେ ଘଟଗାଁ ଥାନାରେ ଅଭିଯୋଗ କରାଯାଇଛି। ନାବଳିକାଙ୍କ ବୟସ ୧୩, ୧୪ ଓ ୧୫ ହୋଇଥିବା ବେଳେ ସେମାନଙ୍କୁ କେହି ଅପହରଣ କରି ନେଇଥିବା ସନ୍ଦେହ କରାଯାଉଛି। ନିଖୋଜ ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି, ଏ ନେଇ ପରିବାର ଶନିବାର ରାତିରେ ଅଭିଯୋଗ କରିବାକୁ ଆସିଥିଲେ। ତାଙ୍କୁ ଝିଅମାନଙ୍କ ଫଟୋ ଆଣିବାକୁ କୁହାଯାଇଛି। ସେମାନେ ରବିବାର ଥାନାରେ ପହଞ୍ଚି ନ ଥିବା ବେଳେ ଗ୍ରାମରକ୍ଷୀଙ୍କ ଜରିଆରେ ଖବର ଦିଆଯାଇଛି। ଏଥିସହ ତଦନ୍ତ ଆରମ୍ଭ କରାଯାଇଥିବା କହିଥିଲେ। ଏ ନେଇ ପରିବାର ଲୋକଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବଡ଼ଭାଇଙ୍କ ସମେତ ୪ ଗିରଫ

## ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା

ଯୋଡ଼ା,୧୧।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଉଚ୍ଚବାଲି ବଡ଼ମାଗୋଡ଼ା ସାହିରେ ସଂଘବଦ୍ଧଭାବେ ଜଣେ ଯୁବକଙ୍କୁ ପିଟି ହତ୍ୟା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ରାମ ନାଏକ। ଘଟଣାରେ ପୋଲିସ ରବିବାର ରାମଙ୍କ ବଡ଼ଭାଇଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବାମେବାରି ଥାନା ଅଧିକାରୀ ଯଶକେତନ ଭୋଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୭ ତାରିଖରେ ରାମ ନିକଟସ୍ଥ ମୁଣ୍ଡାସାହିର ମହେଶ୍ୱର ମୁଣ୍ଡାଙ୍କ ଘରେ ପଶି ତାଙ୍କ ଭାଇବୋହୂଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ମହେଶ୍ୱରଙ୍କ ଭାଇ ଦିବାକର ମୁଣ୍ଡା, ରମେଶ କିଶାନ ଓ ମହେଶ୍ୱର ମୁଣ୍ଡା ମିଶି ରାମଙ୍କୁ ମାଡ଼ ମାରିଥିଲେ। ପରେ ତାଙ୍କୁ ଆଣି ଘରେ ଶୁଆଇ ଦେଇଥିଲେ। ଘଟଣା ସମ୍ପର୍କରେ ରାମଙ୍କ ବଡ଼ଭାଇ ଯୁଧିଷ୍ଠିରଙ୍କୁ ଜଣାଇଥିଲେ। ସେ ଘଟଣା ସମ୍ପର୍କରେ ଶୁଣିବା ପରେ କ୍ରୋଧାନ୍ୱିତ ହୋଇ ପୁଣି ରାମଙ୍କୁ ସମସ୍ତଙ୍କ ସହ ମିଶି ମାଡ଼ ମାରିଥିଲେ। ରାମ ଗୁରୁତର ହୋଇଯିବାରୁ ପ୍ରଥମେ ଝୁମ୍ପୁରା ପରେ କେନ୍ଦୁଝର ଓ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଶୁକ୍ରବାର ରାମ ନାଏକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ପୋଲିସ ଏକ ମାମଲା (ନଂ. ୬୨/୨୦୨୫) ରୁଜୁ କରି ମୃତକଙ୍କ ଭାଇଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଝାରପଡ଼ା ଜେଲରେ କଏଦୀଙ୍କ ମୃତ୍ୟୁ

## ୪ଦିନ ତଳେ ଗିରଫ ହୋଇଥିଲେ, ହତ୍ୟା ଅଭିଯୋଗ ଆଣିଲେ ମା'

ଭୁବନେଶ୍ୱର,୧୧।୫(ସତ୍ୟଜିତ ରାଉତ)

ଝାରପଡା ଜେଲର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଟଣୀ ଥାନା ଅନ୍ତର୍ଗତ ଉପରବସ୍ତ ଅଞ୍ଚଳର ମୋହନ ବେହେରା ଓରଫ କାଳିଆ (୪୦)। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ମୋହନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମେଡିକୋ ଲିଗାଲ୍ କେସ୍ (ଏମ୍‌ଏଲ୍‌ସି) ରିପୋର୍ଟ ଆଧାରରେ କ୍ୟାପିଟାଲ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୨୧୪/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ରବିବାର ବ୍ୟବଚ୍ଛେଦ ପରେ ମୋହନଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଝାରପଡା ଜେଲ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରି କହିଛନ୍ତି।


ମୋହନ ବେହେରା ଓରଫ କାଳିଆ

ସୂଚନା ଅନୁଯାୟୀ, ମୋହନ ବୁଧବାର ଉପରବସ୍ତ ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ଜଟଣୀ ଥାନା ପୋଲିସ ଚଢ଼ାଉ କରିଥିଲା। ମୋହନଙ୍କ ନିକଟରୁ ୨୦ ଲିଟର ଆସ୍କା-୪୦ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଏନେଇ ଏକ ମାମଲା (ନଂ.୨୦୩/୨୦୨୫) ରୁଜୁ କରାଯାଇ ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ପରେ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଥିଲା। ଜେଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଶନିବାର ରାତିରେ ମୋହନ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ରାତି ପ୍ରାୟ ୧୨ଟା ୧୦ରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ରାତି ପ୍ରାୟ ୧ଟା ୩୦ରେ ମୋହନଙ୍କ ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷରେ ମୋହନଙ୍କ ମା' ଓ ସମ୍ପର୍କୀୟମାନେ ଗଣମାଧ୍ୟମ ଜରିଆରେ ହତ୍ୟା ଅଭିଯୋଗ ଆଣିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଗ୍ୟମାନି ବୋଲି ନିନ୍ଦା କରନ୍ତା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନ୍ତାନାହିଁ। –ଶ୍ରୀଅରବିନ୍ଦ

-ଚନ୍ଦନ ପୂର୍ଣ୍ଣିମା, ଚନ୍ଦ୍ରପୂଜା, ବୁଦ୍ଧ ଜୟନ୍ତୀ, ବୈଶାଖ ବ୍ରତ ସମାପନ



# ବ୍ୟାଖ୍ୟାନ ଜରୁରୀ

ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ୧୦ ମେ'ରେ ହଠାତ୍ ଅସ୍ତ୍ରବିରତି ନେଇ ଦୁଇ ରାଷ୍ଟ୍ର ରାଜି ହୋଇଛନ୍ତି ବୋଲି ଖବର ଶୁଣିବାକୁ ମିଳିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ଏ ନେଇ ଉଲ୍ଲେଖ କରିବା ପରେ ଭାରତ ଓ ପାକିସ୍ତାନ ଅସ୍ତ୍ରବିରତି ପ୍ରସଙ୍ଗ ସ୍ପଷ୍ଟ କରିଥିଲେ। ...

ଡିଜିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଯଦି ପାକିସ୍ତାନ କୌଣସି ଭାବେ ଭାରତକୁ ଆକ୍ରମଣ କରେ, ସେଥିଲାଗି କାର୍ଯ୍ୟାନୁଷ୍ଠାନ ସକାଶେ ଯୋଜନା ସ୍ଥିର କରାଯାଇଛି ଏବଂ ତାହା ଭାରତର 'ନ୍ୟୁ ନର୍ମାଲ' ବା ନୂଆ ଧାରା ସୃଷ୍ଟି କରିବ। ଏଭଳି ସ୍ଥଳେ ଭାରତ ପହଲଗାମ୍ ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ଠିକ୍ ଭାବେ ବ୍ୟାଖ୍ୟାନ କରି ପାକିସ୍ତାନକୁ ନିନ୍ଦିତ କରିବାର ଚେଷ୍ଟା କରିବା ଦରକାର ପଡ଼ିଲାଣି।


... ୧୧ ମେ'ରେ ଭାରତର ଡିଜିଏମ୍‌ଓ ପକ୍ଷରୁ କରାଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ଯଦି ପାକିସ୍ତାନ କୌଣସି ଭାବେ ଭାରତକୁ ଆକ୍ରମଣ କରେ, ସେଥିଲାଗି କାର୍ଯ୍ୟାନୁଷ୍ଠାନ ନେବା ଲାଗି ଯୋଜନା ସ୍ଥିର କରାଯାଇଛି ଏବଂ ତାହା ଭାରତର 'ନ୍ୟୁ ନର୍ମାଲ' ବା ନୂଆ ଧାରା ସୃଷ୍ଟି କରିବ। ଏଭଳି ସ୍ଥଳେ ଭାରତ ପହଲଗାମ୍ ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ଠିକ୍ ଭାବେ ବ୍ୟାଖ୍ୟାନ କରି ପାକିସ୍ତାନକୁ ନିନ୍ଦିତ କରିବାର ଚେଷ୍ଟା କରିବା ଦରକାର ପଡ଼ିଲାଣି।

# ରାଗିଂର ବିଭୀଷିକା



ବୈକୁଣ୍ଠନାଥ ମିଶ୍ର

ରାଗିଂ ଏକ ଇଂଲିଶ ଶବ୍ଦ, ଯାହାର ଆଭିଧାନିକ ଅର୍ଥ ହେଉଛି କ୍ରୋଧ ଓ ଚରମ ହିଂସାତ୍ମକ କାର୍ଯ୍ୟକଳାପ। ...



... ଭାରତରେ ଇନ୍ ଇଣ୍ଡିଆ ୨୦୨୨-୨୪ର ତଥ୍ୟ ଆଧାରରେ ଜଣାପଡ଼ିଛି ଯେ, ... ରାଗିଂ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ...

ଶିକ୍ଷକଙ୍କୁ ଜଣାଇଥିଲା। ... ସତରେ କ'ଣ ସେମାନେ ଆଉ ସକାଳୁ ହେବେ ନାହିଁ?

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ସୁନାର ମାୟା



ରାନୀ ନାୟକ

ଯୁଗ ପରିବର୍ତ୍ତନ ସହ ମଣିଷର ଆଚାର ଓ ବିଚାର ଶକ୍ତି ପରିବର୍ତ୍ତିତ ହୋଇଛି। କିନ୍ତୁ ଅନନ୍ତକାଳ ଧରି ସମଗ୍ର ପୃଥିବୀପୃଷ୍ଠରେ ଯଦି ଦେଖିବା ତେବେ ସୁନା ପ୍ରତି ଥିବା ମୋହ ଅପରିବର୍ତ୍ତିତ ରହିଛି। ...



... ସୁନା ନଦୀଶଯ୍ୟାର ବାଲି ବା ପଥରରେ ବଦଳିଯାଏ। ... ସୁନାର ମାୟାରେ ଲୋକେ କାଳକାଳ ଧରି ଆକର୍ଷିତ ହୋଇଚାଲିବେ।

ଢେଙ୍କାନାଳ
ମୋ:୭୬୦୬୯୯୦୫୩

## ଏଇ ଭାରତରେ

ବିବାହ ପରେ ଝିଅମାନେ ବିଦା ହୋଇ ଶାଶୂଘରକୁ ଯାଉଥାନ୍ତି। ... ପରେ ପୂଜା ତାଙ୍କ ସହ ଶାଶୂଘରକୁ ଯାଇଥିଲେ।

## ୫୦ ବର୍ଷ ତଳେ ଧରିତ୍ରୀ

୧୨ ମେ ୧୯୭୬

- ଦଣ୍ଡକାରଣ୍ୟରେ ୧୮୬୨୫ ଶରଣାର୍ଥୀ ପରିବାରଙ୍କୁ ଥଇଥାନ କରାଯାଇଥିବା ନେଇ କେନ୍ଦ୍ର ପୁନର୍ବସତି ମନ୍ତ୍ରୀ ଆର୍.ଏନ୍. ମିର୍ଦ୍ଧା ପ୍ରକାଶ କରିଛନ୍ତି।
- ସୁପ୍ରସିଦ୍ଧ ତବଲାବାଦକ ଓସ୍ତାଦ ଜାହାଙ୍ଗୀର ଖାଁଙ୍କ ୧୧୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନୟନ ତଳେ ଦେଖି କଜଳ
ପରାଣ ନାହିଁ ହୁଏ ସଜଳ
କପୋଳ ସ୍ୱେଦ ଶୋଭା ନିରେଖି ଏ ଅଧର
ତୃଷାରେ ହୁଏ ନାହିଁ ବିକଳ।
–(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | | | 8 |
| | | 3 | | 4 | 8 | 2 | | |
| | | | | | | | 6 | |
| | 8 | | | 2 | | | | |
| 9 | | | 7 | | 5 | | | |
| | | 2 | | | | 6 | | 4 |
| | | 4 | | | 7 | | | |
| 8 | | 6 | | | | | | 7 |
| 1 | | | 4 | 5 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 3 | 8 | 2 | 7 | 4 | 9 | 6 |
| 6 | 9 | 8 | 3 | 1 | 4 | 5 | 7 | 2 |
| 7 | 4 | 2 | 5 | 9 | 6 | 8 | 3 | 1 |
| 9 | 3 | 4 | 2 | 6 | 5 | 1 | 8 | 7 |
| 8 | 5 | 6 | 4 | 7 | 1 | 3 | 2 | 9 |
| 2 | 7 | 1 | 9 | 3 | 8 | 6 | 4 | 5 |
| 4 | 6 | 5 | 7 | 8 | 9 | 2 | 1 | 3 |
| 1 | 2 | 9 | 6 | 4 | 3 | 7 | 5 | 8 |
| 3 | 8 | 7 | 1 | 5 | 2 | 9 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦରଦାମ୍ ନିୟନ୍ତ୍ରଣରେ ବିଫଳ

ମହାଶୟ,

ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ସମାଧାନରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ସମ୍ପୂର୍ଣ୍ଣ ବିଫଳ। ... ଘଟଣାରୁ ଦେଶରେ ବେକାରି ସମସ୍ୟା କିପରି ଉତ୍କଟ, ତାହା ସହଜରେ ଅନୁମାନ କରିହୁଏ।

–ଅକ୍ଷୟ କୁମାର ମହାନ୍ତି, ହଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅତ୍ୟାଧୁନିକ ଜେଟି କାମ ନିମ୍ନମାନର

- ବିରୋଧ ପରେ କାମ ବନ୍ଦ, ମାନ ଯାଞ୍ଚ ଦାବି
- କଷିଆ ସାମୁଦ୍ରିକ ଜେଟିର ସ୍ଥାୟିତ୍ୱ ନେଇ ଉଠିଲା ପ୍ରଶ୍ନ

ବାସୁଦେବପୁର,୧୧ା୫ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର ବଙ୍ଗୋପସାଗର ସଂଲଗ୍ନ କଷିଆଠାରେ ଏକ ନୂତନ ଜେଟି ନିର୍ମାଣ ଚାଲିଛି। ଏହି ଅତ୍ୟାଧୁନିକ ଜେଟିର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ସରପଞ୍ଚ ସସ୍ମିତା ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବିଶ୍ୱାଳଙ୍କ ସମେତ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ଶନିବାର କାମ ବନ୍ଦ କରାଯାଇଛି। ମାନ ପରୀକ୍ଷଣ ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସେମାନେ ଦାବି କରିଛନ୍ତି।

କଷିଆଠାରେ ଥିବା ସାମୁଦ୍ରିକ ଜେଟିର ଉନ୍ନତୀକରଣ ଓ ଏକ ଉନ୍ନତମାନର ସାମୁଦ୍ରିକ ଜେଟି ନିର୍ମାଣ ପାଇଁ ପୂର୍ବ ରାଜ୍ୟ ସରକାର ବ୍ୟୟବରାଦ କରିଥିବା ୧୩ କୋଟି ଟଙ୍କାରେ ସମୁଦ୍ର ସଂଲଗ୍ନ ୫ ଏକର ଜମିର ପରିଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଜେଟି ଉପରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ବୋଟ୍, ଭୁଟୁଭୁଟି, ଲଞ୍ଚ, ଡଙ୍ଗା ସହ ୫ ହଜାରରୁ ଊର୍ଦ୍ଧ୍ୱ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ। ଇପିଆଇଏଲ୍‌ଠାରୁ ନେଇ ଏସ୍‌ଏସ୍ କନଷ୍ଟ୍ରକ୍ସନ ନିର୍ମାଣ କାର୍ଯ୍ୟ କରୁଛି। ୨୦୨୨ ଜାନୁଆରୀଠାରୁ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟ ୨୦୨୫ ଏପ୍ରିଲ ୩୦ ସୁଦ୍ଧା ଶେଷ ହେବାକୁ ଧାର୍ଯ୍ୟ ସମୟ ରହିଥିଲା। ଅବଧି ସରିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ଜେଟିର ପାଚେରି ଲମ୍ବ ୨ ଶହ ମିଟର ଓ ପ୍ରସ୍ଥ ୫୦ ମିଟରରେ ବିଭିନ୍ନ ସ୍ଥାନରେ ନିର୍ମାଣ ବେଳେ ଫାଟ ଦେଖାଦେବା ସହ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନାହିଁ। ଲୁଣାମାଟିକୁ ଏହାର ଭିତ୍ତିଭୂମି ବିକାଶରେ ବ୍ୟବହାର କରାଯାଉଥିବାରୁ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଏହା ଏକ ବଡ଼ ପ୍ରକଳ୍ପ ହୋଇଥିବା ବେଳେ ଅଦ୍ୟାବଧି କୌଣସି ସ୍ଥାନରେ କାର୍ଯ୍ୟର ସ୍ୱଚ୍ଛତା ନେଇ ସୂଚନା ଫଳକଟିଏ ଲଗାଯାଇ ନାହିଁ। ଜେଟି ସଂଲଗ୍ନ ରାସ୍ତା ନିର୍ମାଣ ଚାଲିଥିବା ବେଳେ ସେଥିରେ ମଧ୍ୟ ଫାଟ ଦେଖାଦେଉଛି। ମାଛ ବିକ୍ରୟ କେନ୍ଦ୍ର ସ୍ଥାନ ନିର୍ମାଣ ବେଳେ ଭିତ୍ତିଭୂମି ସୁଦୃଢ଼ ନିମନ୍ତେ ପଦକ୍ଷେପ ନିଆ ନ ଯାଇ ଅଧିକାରୀଙ୍କ ଅନୁପସ୍ଥିତିରେ ରାତିରେ ନିର୍ମାଣ କରାଯାଉଛି। ସେହିପରି ବୋଟ୍, ଲଞ୍ଚ, ଭୁଟୁଭୁଟି, ଡଙ୍ଗା ରହିବା ପାଇଁ ୩ ମିଟର ଗଭୀରତା ଖୋଳାଯାଇଛି। ଏହାକୁ ଆହୁରି ଗଭୀର କରାଯିବାକୁ ମତ୍ସ୍ୟଜୀବୀ ସଂଘ ଦାବି କରିଛି। ଏଥିସହ ଏହି ସ୍ଥାନଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ବୋଟ୍, ଲଞ୍ଚ, ଭୁଟୁଭୁଟି ଯାତାୟାତ ପାଇଁ ଗଭୀର ଓସାର କରି ଖୋଳାଯିବାକୁ ସଂଘର ସଭାପତି ଝଣ୍ଟୁ ମଣ୍ଡଳ ଦାବି କରିଛନ୍ତି। ଏହାବ୍ୟତୀତ ଅତ୍ୟାଧୁନିକ ଜେଟିରେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ବିଭାଗୀୟ ଅଧିକାରୀ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଦୃଷ୍ଟି ଦେବାକୁ ସେ ଦାବି ଜଣାଇଛନ୍ତି। ଏନେଇ ସରପଞ୍ଚ ନାୟକ କହିଛନ୍ତି, ଜେଟି ନିର୍ମାଣ ବେଳେ ଯେଉଁ ନକ୍ସା କରାଯାଇଥିଲା, ତାହାକୁ କମ୍ପାନୀ ବଦଳାଉଥିବାରୁ ମତ୍ସ୍ୟଜୀବୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ବାବଦରେ ସେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରି କାର୍ଯ୍ୟର ମାନ ଯାଞ୍ଚ ପାଇଁ ଦାବି କରିଛନ୍ତି। ଏସବୁ ଅଭିଯୋଗକୁ ନିର୍ମାଣ ଦାୟିତ୍ୱରେ ଥିବା ଏସ୍‌ଏସ୍ କନଷ୍ଟ୍ରକ୍ସନର ପ୍ରୋଜେକ୍ଟ ମ୍ୟାନେଜର ଅକ୍ଷୟ ସାହୁ ଖଣ୍ଡନ କରିବା ସହ କହିଛନ୍ତି, ପୂର୍ବ ନକ୍ସା ମୁତାବକ ଜେଟି ନିର୍ମାଣ କାର୍ଯ୍ୟ କରାଯାଉଛି। ନିର୍ମାଣ କାର୍ଯ୍ୟ ୮୦ ପ୍ରତିଶତ ଶେଷ ହୋଇଥିବା ବେଳେ ଖୁବ୍ କମ୍ ଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ କରାଯାଇ ହସ୍ତାନ୍ତର କରାଯିବ।



ସରପଞ୍ଚଙ୍କ ସମେତ ସ୍ଥାନୀୟ ଲୋକେ କାର୍ଯ୍ୟସ୍ଥଳରେ ବିରୋଧ କରୁଛନ୍ତି।

## କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଶିଶୁ ମୃତ

ବାସୁଦେବପୁର,୧୧ା୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଏଡ଼ତାଳ ଛକରେ ଘରୋଇ ଚିକିତ୍ସାକେନ୍ଦ୍ର ଖୋଲିଥିବା କ୍ୱାକ୍‌ଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଶନିବାର ଅପରାହ୍ନରେ ଏହି ଘଟଣା ଘଟିଥିବା ବେଳେ ମୃତା ଶିଶୁକନ୍ୟା ହେଲେ ପଦ୍ମପୁର ପଞ୍ଚାୟତ ବଡ଼ଅଗାପୁର ଗ୍ରାମର କଟ ମାଝୀଙ୍କ ଝିଅ ସୁକନ୍ୟା(୫)।

କଟଙ୍କ କହିବା ଅନୁଯାୟୀ, ସୁକନ୍ୟାଙ୍କୁ ଥଣ୍ଡା, ଗାଲୁଆ ହୋଇଥିବାରୁ ସେ ଓ ତାଙ୍କ ସ୍ତ୍ରୀ ଉକ୍ତ କ୍ୱାକ୍‌ଙ୍କ ପାଖକୁ ନେଇଥିଲେ। ସେ ପ୍ରାଥମିକ ଚିକିତ୍ସା କରିବା ସହ ଏକ ଇଞ୍ଜେକ୍ସନ ଓ ସିରପ୍ ଦେଇଥିଲେ। ଇଞ୍ଜେକ୍ସନ ନେବାର ୧୦ରୁ ୧୫ ମିନିଟ୍ ମଧ୍ୟରେ ସୁକନ୍ୟା ଅଣନିଃଶ୍ୱାସୀ ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ଅଧାରାସ୍ତାରୁ ସେମାନେ ସୁକନ୍ୟାଙ୍କୁ ନେଇ ପୁଣିଥରେ କ୍ୱାକ୍‌ଙ୍କ ପାଖକୁ ଯାଇଥିଲେ। ଶିଶୁର ମୃତ୍ୟୁ ହୋଇଥିବା ଜାଣିପାରି କ୍ୱାକ୍ କୌଶଳକ୍ରମେ ପ୍ରେସ୍କ୍ରିପଶନ୍ ଓ ସିରପ୍ ଫେରାଇ ନେଇଥିଲେ। ଏପରିକି ତାଙ୍କଠାରୁ ଚିକିତ୍ସା ବାବଦକୁ ନେଇଥିବା ୫ଶହ ଟଙ୍କା ଫେରାଇ ଦେଇଥିଲେ। ସେମାନେ ସନ୍ଧ୍ୟାରେ ସୁକନ୍ୟାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବପୁର ଥାନା ପୋଲିସ ରବିବାର ସକାଳେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୪/୨୫) ରୁଜୁ କରିଛି। ଅପରପକ୍ଷେ ଘଟଣା ପରଠାରୁ କ୍ୱାକ୍‌ଙ୍କ ଚିକିତ୍ସାକେନ୍ଦ୍ର ବନ୍ଦ ରହିଥିବା ବେଳେ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ଜାଲ୍ ନୋଟ୍ କାରବାର: ଯୁବକ ଗିରଫ

ଭଦ୍ରକ,୧୧ା୫(ସନାତନ ରାଉତ)

ଦୋକାନରେ ଜାଲ୍‌ନୋଟ୍‌ଦେବାବେଳେ ଧରାପଡ଼ିଲେ ଯୁବକ। ଜାଲ ନୋଟ୍ କାରବାର ଅଭିଯୋଗରେ ଉକ୍ତ ଯୁବକଙ୍କୁ ରବିବାର ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଗିରଫ କରିଛି। ଏନେଇ ଗୁଜିଦରଡ଼ା ଫାଣ୍ଡି ଅଧିକାରୀ ଜିତେନ୍ଦ୍ର ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୨୪୦/୨୫) ରୁଜୁ ହୋଇଥିବା ସବ୍‌ଇନ୍ସପେକ୍ଟର ରମୀୟ ରଞ୍ଜନ ପ୍ରଧାନ କହିଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଆନନ୍ଦବଜାରରେ ଶନିବାର ଉକ୍ତ ଯୁବକ ପହଞ୍ଚି ମାନସ ସାହୁଙ୍କ ଲେଡିଜ୍ କର୍ନରରୁ କିଛି ସାମଗ୍ରୀ କିଣି ୨ଶହ ଟଙ୍କିଆ ନୋଟ୍ ବଢ଼ାଇଥିଲେ। ଦୋକାନୀ ସାମଗ୍ରୀର ମୂଲ୍ୟ ରଖି ଅବଶିଷ୍ଟ ଟଙ୍କା ତାଙ୍କୁ ଫେରାଇ ଦେଇଥିଲେ। ପରେ ଯୁବକ ଜଣକ ଆଉ ଏକ ୨ଶହ ଟଙ୍କିଆ ନୋଟ୍ ଖୁଚୁରା କରିବା ପାଇଁ ତାଙ୍କୁ ଦେଇଥିଲେ। ଉକ୍ତ ନୋଟ୍ ହାତକୁ ଅଲଗା ଜଣାପଡ଼ିବାରୁ ଦୋକାନୀଙ୍କର ସନ୍ଦେହ ହୋଇଥିଲା। ସେ ପାଖ ଦୋକାନୀଙ୍କୁ ଦେଖାଇବା ପରେ ଏହା ଜାଲ ନୋଟ୍ ଜାଣିପାରି ଉକ୍ତ ଯୁବକଙ୍କୁ କାବୁ କରି ବାନ୍ଧି ପକାଇଥିଲେ। ଏହି ସମୟରେ ଉକ୍ତ ଯୁବକଙ୍କ ସାଙ୍ଗରେ ଆସିଥିବା ଅନ୍ୟ ଜଣେ ସହଯୋଗୀ ଖସି ପଳାଇଥିଲେ। ଖବର ପାଇ ଫାଣ୍ଡି ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ନେଇଥିଲେ। ତାଙ୍କ ପାଖରୁ ୪ଟି ୫ଶହ ଟଙ୍କିଆ, ୨୫ଟି ୨ଶହ ଟଙ୍କିଆ ଓ ଗୋଟିଏ ୧୦୦ ଟଙ୍କିଆ ନୋଟ୍ ମୋଟ ୭,୧୦୦ ଟଙ୍କା ନକଲି ନୋଟ୍ ପୋଲିସ ଜବତ କରିଛି। ଜାଲ୍ ନୋଟ୍ କାରବାରରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ଅଧିକ ତଦନ୍ତ ଚାଲିଥିବାରୁ ଗିରଫ ଯୁବକଙ୍କ ନାମ ଓ ଠିକଣା ପୋଲିସ ଗୁପ୍ତ ରଖିଛି।

## ଖବରଦାତାଙ୍କ ପରଲୋକ

ଘଣ୍ଟେଶ୍ୱର,୧୧ା୫(ବିପିନ ଦାଶ)

ଚାନ୍ଦବାଲି ବ୍ଲକର ଖବରଦାତା ସୁକାନ୍ତ ପଟ୍ଟନାୟକ(୪୫)ଙ୍କ ଶନିବାର ରାତିରେ ପରଲୋକ ହୋଇଛି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ରବିବାର ସକାଳେ ଘଣ୍ଟେଶ୍ୱର ଅଞ୍ଚଳ କୋଳିଆଡ଼ିଆସ୍ଥିତ ତାଙ୍କ ବାସଭବନରେ ବ୍ଲକର ଖବରଦାତାମାନଙ୍କ ସମେତ ବହୁବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଜାତୀୟ ମାନବାଧିକାର ସାମ୍ମୁଖ୍ୟର ବୈଠକ

ଭଣ୍ଡାରିପୋଖରୀ,୧୧ା୫(ରାଜେନ୍ଦ୍ର ଶତପଥୀ)

ବାରିକପୁରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗୁରୁବାର ଜାତୀୟ ମାନବାଧିକାର ସାମ୍ମୁଖ୍ୟର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାଖା ସଭାପତି ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଭାରତୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚଳିତମାସ ୩୧ ତାରିଖ ଓ ଜୁନ୍ ୧ରେ ପୁରୀଠାରେ ହେବାକୁ ଥିବା ରାଷ୍ଟ୍ରୀୟସ୍ତରୀୟ ପ୍ରଶିକ୍ଷଣ ସମାବେଶ ସମ୍ପର୍କରେ ସେ ଜଣାଇଥିଲେ। ବିଭିନ୍ନ ବ୍ଲକରୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଭଦ୍ରକ ଜିଲା ଶାଖା କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ନାୟକ ପରିଚାଳନା କରିଥିଲେ।

## ସ୍ତ୍ରୀଙ୍କ ସ୍ମୃତିରେ ବୈଶାଖୀ ଜଳଛତ୍ର

ଭଦ୍ରକ,୧୧ା୫ (ସନାତନ ରାଉତ)

ଭଦ୍ରକ ସହରର ବାଇପାସ୍‌ସ୍ଥିତ ବେହେରା କମ୍ପ୍ଲେକ୍ସ ପରିସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବୈଶାଖୀ ଜଳଛତ୍ର ଖୋଲାଯାଇଛି। ସାମାଜିକ କର୍ମୀ ତଥା ଆଇନଜୀବୀ ରାମଚନ୍ଦ୍ର ବେହେରା ତାଙ୍କ ସ୍ତ୍ରୀ ସ୍ୱର୍ଗତ କିରଣବାଳା ବେହେରାଙ୍କ ସ୍ମୃତିରେ ଗତ ମାସ ୨୩ ତାରିଖରୁ ଏହି ଜଳଛତ୍ର ଆରମ୍ଭ କରିଛନ୍ତି। କିରଣବାଳା ସ୍ମୃତି ସଂସଦ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଜଳଛତ୍ରରେ ତୃଷାର୍ତ୍ତ ବାଟୋଇମାନଙ୍କୁ ଥଣ୍ଡା ପାନୀୟ ସହ ଘୋଳଦହି ସର୍ବତ ପ୍ରଦାନ କରାଯାଉଛି। ଗ୍ରୀଷ୍ମପ୍ରବାହ ସରିବା ପର୍ଯ୍ୟନ୍ତ ଏହି ଜଳଛତ୍ର ଜାରି ରହିବ ବୋଲି ରାମଚନ୍ଦ୍ର କହିଛନ୍ତି। କିରଣବାଳାଙ୍କ ଯୁବାବସ୍ଥାରେ ଆକସ୍ମିକ ମୃତ୍ୟୁ ହୋଇଥିବାରୁ ତାଙ୍କ ସ୍ମୃତିକୁ ମନେ ରଖିବା ପାଇଁ ବୈଶାଖୀରେ ଜଳଛତ୍ର ସହ ଶ୍ରୀରାମ ନବମୀ, ମହମ୍ମଦ ଜୟନ୍ତୀ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଷ୍ଟଲ୍ ଖୋଲି ଖାଦ୍ୟ ପାନୀୟ ସେ ବଣ୍ଟନ କରିଥାନ୍ତି। ଏହାବ୍ୟତୀତ ଅସହାୟ ଗରିବ ଓ ଅଗ୍ନିବିପନ୍ନଙ୍କୁ ସବୁବେଳେ ସହାୟତାର ହାତ ବଢ଼ାଇଥାନ୍ତି। ତାଙ୍କର ଏଭଳି ସେବା କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।




ପଥଚାରୀଙ୍କୁ ଜଳ ପ୍ରଦାନ କରାଯାଉଛି।

## ଉଚ୍ଚଶିକ୍ଷାରେ ଏସ୍‌ଇବିସି ବିଦ୍ୟାର୍ଥୀଙ୍କ ପାଇଁ ସଂରକ୍ଷଣ ଦାବି



ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ,୧୧ା୫ (ସନାତନ ରାଉତ)

ଓଡ଼ିଶାରେ ବହୁ ସଂଖ୍ୟାରେ ସାମାଜିକ ଓ ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି) ଛାତ୍ରୀଛାତ୍ର ଅର୍ଥନୈତିକ ଦୁର୍ବଳତା କାରଣରୁ ଉଚ୍ଚଶିକ୍ଷା କରିପାରୁ ନାହାନ୍ତି। ଛାତ୍ରୀଛାତ୍ରଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଉଚ୍ଚଶିକ୍ଷାର ଆବଶ୍ୟକତାକୁ ଲକ୍ଷ୍ୟ ରଖି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶନିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଚ୍ଚତମ ନ୍ୟାୟାଳୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ ଉକ୍ତ ବର୍ଗ ପାଇଁ ସଂରକ୍ଷଣ ଦିଆଯିବାକୁ ପ୍ରସ୍ତାବ ରହିଛି।

ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଆଦି କେତେକ ରାଜ୍ୟରେ ଏସ୍‌ଇବିସି ବର୍ଗଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପ୍ରଦାନ କରାଯାଇଛି। ଓଡ଼ିଶାରେ ଏହା ଲାଗୁ କରିବା ପାଇଁ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଓଡ଼ିଶାର ପୂର୍ବ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ବୁଦ୍ଧଦେବ ବାଘଙ୍କ ଉପସ୍ଥିତିରେ ବିଦ୍ୟାର୍ଥୀ ପରିଷଦର ବିଭାଗ ସଙ୍ଗଠନ ମନ୍ତ୍ରୀ ସମ୍ବିତ ପ୍ରସାଦ ରାଉତ, ଜିଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ପ୍ରାନ୍ତ ସବିସ୍ତାର ସହସଂଯୋଜକ ଦେବୀପ୍ରସାଦ ଦାଶ, ପ୍ରାନ୍ତ ଏସ୍‌ଏଫ୍‌ଡି ସହସଂଯୋଜକ ବିଭୂକିଶୋର ରାଉତ, ଜିଲା ସହସଂଯୋଜକ ଆକାଶ ପଣ୍ଡା, ରାଷ୍ଟ୍ରୀୟ କଳା ମଞ୍ଚ ଜିଲା ସହସଂଯୋଜିକା ରାଜଶ୍ରୀ ନାୟକ, ନଗର ସମ୍ପାଦକ ଓଁକାର ମହାନ୍ତି, ଗୋପୀକ୍ରିଷ୍ଣା ବାରିକ, ଶୁଭମ ରାଉତ, ସାଇ ଶଙ୍କର ମହାନ୍ତି, ମନୋରଞ୍ଜନ ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ରକ୍ତଦାନ ଶିବିର, ପରିବର୍ଦ୍ଧିତ କମିଟି ବୈଠକ

ଭଦ୍ରକ,୧୧ା୫ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ରବିବାର ପୂର୍ବାହ୍ନରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଓ ପରିବର୍ଦ୍ଧିତ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଜିଲାପାଳ ଦିଲୀପ ରାଉତରାଏ, ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏବଂ ବିଶିଷ୍ଟ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ବଳ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ବରିଷ୍ଠ ଖବରଦାତା ନୀହାର ଦାସ, ଅତିଶ ବେହେରା, ରାମନାରାୟଣ ମହାନ୍ତି, ବିମଳ ଭଞ୍ଜଦେଓ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୪୦ଜଣ ରକ୍ତଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାମଲ, ଉପସଭାପତି ଦୀପ୍ତି ରଞ୍ଜନ ନାୟକ, ସୁଧାକର ଦାଶ, ରାଜେନ୍ଦ୍ର ଶତପଥୀ, ସଙ୍ଗଠନ ସମ୍ପାଦକ ଅଶ୍ୱିନୀ ପାଢ଼ୀ, ସନ୍ତୋଷ ଦାସ, କୋଷାଧ୍ୟକ୍ଷ ଆଶିଷ ମହାନ୍ତି, ସୁଜୟ ପାଢ଼ୀ, ଦୁର୍ଯ୍ୟୋଧନ ଲେଙ୍କା, ବିବେକାନନ୍ଦ ପଣ୍ଡା, ଅକ୍ଷୟ ନାୟକ, ସେକ ଜାଫର ଅଲି, ସରୋଜ ସେଠୀ, ଅଭୟ ସାହୁ, ଜଗନ୍ନାଥ ବେହେରା, ଦେବାଶିଷ ଦ୍ୱିବେଦୀ, ସୀତାକାନ୍ତ ବିଶ୍ୱାଳ, ଅଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ରକ୍ତଦାତାଙ୍କ ମଧ୍ୟରେ ଅଞ୍ଜନା ମିଶ୍ର, ବାବୁ ସାହୁ, ଗୀତା ଅଗସ୍ତି, ନିରଞ୍ଜନ ନାୟକ, ରମେଶ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଉପସ୍ଥିତିରେ ରକ୍ତଦାନ କରାଯାଉଛି।

## ମାତୃ ଦିବସ ପାଳିଲା ମହିଳା ସଙ୍ଗଠନ



ମାତୃ ଦିବସ ପାଳନ ଅବସରରେ ଉପସ୍ଥିତ ଅନୁକମ୍ପା ମହିଳା ସଙ୍ଗଠନର ସଦସ୍ୟାମାନେ।

ଧୁଷୁରୀ,୧୧ା୫ (ଦୀପ୍ତି ରଞ୍ଜନ ନାୟକ)

ଧୁଷୁରୀସ୍ଥିତ ହୃଦାନନ୍ଦ ପାଠାଗାରଠାରେ ଅନୁକମ୍ପା ମହିଳା ସଙ୍ଗଠନ ପକ୍ଷରୁ ରବିବାର ସନ୍ଧ୍ୟା ୬ଟାରେ ବିଶ୍ୱ ମାତୃ ଦିବସ ପାଳନ କରାଯା କରାଯାଇଛି। ସଭାପତି କବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାହୁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଗଠନ ସଦସ୍ୟ ପ୍ରସନ୍ନ ଷଡ଼ଙ୍ଗୀ, ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, କ୍ରୀଡ଼ାବିତ୍ ରମେଶ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସମ୍ପାଦିକା ଅଞ୍ଜନା ମହାକୁଡ଼, ଉପସଭାପତି ବିମଳା ନାଥ, କୋଷାଧ୍ୟକ୍ଷ ନମିତା ପଣ୍ଡା, ଉପଦେଷ୍ଟା ସ୍ୱର୍ଣ୍ଣଲତା ଷଡ଼ଙ୍ଗୀ, ସହସମ୍ପାଦିକା ଗୀତାଞ୍ଜଳି ମଲ୍ଲିକ, ଇପ୍‌ସିତା ହୋତା, କେତକୀ ବାରିକ, ମାଧବୀ ସାହୁ, ସୁବାସିନୀ ପୁହାଣ, ଛବିଳତା ବେହେରା ପ୍ରମୁଖ ମାତୃ ଦିବସରେ ସମାଜସେବା କରିବାକୁ ନାରୀମାନେ ଆଗେଇ ଆସିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ରତିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟନଜୋରିକୁ ଓଲଟିଲା ବିୟର ବୋଝେଇ ଟ୍ରକ୍

ବନ୍ତ,୧୧ା୫(ହରି ନାରାୟଣ ମହାନ୍ତି)

ବନ୍ତ ଥାନା ଅଧୀନ ଭଦ୍ରକ-ଆନନ୍ଦପୁର ୫୩ନଂ. ରାଜ୍ୟ ରାଜପଥର ଟିଲୋ ତାଳପଦା ଛକଠାରେ ରବିବାର ଅପରାହ୍ନରେ ଏକ ବିୟର ବୋଝେଇ ଟ୍ରକ୍ ନୟନଜୋରିକୁ ଓଲଟି ପଡ଼ିଛି। ସୂଚନା ଅନୁଯାୟୀ, ଆନନ୍ଦପୁର ପାର୍ଶ୍ୱରୁ ଉକ୍ତ ଟ୍ରକ୍ (ଓଡି-୦୫-ବିଏ୦୦୨୭) ଭଦ୍ରକ ଅଭିମୁଖେ ଯାଉଥିଲା। ଟିଲୋ ତାଳପଦା ଛକ ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ଟ୍ରକ୍‌ଟି ନୟନଜୋରିକୁ ଓଲଟି ପଡ଼ିଥିଲା। ଏଥିରେ ଚାଳକ ଆହତ ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଆହତ ଚାଳକଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲା। ଉକ୍ତ ଟ୍ରକ୍ ବାଲେଶ୍ୱର ଯାଉଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 03-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାରଙ୍ଗ - ରାଜ ଆଠଗଡ଼ ସେକ୍ସନରେ ଘଣ୍ଟିଖାଲ ନିଧିପୁର ୟାର୍ଡରେ RLY.KM.432/32-34ରେ ଲେଭଲ କ୍ରସିଂ ସଂଖ୍ୟା JB-07 ସ୍ଥାନରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ପାଇଁ OHE ସଂଶୋଧନ କାର୍ଯ୍ୟର ନିଷ୍ପାଦନ।

**ବିଜ୍ଞାପିତ ମୂଲ୍ୟ (₹):** 9,46,018.79, EMD (₹) : 18,900.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.05.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-115/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-245

**କାର୍ଯ୍ୟର ନାମ :** ତାରମାଲ ଷ୍ଟେସନରେ ଡବଲ ଡାଇମଣ୍ଡ ଫର୍ମେସନ ଉଦ୍ଦେଶ୍ୟରେ ପଥ ଆଲୋକୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ** ₹ 36,59,828.68, EMD : ₹ 73,200.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.05.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-111/Q/25-26

**ODISHA HYDRO POWER CORPORATION LIMITED**

OHPC

BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-291058(O)/ 06861-291048 (R), Fax:06861-232541
E-Mail:bhep.balimela@gmail.com, unit.head_balimela@yahoo.com
CIN:U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/09/2025-26, Dtd.09.05.2025**

**No.CAD-384:** Sealed tenders are invited in two part bid basis (Technical & Commercial Bid) from the **Registered Firms/ Manufacturers/ Authorized Dealers/ Chanel Partners** for supply of materials as detailed below.

| Sl. No. | Description of Items | Cost of Tender Paper in Rs. | E.M.D. in shape of D.D./B.C. |
| --- | --- | --- | --- |
| 1 | "Supply of different types of SKF Make bearings for BHEP, Balimela. | Rs.7080/- Inclusive of GST @ 18% | 1% (One Percent) of the quoted amount |

**The Sale of Tender Paper will be from** : 09.00 hrs. of 13.05.2025 to 11.00 hrs. of 28.05.2025
**The last date & time of receipt of tenders** : Upto 12.00 hrs. of Dt.28.05.2025
**Date and time of opening of the Techno Commercial Bid** : Dt.28.05.2025 at 12.30 Hrs.

For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**

Sd./- C & P Head
BHEP, Balimela

OIPR-04019/11/0083/2526

**DISTRICT PROJECT OFFICE**
**RTE-SAMAGRA SHIKSHA KANDHAMAL**
MAIN ROAD PHULBANI-762001
E-Mail: dpcssakandhamal@gmail.com, Ph.06842-255480

**ADVERTISEMENT**

No.1600//GE//25//dt.9.5.2025
File No. IV-3/2025

No.n-43: Applications are hereby invited from eligible candidates for engagement of warden for Girls hostel of the Odisha Adarsha Vidyalaya Chakapad, Kudutuli (K.Nuagaon) & Jalespata (Tumudibandh) of Kandhamal district. The applications in the prescribed format must be sent by Speed Post/Registered Post addressing to the Principal OAVs of the concerned blocks of the Kandhamal District by 02.06.2025. The application must superscribe the name of the post in capital letter on the top of the envelope, otherwise the application will be rejected. The Principal concerns of OAVs reserves the right to cancel any or all the proposals without assigning any reason thereof.

The Prescribed format alongwith details guideline & address of concern OAVs for the above post may be downloaded from the Kandhamal district website **https://kandhamal.nic.in & https://osepa.odisha.gov.in.**

By the order of the Collector-cum-Chairperson, OAV, Kandhamal

OIPR-27059/11/0012/2526 Sd./- DEO-cum-DPC, SS, Kandhamal

**OFFICE OF THE PANCHAYAT SAMITI KORUKONDA**

No.1947/VI-159/2025/SETU/Dev. Dated 9.05.2025

**TENDER CALL NOTICE NO.-01/2025-26**

No.i-91:Sealed Tender in the prescribed form to be eventually drawn up in PWD Form P-1(Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
| --- | --- |
| Name of the Works | Construction of various works in different G.Ps of Korukonda Block under SETU/BKBK/VSS |
| No. of Works | 21 Nos. (Twenty One) Only |
| Amount put to Tender | As laid down in the DTCN/Tender Call Notice |
| Tender Paper Cost | As laid down in the DTCN/Tender Call Notice |
| E.M.D. Amount required | As laid down in the DTCN/Tender Call Notice |
| Period of Completion | As laid down in the DTCN for each work |
| Date of Sale of Tender Paper | The Bid documents can be downloaded from the Govt. Website https://malkangiri.odisha.gov.in from 13.05.2025 to 26.05.2025 |
| Date of Receipt of Tender Paper | From 13.05.2025 to 26.05.2025 upto 1.00 PM (in working days) through Registered Post/ Speed Post only |
| Date of Opening of Tender Papers | At 08.00 A.M. on dated 28.05.2025 in the Office of the Block Development Officer, Korukonda in presence of Tenderer / their authorized representatives. |

If the last date of receipt of tender paper turns out be a holiday, It will automatically be extended to next working day.

Sd./- Block Development Officer
Korukonda

OIPR-19021/11/0007/2526

# ଶିମିଳିପାଳ ସୁରକ୍ଷାରେ ୨ ସ୍ନାଇଫର ଡଗ୍

**ବାରିପଦା, ୧୧।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା କ୍ଷେତ୍ରରେ ଦୁଇ ନୂତନ ସବୁଜ ସୈନିକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶିକାରୀଙ୍କୁ ଟ୍ରାକିଂ କରିବା ଓ ଶିକାର ସରଞ୍ଜାମକୁ ଜବତ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ରବିବାର ଅନ୍ୟ ୨ ସ୍ନାଇଫର ଡଗ୍ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ସିକନ୍ଦରାବାଦରୁ ତାଲିମ ସମାପ୍ତ ପରେ ଉଚ୍ଚ ପ୍ରଶିକ୍ଷିତ ନନ୍ତା (ଅଣ୍ଡିରା) ଓ ଆନ୍ନିକା(ମାଈ) ସୁରକ୍ଷା କ୍ଷେତ୍ରରେ ଯୋଗ ଦେଇଛନ୍ତି। ୩ ବର୍ଷ ମଧ୍ୟରେ ମୋଟ ୭ ସ୍ନାଇଫର ଡଗ୍ ସ୍କ୍ୱାଡ୍‌କୁ ସୁରକ୍ଷା କ୍ଷେତ୍ରରେ ନିୟୋଜିତ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି। ଏହା ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ଶିମିଳିପାଳ ଅଭୟାରଣ୍ୟର ସମ୍ବେଦନଶୀଳ ତଥା ଅପହଞ୍ଚ ଇଲାକାରେ ସୁରକ୍ଷା ରଣନୀତିକୁ ଆହୁରି ସୁଦୃଢ଼ କରିପାରିବ ବୋଲି ବନ ବିଭାଗ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

ଶିମିଳିପାଳ ଜୈବ ମଣ୍ଡଳକୁ ଜାତୀୟ ଉଦ୍ୟାନ ଘୋଷଣା ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ଶିକାର ଓ ଶିକାରୀ ଦାଉରୁ ମୁକ୍ତ କରିବାକୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ନିଆଁ, ଶିକାରୀ ଓ କାଠ ଚୋରଙ୍କ ଦାଉରୁ ସୁରକ୍ଷା ଦେବା ପାଇଁ ସ୍ନାଇଫର ଡଗ୍ ସ୍କ୍ୱାଡ୍ ଦିନକୁ ଦିନ ବୃଦ୍ଧି କରାଯାଉଛି। ବନ ବିଭାଗର ଚଢ଼ାଉ ସମୟରେ ଏହି ଡଗ୍ ସ୍କ୍ୱାଡ୍ ସହଜରେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥାଏ। ୨୦୨୧ରେ ଦ୍ରୋଣ ଓ ମାୟା ନାମକ ଜର୍ମାନ ସଫର୍ଡ ଦୁଇଟି ତାଲିମପ୍ରାପ୍ତ ସ୍ନାଇଫର ଡଗ୍‌କୁ ନିୟୋଜିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ସଫଳତା ମିଳିବା ପରେ ୨୦୨୪ରେ ଲିଓ ନାମକ ବେଲିଜିୟମ ସଫର୍ଡ, ଖଇରୀ (ବେଲିଜିୟମ ସଫର୍ଡ) ଓ ହନି (ଜର୍ମାନ ସଫର୍ଡ) ନାମକ ୩ଟି ଡଗ୍‌କୁ ଏଥିରେ ସାମିଲ କରାଯାଇଥିଲା। ଏଥିରେ ସଫଳତା ଆସିବା ପରେ ନନ୍ତା ଓ ଆନ୍ନିକାକୁ ସାମିଲ କରାଯାଇଛି। ଏହି ଦୁଇ


୨ ସ୍ନାଇଫର ଡଗ୍ ସହ ଗାଇଡ୍ ମାଷ୍ଟର।

କୁକୁର ବେଲଜିୟମ ମାଲିନୋଇସ ପ୍ରଜାତିର ହୋଇଥିବା ବେଳେ ପ୍ରଭାବଶାଳୀ ଟ୍ରାକିଂ ଓ ବନ୍ୟପ୍ରାଣୀ ଚୋରା ଦ୍ରବ୍ୟ ଚିହ୍ନଟ କରିବାରେ ପ୍ରଶିକ୍ଷଣ ନେଇଛନ୍ତି। ଏହାଦ୍ୱାରା ଶିମିଳିପାଳକୁ ଅନୁପ୍ରବେଶ କରୁଥିବା ଶିକାରୀଙ୍କ ପାଦ ଚିହ୍ନ ଓ ଶିକାର ସରଞ୍ଜାମର ଗନ୍ଧ ଦେବା ପରେ ଶିକାରୀଙ୍କ ଗତିବିଧି ସମ୍ପର୍କରେ କୁକୁର ସମ୍ୟକ ସୂଚନା ଦେବ। ସେହିପରି ବନ୍ୟପ୍ରାଣୀଙ୍କ ଦେହାବଶେଷକୁ ଚିହ୍ନଟ କରିବାରେ ଆନ୍ନିକାକୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ସ୍ନାଇପର ଡଗ୍‌କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ପରେ ଗାଇଡ୍ ମାଷ୍ଟରମାନେ ଅନୁଧ୍ୟାନ କରିଥାନ୍ତି। ଏହି କୁକୁରର ଆଘ୍ରାଣ ଶକ୍ତି ପ୍ରଖର ଥିବାରୁ ଶିକାରୀଙ୍କ ଗନ୍ଧକୁ ନେଇ ଚଳପ୍ରଚଳ କରିବା, ମୃତ ବନ୍ୟଜନ୍ତୁ ଠାବ କରିବା ସହ ଶିକାର ଉଦ୍ଦେଶ୍ୟରେ ବସାଯାଇଥିବା ସରଞ୍ଜାମକୁ ଖୋଜି ବାହାର କରିବାରେ ସକ୍ଷମ ହୋଇଥାଏ। ତେବେ ବର୍ଷାଦିନେ ବର୍ଷା ଯୋଗୁ ଶିକାରୀଙ୍କ ଗନ୍ଧ ପାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥାଏ। ଶିମିଳିପାଳର ଅପହଞ୍ଚ ଇଲାକାରେ ପାଟ୍ରୋଲିଂ ପାଇଁ କେବଳ ହାତୀ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଏଣୁ ଡଗ୍ ସ୍କ୍ୱାଡ୍ ସହ ବନ କର୍ମଚାରୀମାନେ ଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଶିକାର ରୋକିବା ସମ୍ଭବ ହୋଇପାରିବ ବୋଲି ପରିବେଶବିତ୍‌ମାନେ ପ୍ରକାଶ କରିଛନ୍ତି।

# କୃତୀ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

**ଉଦଳା, ୧୧।୫ (ସନ୍ତୋଷ କୁମାର ବାଞ୍ଛିନୀ)**

ଶ୍ରୀ ମା' ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ ମାତୃ ସାଧନା କେନ୍ଦ୍ର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉଦଳା କଲେଜ ରୋଡ୍‌ସ୍ଥିତ ମାତୃ ସାଧନା କେନ୍ଦ୍ର ପରିସରରେ ରବିବାର ପୂର୍ବାହ୍ନ ୧୦ଟା ସମୟରେ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ, ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିନେଇ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ସଭାପତି ସୌମ୍ୟାସୁମନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସିଆର୍‌ସିସି ଆଦ୍ୟାଶା ଦାସ, ସାମାଜିକ କର୍ମୀ ଅମୀୟ କୁମାର ବଳ, ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ସନ୍ତୋଷିନୀ ମହାନ୍ତି, ସମ୍ପାଦିକା ସୁଜାତା ମହାଳିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀଙ୍କ ସଂଯୋଜନାରେ ବିଦ୍ୟାଳୟର ସମସ୍ତ ସାଧକ ସାଧିକାମାନେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

# ବିଲରୁ ମିଳିଲା ଶିଶୁଭ୍ରୂଣ

**ଉଦଳା, ୧୧।୫ (ସନ୍ତୋଷ କୁମାର ବାଞ୍ଛିନୀ)**

କପ୍ତିପଦା ଥାନା କୁଆଗୋଠଣା ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ବିଲରୁ ଏକ ଶିଶୁଭ୍ରୁଣ ମିଳିଛି। ପଲିଥିନ ଭିତରେ ପଶି ପଡ଼ିଥିବା ରବିବାର ସକାଳ ସାଢେ ୬ଟା ସମୟରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ କପ୍ତିପଦା ପୋଲିସ ପହଞ୍ଚି ଏହାକୁ ଜବତ କରିଛି। ଭ୍ରୁଣଟି ୩ ରୁ ୪ ମାସର ହେବ ବୋଲି ଅନୁମାନ କରାଯାଉଛି। କେହି ଗର୍ଭ ନଷ୍ଟ କରିବା ପାଇଁ ଏଭଳି ହୀନ କାମ କରିଥିବା ଆଲୋଚନା ହେଉଛି। ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ୪୧ ୟୁନିଟ ରକ୍ତ ସଂଗ୍ରହ



ବ୍ଲଡ୍ ବ୍ୟାଙ୍କ ପରିସରରେ ଆୟୋଜିତ ରକ୍ତଦାନ ଶିବିର।

**ବାରିପଦା, ୧୧।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଆନ୍ତର୍ଜାତିକ ନର୍ସିଂ ଦିବସ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ବାରିପଦା ବ୍ଲଡ୍ ବ୍ୟାଙ୍କ ପରିସରରେ ନର୍ସିଂ ଅଫିସରମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାରିପଦା ରକ୍ତ କେନ୍ଦ୍ରର ଡା. ସୌମ୍ୟ ରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ କେମିଷ୍ଟ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ, ନର୍ସିଂ ଅଫିସର ସଂଘର ସଭାପତି ଶକୁନ୍ତଳା ପାଢ଼ୀ, ଡେପୁଟି ନର୍ସିଂ ଅଧ୍ୟକ୍ଷ କଳ୍ପନା ବେହେରା, ଉଷାମଣି ସେଠୀ, ମାଳତୀ ଦେଇ, ଖିତେଶ୍ୱରି ସିଂ ଏବଂ ସାମାଜିକ କର୍ମୀ ଅମର ସେଠୀ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ ଜ୍ୟୋତିପ୍ରକାଶ ଭୂଜବଳ, ରୁଚିକା ଖୁରାନା, ପ୍ରେମାନନ୍ଦ ପରିଡ଼ା, ହିମାଂଶୁ ସେଠୀ, ନିର୍ମାଲ୍ୟ ପାତ୍ର, ଦେବାଶିଷ ଭୋଳ, ଜ୍ୟୋତି ପ୍ରକାଶ ଗୋସ୍ୱାମୀ, ବସୁନ୍ଧରା ପାତ୍ର, ଅମ୍ବିକା ମାରାଣ୍ଡି, ସ୍ୱପ୍ନିନି ମହାନ୍ତ, ଦେବସ୍ମିତା ମହକୁଡ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ରକ୍ତଭଣ୍ଡାରର ଡା. ନିଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ଅର୍ଜୁନ ଦାସ, କରୁଣାକର ଜେନା, ଶକୁନ୍ତଳା ମହାନ୍ତ ରକ୍ତ ସଂଗ୍ରହ କରିଥିଲେ।

# ରମଧା ଶାସନରେ ନୃସିଂହ ପୂଜା

**ବାହାନଗା, ୧୧।୫ (ଅରୂପ କୁମାର ଦାସ)**

ବାଲେଶର ଜିଲା ବାହାନଗା ବ୍ଲକ ଖିରାସାହାପୁର ପଞ୍ଚାୟତ ରମଧା ଶାସନରେ ପ୍ରଭୁ ନୃସିଂହଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଗ୍ରାମ ସାଆଁନ୍ତାଣୀ ପୋଖରୀରୁ ଘଟ ଉତ୍ତୋଳନ କରାଯାଇଥିଲା। କର୍ତ୍ତା ଭାବେ ଚିତ୍ତରଞ୍ଜନ ଦାଶ ଓ ତିଳୋତ୍ତମା ଦାଶ କାର୍ଯ୍ୟ ତୁଲାଇଥିଲେ। ନୃସିଂହଙ୍କର ଷୋଡ଼ଶ ଉପଚାର ପୂଜା ସହିତ ନ୍ୟାସ ଆଦି ଗୁରୁପୂଜା, ସୂର୍ଯ୍ୟ ପୂଜା, ପିତୃମାତୃ ପୂଜା ହୋଇ ନୃସିଂହ ମନ୍ତ୍ରରେ ୧୦୮ ଘୃତ ଆହୂତି ହୋମ ଯଜ୍ଞ ହୋଇଥିଲା। ପଣ୍ଡିତ ଅଜୟ କୁମାର ପଣ୍ଡା, ପଣ୍ଡିତ ରଘୁନାଥ ଦାଶ ପୂଜାନୀତି ସମ୍ପନ୍ନ କରିଥିଲେ। କୈଳାସ ଦାଶ, ସୁରେଶ ଚନ୍ଦ୍ର ଦାଶ, ସୌମ୍ୟରଞ୍ଜନ ଦାଶ, ରବୀନ୍ଦ୍ର ରଥ, ଭକ୍ତରଞ୍ଜନ ଦାଶ, ଫାଲଗୁନି ଦାଶ, ପରେଶ ଚନ୍ଦ୍ର ଦାଶ ପରିଚାଳନରେ ସହଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଆରତୀ ଦର୍ଶନ ପରେ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଡହଡହ ଖରାରେ ଖଟୁଛନ୍ତି ଶ୍ରମିକ

## ସରକାରୀ ନିୟମ ଉଲ୍ଲଂଘନ, ଚାଲିଛି ନିର୍ମାଣ କାର୍ଯ୍ୟ

**ମୋରଡ଼ା, ୧୧।୫ (ସ୍ମାରକ ମାଜୀ)**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସରକାର ଗାଇଡଲାଇନ ଜାରି କରିଛନ୍ତି। କିନ୍ତୁ ସରକାରଙ୍କ ନିୟମକୁ ଉଲ୍ଲଂଘନ କରି ଡହଡହ ଖରାରେ ନିର୍ମାଣ କାର୍ଯ୍ୟ ଚାଲିଛି। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ବାରିପଦା-ଚିତ୍ରଡ଼ା-ଅମର୍ଦା ରାଜ୍ୟ ରାଜପଥର ନାକିଚୁଆ ପଞ୍ଚାୟତର ରାଇଶୋଳ ନିକଟରେ ଏଭଳି ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗ ଅଧୀନରେ ଥିବା ଉକ୍ତ ରାଜ୍ୟ ରାଜପଥର ମରାମତି ନିମନ୍ତେ ରାଇଶୋଳ ନିକଟରେ ଶନିବାର ମଧ୍ୟାହ୍ନରେ ପିଚୁ ବିଛାଇବା କାର୍ଯ୍ୟ ଚାଲିଥିଲା। ଠିକାଦାର ପ୍ରବଳ ତାତିକୁ ଖାତିର ନ କରି ଶ୍ରମିକମାନଙ୍କୁ ଏମିତି ଟାଣ ଖରାରେ ଖଟାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ଅରବିନ୍ଦ ମହାନ୍ତିଙ୍କୁ ପଚାରିବାରୁ ସରକାରଙ୍କ ନିୟମ ବାବଦରେ ସମସ୍ତଙ୍କୁ ସଚେତନ କରାଯାଇଛି ଏବଂ ଉଲ୍ଲଂଘନ କରିଥିବା ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ରାଇଶୋଳ ନିକଟରେ ରାସ୍ତା କାମରେ ନିୟୋଜିତ ଜଣେ ମହିଳା ଶ୍ରମିକ।

# ଗୋଟିଏ ଦିନରେ ୨ ଅପମୃତ୍ୟୁ ମାମଲା

**ରାଇରଙ୍ଗପୁର, ୧୧।୫ (ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନସ୍ଥ ବାଦାମପାହାଡ଼ ଏବଂ ତିରିଙ୍ଗ ଥାନା ଅଞ୍ଚଳରେ ରବିବାର ପୃଥକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବାଦାମପାହାଡ଼ ଥାନା ଅନ୍ତର୍ଗତ ସୁଲେଇପାଟ ମାର୍କେଟ ନିକଟସ୍ଥ ରାସ୍ତାକଡ଼ରୁ ସକାଳ ୭ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ମୃତକ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଜିଲା ପର୍ଶୁଡିହୀ ଥାନା ଅନ୍ତର୍ଗତ ସାର ଯାମଦା ଗ୍ରାମ ଦିଦିରତୋଲା ବସ୍ତି ଅଞ୍ଚଳର ବିଜୟ ହୋ (୬୪)। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୧୧/୨୦୨୫) ରୁଜୁ କରି ତଦନ୍ତ କରୁଛି। ସେ ଶନିବାର ସୁଲେଇପାଟ ନିକଟସ୍ଥ ଭଗାନ୍ଦି ଗ୍ରାମସ୍ଥିତ ସମ୍ପର୍କୀୟ ମାମୁଁ ଘରକୁ ଆସିଥିଲେ ବୋଲି ପୋଲିସ କହିଛି। ସେହିଭଳି ତିରିଙ୍ଗ ଥାନା ଅନ୍ତର୍ଗତ ଝରାଡି ନିକଟବର୍ତ୍ତୀ ସୁରଦା ଧାତକିଡିହୀ ଗ୍ରାମାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ଉକ୍ତ ସୁରଦା ଭଗାନ୍ଦି ଗ୍ରାମର ମିନା ପାତ୍ର (୪୦)। ମହିଳା ପାରିବାରିକ କନ୍ଦଳକୁ ନେଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏକ ଅପମୃତ୍ୟୁ ମାମଲା (ନଂ.୯/୨୦୨୫) ରୁଜୁକରି ମୃତଦେହ ରାଇରଙ୍ଗପୁର ହସ୍ପିଟାଲା ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଜଳେଶ୍ୱର, ୧୧।୫ (ନବୀନ ସାହୁ)- ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପାଇକସିଦା ପଞ୍ଚାୟତ ଅନ୍ତର୍ଗତ ଚିତମିଶ୍ରା ଗାଁରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଘର ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଶାଶୁ ଏବଂ ଯାଆ ମିଶି ତାଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବା ବାପ ଘର ଲୋକ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଚିତମିଶ୍ରା ଗାଁର ମନୋରଞ୍ଜନ ରଣାଙ୍କୁ ବେତଗଡ଼ିଆର ଦମୟନ୍ତୀ ୨୦୧୪ରେ ବିବାହ କରିଥିଲେ। ମନୋରଞ୍ଜନ ବାହାରେ ରହି କାମ କରନ୍ତି। ତାଙ୍କର ୩ଟି ଝିଅ ଅଛନ୍ତି। କିଛିଦିନ ତଳେ ଦମୟନ୍ତୀ ବାପ ଘରକୁ ବୁଲିବା ପାଇଁ ଯାଇ ଶୁକ୍ରବାର ଶାଶୁ ଘରକୁ ଫେରିଥିଲେ। ରବିବାର ପୂର୍ବାହ୍ନ ୧୧ଟା ସମୟରେ ରୋଷେଇ ଘରେ ଦମୟନ୍ତୀଙ୍କ ମୃତଦେହ ଝୁଲୁଥିବା ଦେଖି ପଡ଼ୋଶୀମାନେ ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାପ ଘର ଲୋକ ପହଞ୍ଚି ହତ୍ୟା ଅଭିଯୋଗ ଆଣିଥିଲେ। ସ୍ୱାମୀ କାମ କରିବାକୁ ଯିବା ପରେ ଶାଶୁଘର ଲୋକେ ତାଙ୍କୁ ବିଭିନ୍ନ ନିର୍ଯାତନା ଦେଉଥିବା ନେଇ ବାପା ଘର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

# ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୨ ଦିନିଆ ରାଇରଙ୍ଗପୁର ଗସ୍ତ

**ରାଇରଙ୍ଗପୁର, ୧୧।୫ (ମାନସ ମହାନ୍ତି)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାରଠାରୁ ୨ ଦିନିଆ ମୟୂରଭଞ୍ଜ ଜିଲା ରାୟରଙ୍ଗପୁର ଗସ୍ତ କରିବେ। ରାଇରଙ୍ଗପୁର ନିକଟସ୍ଥ ଦାଣ୍ଡବୋଷ ଏୟାର ଷ୍ଟ୍ରିପ୍‌ରେ ସୋମବାର ପୂର୍ବାହ୍ନ ୧୦ଟା ୧୫ରେ ଅବତରଣ କରିବେ। ସେଠାରୁ ଦାଣ୍ଡବୋଷ ଗ୍ରାମାଞ୍ଚଳରେ ଆଦିବାସୀ ସାନ୍ତାଳୀ ଅଲଚିକି ଭାଷା ସ୍ରଷ୍ଟା ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ବାର୍ଷିକ ଏବଂ ସାନ୍ତାଳୀ ଭାଷା ଅଲଚିକିର ଶତବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ସ୍ଥଳକୁ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିବେ। ପରେ ରାଇରଙ୍ଗପୁର ମହୁଲ ଡିହାବସ୍ତି ନିକଟସ୍ଥ ଆୟୋଜିତ ଜନସଭାରେ ଯୋଗଦେବେ। ମହୁଲଡିହାସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ରାତ୍ରିଯାପନ କରି ମଙ୍ଗଳବାର ରାଇରଙ୍ଗପୁର ଉପଖଣ୍ଡ ବିଶୋଇ ବ୍ଲକ୍ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲାପାଳ ହେମକାନ୍ତ ସୟ, ରାଇରଙ୍ଗପୁର ଉପ ଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ପ୍ରଶାସନିକ ବିଭିନ୍ନ ପଦାଧିକାରୀ ପ୍ରସ୍ତୁତି କରୁଛନ୍ତି। ଶାନ୍ତି ଶୃଙ୍ଖଳା ପାଇଁ ଏସ୍‌ପି. ବରୁଣ ଗୁଣ୍ଟୁପାଲି, ରାଇରଙ୍ଗପୁର ଅତିରିକ୍ତ ଏସପି ଯଦୁନାଥ ଜେନା, ସର୍କଲ ଏସଡିପିଓ ଗୋକୁଳାନନ୍ଦ ସାହୁଙ୍କ ନେତୃତ୍ୱରେ ବହୁ ପଦାଧିକାରୀ ଅଫିସର, କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ୪୧ ଗୋରୁ ଜବତ

ଭୋଗରାଇ, ୧୧।୫ (ପ୍ରଦୀପ ଦାସ)- ବାଲେଶ୍ୱର ଜିଲା ଭୋଗରାଇ ଓ ଜଳେଶ୍ୱର ବ୍ଲକରୁ ୨୫ରୁ ଉର୍ଦ୍ଧ୍ୱ ଗଳାବାଟ ଦେଇ ପଶ୍ଚିମବଙ୍ଗ ଗୋରୁହାଟ ଓ କଂସେଇଖାନାକୁ ଗୋଚାଲାଣ ହେଉଛି। ଭଦ୍ରକର ପେସାଦାର ଗୋ ମାଫିଆଙ୍କ ସହ ଅସାଧୁ ପୋଲିସ କର୍ମଚାରୀଙ୍କ ସଲାସୁତରାରେ ଏଭଳି କାରବାର ଚାଲିଥିବା ଅଭିଯୋଗ ହେଉଛି। ରବିବାର ଏକ ଟ୍ରକ୍‌ରେ ଗୋରୁଗୁଡ଼ିକ ଅତି ଦୟନୀୟ ଅବସ୍ଥାରେ ଚାଲାଣ ହେଉଥିଲା। ଗ୍ରାମବାସୀଙ୍କଠାରୁ ସୂଚନାପାଇ ପୋଲିସ ପହଞ୍ଚି ୪୧ଟି ଗୋରୁଙ୍କୁ ଅଚେତବସ୍ଥାରେ ଉଦ୍ଧାର କରିଥିଲା। ଅପରାହ୍ନରେ ବାଲେଶ୍ୱର ରେମୁଣାସ୍ଥିତ ଏକ ଗୋଶାଳାକୁ ଗୋରୁଗୁଡ଼ିକ ପଠାଯାଇଥିବା ସୂଚନା ମିଳିଛି। ଗୋରୁ ଗାଡ଼ି ଛାଡ଼ି ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ପୋଲିସ କହିଛି।

# ବାକି ଟଙ୍କାକୁ ନେଇ ଟେଣ୍ଟ ମାଲିକଙ୍କୁ ଆକ୍ରମଣ

**ଗୋପବନ୍ଧୁ ନଗର, ୧୧।୫ (ଶାନ୍ତନୁ କୁମାର ମଡୁଆଳ)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା କୁଆମରା ଫାଣ୍ଡି ଅନ୍ତର୍ଗତ କଡ଼ଦା ଗ୍ରାମରେ ବାକି ଟଙ୍କାକୁ ନେଇ ଜଣେ ଟେଣ୍ଟ ମାଲିକଙ୍କ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ଏ ନେଇ ଟେଣ୍ଟ ମାଲିକ କଡଦା ଗ୍ରାମର ମନୋରଞ୍ଜନ ଦାଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ମନୋରଞ୍ଜନଙ୍କଠାରୁ ଆରପଟା ପଞ୍ଚାୟତ ପାଳଶା ଗ୍ରାମର ମନୋଜ ସିଂ ଫେବୃୟାରୀରେ ଟେଣ୍ଟ ସାମଗ୍ରୀ ଭଡ଼ା ନେଇଥିଲେ। ଭଡ଼ା ବାବଦକୁ ୯ ହଜାର ୬ ଶହ ଟଙ୍କା ମନୋଜ ସିଂଙ୍କ ଉପରେ ଥିଲା। ମନୋଜ ଟଙ୍କା ଠିକ୍ ସମୟରେ ପରିଷଦ ନ କରିବାରୁ ମନୋରଞ୍ଜନ କୁଆମରା ଫାଣ୍ଡିରେ ଅଭିଯୋଗ କରିଥିଲେ। କୁଆମରା ଫାଣ୍ଡି ଅଧିକାରୀ ଉଭୟଙ୍କୁ ଡାକି ବୁଝାମଣା କରିଥିଲେ। ଗତ ୨୦ ତାରିଖ ମଧ୍ୟରେ ସମସ୍ତ ଟଙ୍କା ପରିଶୋଧ କରିବେ ବୋଲି ମନୋଜ କହିଥିଲେ। ମାତ୍ର ଠିକ୍ ସମୟରେ ଟଙ୍କା ଦେଇ ନ ଥିଲେ। ରବିବାର ପୁରୁଣା ବାରିପଦାଠାରେ ମନୋଜଙ୍କ ପୁଅ ପପୁନ ଓ ଜିତୁନ ଛିଡ଼ା ହୋଇଥିବା ବେଳେ ମନୋରଞ୍ଜନ ଟଙ୍କା ଦେବାକୁ ତାଗିଦା କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦୁଇ ଭାଇ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ମନୋରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ମନୋରଞ୍ଜନ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ କୁଆମରା ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ କୁଆମରା ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଗଛାୟତ ତଦନ୍ତ ଚଳାଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 03-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାରଙ୍ଗ - ରାଜ ଆଠଗଡ଼ ସେକ୍ସନରେ ଘଣ୍ଟିଖାଲ ନିଧିପୁର ୟାର୍ଡରେ RLY.KM.432/32-34ରେ ଲେଭଲ କ୍ରସିଂ ସଂଖ୍ୟା JB-07 ସ୍ଥାନରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB)ର ନିର୍ମାଣ ପାଇଁ OHE ସଂଶୋଧନ କାର୍ଯ୍ୟର ନିଷ୍ପାଦନ।

**ବିଜ୍ଞାପିତ ମୂଲ୍ୟ (₹):** 9,46,018.79, EMD (₹) : 18,900.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.05.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-115/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-245

**କାର୍ଯ୍ୟର ନାମ :** ତାରମାଲ ଷ୍ଟେସନରେ ଡବଲ ଡାଇମଣ୍ଡ ଫର୍ମେସନ ଉଦ୍ଦେଶରେ ପଥ ଆଲୋକୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ** ₹ 36,59,828.68, EMD : ₹ 73,200.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.05.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-111/Q/25-26

**ODISHA HYDRO POWER CORPORATION LIMITED**
OHPC
BALIMELA HYDRO ELECTRIC PROJECT: POST: BALIMELA
DIST:MALKANGIRI (ODISHA), PIN:764051
Phones:06861-291058(O)/ 06861-291048 (R), Fax:06861-232541
E-Mail:bhep.balimela@gmail.com, unit.head_balimela@yahoo.com
CIN:U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE No.BHEP/TECH/09/2025-26, Dtd.09.05.2025**

**No.CAD-384:** Sealed tenders are invited in two part bid basis (Technical & Commercial Bid) from the **Registered Firms/ Manufacturers/ Authorized Dealers/ Chanel Partners** for supply of materials as detailed below.

| Sl. No. | Description of Items | Cost of Tender Paper in Rs. | E.M.D. in shape of D.D./B.C. |
|---|---|---|---|
| 1 | "Supply of different types of SKF Make bearings for BHEP, Balimela. | Rs.7080/- Inclusive of GST @ 18% | 1% (One Percent) of the quoted amount |

The Sale of Tender Paper will be from : 09.00 hrs. of 13.05.2025 to 11.00 hrs. of 28.05.2025
The last date & time of receipt of tenders : Upto 12.00 hrs. of Dt.28.05.2025
Date and time of opening of the Techno Commercial Bid : Dt.28.05.2025 at 12.30 Hrs.
For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com

Sd./- C & P Head
BHEP, Balimela
OIPR-04019/11/0083/2526

**DISTRICT PROJECT OFFICE**
**RTE-SAMAGRA SHIKSHA KANDHAMAL**
MAIN ROAD PHULBANI-762001
E-Mail: dpcssakandhamal@gmail.com, Ph.06842-255480

**ADVERTISEMENT**
No.1600//GE//25//dt.9.5.2025
File No. IV-3/2025

No.n-43: Applications are hereby invited from eligible candidates for engagement of warden for Girls hostel of the Odisha Adarsha Vidyalaya Chakapad, Kudutuli (K.Nuagaon) & Jalespata (Tumudibandh) of Kandhamal district. The applications in the prescribed format must be sent by Speed Post/Registered Post addressing to the Principal OAVs of the concerned blocks of the Kandhamal District by 02.06.2025. The application must superscribe the name of the post in capital letter on the top of the envelope, otherwise the application will be rejected. The Principal concerns of OAVs reserves the right to cancel any or all the proposals without assigning any reason thereof.

The Prescribed format alongwith details guideline & address of concern OAVs for the above post may be downloaded from the Kandhamal district website **https://kandhamal.nic.in & https://osepa.odisha.gov.in.**

By the order of the Collector-cum-Chairperson, OAV, Kandhamal
OIPR-27059/11/0012/2526 Sd./- DEO-cum-DPC, SS, Kandhamal

**OFFICE OF THE PANCHAYAT SAMITI KORUKONDA**
No.1947/VI-159/2025/SETU/Dev. Dated 9.05.2025

**TENDER CALL NOTICE NO.-01/2025-26**

No.i-91:Sealed Tender in the prescribed form to be eventually drawn up in PWD Form P-1(Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government/MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the Works | Construction of various works in different G.Ps of Korukonda Block under SETU/BKBK/VSS |
| No. of Works | 21 Nos. (Twenty One) Only |
| Amount put to Tender | As laid down in the DTCN/Tender Call Notice |
| Tender Paper Cost | As laid down in the DTCN/Tender Call Notice |
| E.M.D. Amount required | As laid down in the DTCN/Tender Call Notice |
| Period of Completion | As laid down in the DTCN for each work |
| Date of Sale of Tender Paper | The Bid documents can be downloaded from the Govt. Website https://malkangiri.odisha.gov.in from 13.05.2025 to 26.05.2025 |
| Date of Receipt of Tender Paper | From 13.05.2025 to 26.05.2025 upto 1.00 PM (in working days) through Registered Post/ Speed Post only |
| Date of Opening of Tender Papers | At 08.00 A.M. on dated 28.05.2025 in the Office of the Block Development Officer, Korukonda in presence of Tenderer / their authorized representatives. |

If the last date of receipt of tender paper turns out be a holiday, It will automatically be extended to next working day.

Sd./- Block Development Officer
Korukonda
OIPR-19021/11/0007/2526

# ପ୍ରଥମ କିସ୍ତି ଅପେକ୍ଷାରେ ୧୮୩ ହିତାଧିକାରୀ

## ଅନ୍ତ୍ୟୋଦୟ ଗୃହ ଯୋଜନା

ଖଇରା,୧୧।୫(ଉତ୍କଳବନ୍ଧୁ ପଣ୍ଡା)

ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟରେ ଶୁଭାରମ୍ଭ ହେବାର ୪୦ ଦିନ ଅତିକ୍ରାନ୍ତ ହେବାକୁ ବସିଥିବା ବେଳେ ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟାଦେଶ ପାଇଥିବା ଜଣେ ହେଲେ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଆସିନାହିଁ। ଯେଉଁଥିପାଇଁ ଶୁଭାରମ୍ଭ ଦିବସରେ କାର୍ଯ୍ୟାଦେଶ ପାଇ ଖୁସିରେ ଆତ୍ମବିଭୋର ହୋଇ ପଡ଼ିଥିବା ୧୬ ପଞ୍ଚାୟତର ୧୮୩ ବିଧବା, ଦିବ୍ୟାଙ୍ଗ, ଅଗ୍ନି ଓ ବାତ୍ୟା ବିପନ୍ନ ହିତାଧିକାରୀ ନିରାଶ ହୋଇ ପଡ଼ିଛନ୍ତି।

ଏହି ବ୍ଲକ ଅଧୀନ ୩୭ ପଞ୍ଚାୟତରୁ ମାତ୍ର ୧୬ ପଞ୍ଚାୟତର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିବା ବେଳେ ୨୩ ପଞ୍ଚାୟତର ଜଣେ ହେଲେ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ପାରି ନାହାନ୍ତି। ଫଳରେ ଉପରୋକ୍ତ ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଆକାଉଣ୍ଟକୁ ପ୍ରଥମ କିସ୍ତି ପ୍ରଦାନ କରିବାକୁ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀମାନେ ଦାବି କରିଛନ୍ତି। ରାଜ୍ୟରେ ବିଧବା, ଦିବ୍ୟାଙ୍ଗ, କର୍କଟ ଭଳି ଦୁରାରୋଗରେ ପୀଡ଼ିତ, ଅଗ୍ନିକାଣ୍ଡ, ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଘର ହରାଇଥିବା ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କାଗୃହ ଯୋଗାଇ ଦେବା ଲାଗି ଗତ ମାର୍ଚ୍ଚ ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ପ୍ରତି ବ୍ଲକରେ ମଧ୍ୟ ଏହି ଯୋଜାନର ଶୁଭାରମ୍ଭ ବିଧାୟକମାନଙ୍କ ଦ୍ୱାରା କରାଯାଇଥିଲା। ଖଇରା ବ୍ଲକରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଅମରିଆ, ଅନ୍ତରା, ବଡ଼ ନୂଆଗାଁ, ବର୍ତ୍ତନା, ବାଉଁଶଗଡ଼ିଆ, ହରିପୁର, ଝିଙ୍କିରିଆ, କଇଥଗଡିଆ, କୁପାରୀ, କୁରୁଣ୍ଟା, ମହତୀପୁର, ମାଖନପୁର, ନହଙ୍ଗ, ନଦୁର, ନୟାଖଣ୍ଡି ଓ ପଳସା ଭଳି ୧୬ ପଞ୍ଚାୟତର ୧୮୩ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ବିଡିଓ ନାରାୟଣ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମହା ଆଡମ୍ବରରେ ଉତ୍ସବ ମଧ୍ୟ ଆୟୋଜନ କରାଯାଇଥିଲା। ହେଲେ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ମିଳିବା ପରେ କାର୍ଯ୍ୟ ଆରମ୍ଭ କରାଯିବା କଥା। କେତେଜଣ ହିତାଧିକାରୀ ଆଗୁଆ ରଡ୍,ସିମେଣ୍ଟ ଓ ବାଲି ଭଳି କଞ୍ଚାମାଲ କିଣି କାମ ଆରମ୍ଭ କରିଦେଇଥିବା ବେଳେ କିସ୍ତିଟଙ୍କା ଆସୁ ନ ଥିବାରୁ ହତାଶ ହୋଇ ପଡ଼ିଛନ୍ତି। ଏ ସମ୍ପର୍କରେ ବିଡିଓ ସାହୁଙ୍କୁ ପଚାରିବାରୁ ସବୁ ପଞ୍ଚାୟତ ପାଇଁ ପଞ୍ଜୀକରଣ ସରିଯାଇଛି। ସବୁ ବ୍ଲକରେ ମଧ୍ୟ ଏହି ଏକା ଅବସ୍ଥା। ଅର୍ଥ ଆସିବା ମାତ୍ରେ ସବୁ ପଞ୍ଚାୟତରେ କାର୍ଯ୍ୟାଦେଶ ବଣ୍ଟନ ସହ ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି।


ଜଣେ ହିତାଧିକାରୀ ଅଧିକାରୀମାନଙ୍କଠାରୁ କାର୍ଯ୍ୟାଦେଶ ନେଉଛନ୍ତି।

# ୨ ହାଇୱା, ଟ୍ରାକ୍ଟର ଜବତ

## ଖଣି ବିଭାଗ ପକ୍ଷରୁ ଚଢ଼ାଉ

ଜଳେଶ୍ୱର,୧୧।୫(ନବୀନ ସାହୁ)

ବାରମ୍ବାର ଖବର ପ୍ରସାରଣ ପରେ ବାଲେଶ୍ୱର ଜିଲା ଖଣି ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ରବିବାର ଭୋର୍ ସମୟରେ ଦକ୍ଷିଣ ପ୍ରହରାଜପୁର ଏବଂ ସୁନାକଣିଆ ସୀମାନ୍ତ ଅଞ୍ଚଳରେ ଜିଲା ଖଣି ବିଭାଗ ଅଧିକାରୀ ସନ୍ତୋଷୀ ପ୍ରଭା ସେଠୀଙ୍କ ତତ୍ତ୍ୱାବଧାନରେ ଜୁନିଅର ଖଣି ଅଧିକାରୀ ଜୀତେନ୍ଦ୍ର ଦାସ ସଦଳବଳେ ଚଢ଼ାଉ କରିଥିଲେ। ଓଡ଼ିଶା ସୀମାନ୍ତ ଏବଂ ପଶ୍ଚିମବଙ୍ଗ ଅଞ୍ଚଳ ସୁନାକଣିଆରୁ ବାଲି ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିବା ସମୟରେ ଏକ ପଶ୍ଚିମବଙ୍ଗ ନମ୍ବର ବିଶିଷ୍ଟ ହାଇୱା ଜବତ ହୋଇଥିଲା। ସେହିପରି ଜଳେଶ୍ୱର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ ନମ୍ବର ବିହୀନ ଟ୍ରାକ୍ଟର ସହିତ ବେଆଇନ୍ ବାଲି ଭର୍ତ୍ତି ହାଇୱା (ନଂ. ଓଡ଼ି୨୨ଜେଡ୍–୩୫୦୦)କୁ ଜବତ କରାଯାଇ ଜଳେଶ୍ୱର କୋର୍ଟ ସାମ୍ନାରେ ଡମ୍ପିଂ ୱାର୍ଡ଼କୁ ଅଣାଯାଇଥିଲା।

ସୂଚନା ଅନୁସାରେ ପଶ୍ଚିମବଙ୍ଗ ସରକାର ପକ୍ଷରୁ ସୁନାକଣିଆ ଠାରେ ଏକ ସଂସ୍ଥାକୁ ବାଲି ଉତ୍ତୋଳନ ପାଇଁ ଲିଜ୍ ଦିଆଯାଇଛି। ଏହି ସଂସ୍ଥା ଓଡ଼ିଶା ସୀମା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ଦକ୍ଷିଣପ୍ରହରାଜପୁର ଏବଂ ପ୍ରହରାଜପୁର ନିକଟରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରୁଛି। ପଶ୍ଚିମବଙ୍ଗର ବାଲି ମାଫିଆମାନେ ସ୍ଥାନୀୟ ନେତାଙ୍କ ସହ ସଲାସୁତୁରା କରି ପଶ୍ଚିମବଙ୍ଗର ଅଞ୍ଚଳରୁ ବାଲି ନେବା ସହିତ ପ୍ରହରାଜପୁର, ଗୁଆଗଡ଼ିଆ କୋଟି କୋଟି ଟଙ୍କାର ବାଲି ନେଇ ବାଂଲାଦେଶ ଚାଲାଣ କରୁଛନ୍ତି। ଏ ନେଇ ବାରମ୍ବାର ଖବର ପ୍ରସାରଣ ପରେ ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଖଣି ଅଧିକାରୀଙ୍କ ଦ୍ୱାରା ଚଢ଼ାଉ କରାଯାଇ ଦୁଇଟି ହାଇୱା ସମେତ ନମ୍ବର ବିହୀନ ଟ୍ରାକ୍ଟର ଜବତ କରାଯାଇଛି। ଘଟଣାସ୍ଥଳରୁ ଡ୍ରାଇଭରମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ଖାଦାନ ପାଣିରୁ ଯୁବକଙ୍କ ମୃତଦେହ ଜବତ

ନୀଳଗିରି,୧୧।୫(ପ୍ରଶାନ୍ତ କୁମାର ବିଶ୍ୱାଳ)

ଖଣିଜ ଉତ୍ତୋଳନ ପରେ ଲିଜ୍‌ଧାରୀ ଗଭୀର ଗାତଗୁଡ଼ିକ ପୋତିବା ଅଥବା ଚତୁପାର୍ଶ୍ୱରେ ବାଡ଼ଘେରି କରି ବିପଦମୁକ୍ତ କରିବାର ନିୟମ ଥିବାବେଳେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଫଳରେ ଅଞ୍ଚଳରେ ବାରମ୍ବାର ଅଘଟଣ ଘଟିବା ସହ ଅନେକ ଅମୂଲ୍ୟ ଜୀବନ ଯାଉଛି। ରବିବାର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମିତ୍ରପୁର କେ. ପି ମାହାଲ ଖାଦାନ ଅଞ୍ଚଳରେ। ଅପରାହ୍ନ ୩ଟାରେ କେ.ପି ମାହାଲ ଗ୍ରାମର କାହ୍ନୁ ସିଂଙ୍କ ପୁଅ ସୁନୀଲ (୩୪)ଙ୍କ ମୃତଦେହ ଏକ ପରିତ୍ୟକ୍ତ ଖାଦାନରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାରକରି ଆଡିକୁ ଆଣିଥିଲେ। ଖବରପାଇ ନୀଳଗିରି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ, ଏଏସ୍‌ଆଇ ଅନନ୍ତ ମୁର୍ମୁ ତଦନ୍ତ ଜାରି ରଖିଛନ୍ତି। ତେବେ କୂଳଠାରୁ ମାତ୍ର ୪/୫ଫୁଟ ଦୂର ପାଣିରେ ମୃତଦେହ ଭାସିବାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ମୃତ ସୁନୀଲଙ୍କ ୨ ସ୍ତ୍ରୀ ଥିବାବେଳେ ୨ ପୁଅ ଏବଂ ଦୁଇ ଝିଅ ଅଛନ୍ତି। ତନ୍ମଧ୍ୟରୁ ଗୋଟିଏ ୨ମାସର ଶିଶୁକନ୍ୟା ଥିବା ଜଣାପଡ଼ିଛି।

# ଦୁର୍ଘଟଣାରେ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ

ବାହାନଗା,୧୧।୫(ଅରୂପ କୁମାର ଦାସ)– ଖନ୍ତାପଡ଼ା ଥାନା ଅଧୀନ ଶେରଗଡ଼ସ୍ଥିତ ଜଗନ୍ନାଥ ପେଟ୍ରୋଲ ପମ୍ପ ଆଗରେ ଶନିବାର ବାଇକ୍ ଦୁର୍ଘଟଣାରେ ଜଣେ କମ୍ପାନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁବର୍ଣ୍ଣପୁର ଜିଲା ନାୟିକପଡ଼ା ଥାନା ବୀରମହାରାଜପୁର ଗ୍ରାମର ସୌଦାମିନୀ ଲୋହାଙ୍କ ପୁଅ ଧନଞ୍ଜୟ। ସେ ଶେରଗଡ଼ ନିକଟସ୍ଥ ହାଇଲାଣ୍ଡ ମେରାଇନ କମ୍ପାନୀରେ ଷ୍ଟୋରକିପର ଭାବେ ଚାକିରି କରୁଥିଲେ। ଶନିବାର ପେଟ୍ରୋଲ ପମ୍ପରୁ ତେଲ ପକାଇ ବାହାରିବା ବେଳକୁ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଧନଞ୍ଜୟଙ୍କର ମୃତ୍ୟୁ ଘଟିଥିଲା।

# ପ୍ରତୀକ ଅନଶନ, ଆନ୍ଦୋଳନ

## ‘ଶୁଣ ଶୁଣ ଆହେ ସରକାର, ଆମ ଭାଷା ଓ ସାହିତ୍ୟ ଦରକାର’ ଶୀର୍ଷକ କବିତା ପାଠ

ବାଲେଶ୍ୱର,୧୧।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସହର ମାକଳପୁର ସ୍ଥିତ ସ୍ରଷ୍ଟା ନାଟ୍ୟାଳୟ ସଭା କକ୍ଷରେ ରବିବାର ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପ୍ରତୀକ ଅନଶନ ଓ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଭାଷା ପକ୍ଷର ଅନ୍ତିମ ଦିବସରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶେଷ ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ସରକାରଙ୍କ ତରଫରୁ ଓଡ଼ିଆ ସାହିତ୍ୟିକମାନଙ୍କ ପ୍ରତି ହେଉଥିବା ଅବହେଳାର ଏହା ଏକ ପ୍ରତିବାଦ।

ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଉପ–ସଭାପତି ନିରଞ୍ଜନ ରାଉତ ଓ ନିବାରଣ ଜେନାଙ୍କ ମିଳିତ ସଭାପତିତ୍ୱରେ ୪୦ରୁ ଉର୍ଦ୍ଧ୍ୱ କବି ‘ଶୁଣ ଶୁଣ ଆହେ ସରକାର, ଆମ ଭାଷା ଓ ସାହିତ୍ୟ ଦରକାର’ ଶୀର୍ଷକରେ କବିତା ପାଠ କରିଥିଲେ। ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। କବିତା ପାଠ ଉତ୍ସବରେ ଡ. ହରିଶ୍ଚନ୍ଦ୍ର ବେହେରା ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଯୁଗ୍ମ ସମ୍ପାଦକ ଶାନ୍ତିଲତା ପଣ୍ଡା ଓ ଜ୍ଞାନନାଥ ପାତ୍ର। କାର୍ଯ୍ୟକାରୀ ସଦସ୍ୟ ଅରୁଣା ରାୟ, ଦୀପକ ବୋଷ, ରାଜେନ୍ଦ୍ର କୁମାର ରାଉତ, ଡ. ଭାଗବତ ପ୍ରସାଦ ଦାସ, ଡ. କ୍ଷୀତିଶ୍ୱର ଦାସ, କବି ଶ୍ରୀଦେବ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ୮ବର୍ଷ ହେଲା ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ନ ଯିବା, ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର, ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ, ସାହିତ୍ୟ ଏକାଡେମୀର ସଭାପତି, ଉପ–ସଭାପତିପଦ ପୂରଣ ନ ହେବା, ସାଧାରଣ ପରିଷଦ ପୁନଃଗଠନ ହୋଇ ନ ଥିବା ଆଦି ପ୍ରତିବାଦରେ ସାହିତ୍ୟକମାନଙ୍କର ଏହା ଥିଲା ଏକ ସାରସତ୍ୱ ଆନ୍ଦୋଳନ। ଶେଷରେ ‘ଶୁଣ ଶୁଣ ଆହେ ସରକାର’ ନାଟକ ପ୍ରଦର୍ଶିତ ହୋଇଥିଲା। ଯେଉଁଥିରେ ସାହିତ୍ୟମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ସୁଚିନ୍ତିତ ପରାମର୍ଶ ଥିଲା। ଅନୁଷ୍ଠାନ ତରଫରୁ ଜିଲାପାଳ ଓ ବିଧାୟକଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରାଯିବାର ନିଷ୍ପତ୍ତି ହୋଇଥିଲା।



କବିତା ପାଠ ମାଧ୍ୟମରେ ପ୍ରତିବାଦ କରାଯାଉଛି।

# କଳାକାର ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ,୧୧।୫ (ଗୋପାଳ ଚନ୍ଦ୍ର ସାହୁ)– ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସିମୁଳିଆ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉ ମଠ ପରିସରରେ ବାଲିଆପାଳ କଳାକାର ସଂଘ ପକ୍ଷରୁ ରବିବାର ସନ୍ଧ୍ୟା ୬ଟା ସମୟରେବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ,ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ଜଗନ୍ନାଥ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସର ଶିକ୍ଷକ ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବି ହ. କାଳିପଦ ପଣ୍ଡା ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବୀରମାଧବ ଦାସ, ଖବରଦାତା ଗୋପାଳ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ ବାଗ, ଗିରିଧାରୀ ଭୂୟାଁ,ରାଧାରମଣ ରାଉତ, ରାଜକିଶୋର ଚକ୍ରବର୍ତ୍ତୀ, ନିତ୍ୟାନନ୍ଦ ବାରିକ, ପୂର୍ଣ୍ଣଚନ୍ଦ୍ର ଦାସ, ଦୈତାରି ଲେଙ୍କା, ବେଣୁଧର ବିଶ୍ୱାଳ, ସୁଦର୍ଶନ ମଙ୍ଗରାଜ, ଶିବ ପ୍ରସାଦ ସାହୁ, ବେଣୁଧର ଜେନା, ସୁବଳ ମୂଖୀ, ଶୁଭ୍ରା ପ୍ରମାଣିକ, ସ୍ୱାଗତିକା ପିଳା ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ପ୍ରକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମୀର୍ଜାପୋଖରୀ ଚନ୍ଦନ ଉତ୍ସବର ୪ର୍ଥ ସନ୍ଧ୍ୟା


ଚନ୍ଦନ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର,୧୧।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ସହର ପ୍ରସିଦ୍ଧ ମୀର୍ଜାପୋଖରୀ ଚନ୍ଦନ ଉତ୍ସବର ଚତୁର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସମ୍ମାନିତ ଅତିଥି କାଉନସିଲର ମିତା ପଟ୍ଟନାୟକ ଓ ମୀନା ମହାନ୍ତି ଯୋଗଦେଇ ମୋବାଇଲ ଏବଂ ସୋସିଆଲ ମିଡିଆ ଯୁଗରେ ଚନ୍ଦନ ଯାତ୍ରା ଆମ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିଛି ବୋଲି ବକ୍ତବ୍ୟରେ କହିଥିଲେ। ସାମାଜିକ କର୍ମୀ ଅନୁପ କୁମାର ସ୍ୱାଇଁ, ଶ୍ରୀକାନ୍ତ ବୁଗୁଡ଼ାଇ, ଭାରତ ଭୁଷଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

କମିଟିର ସଭାପତି ପଦ୍ମଲୋଚନ ଲେଙ୍କା ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଅରୁଣ କୁମାର ସ୍ୱାଇଁ ଚନ୍ଦନ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଧିରଜ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ମେଳାରେ ବିଭିନ୍ନ ଷ୍ଟଲ୍, ମୀନା ବଜାର, ଚକ୍ରି ଦୋଳି, ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରା ଦେଖିବା ପାଇଁ ବହୁ ଜନସମାଗମ ହେଉଛି। ପ୍ରତି ସନ୍ଧ୍ୟାରେ ପୋଖରୀରେ ଠାକୁରଙ୍କୁ ନେଇ ନୌବିହାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସରୋଜ କୁମାର ଲେଙ୍କା, ଅବିନାଶ ସ୍ୱାଇଁ, ପ୍ରଭାତ ମହାନ୍ତି, ନାରାୟଣ ଦତ୍ତ, ରଣଜିତ ବେହେରା, ଚିତ୍ତରଞ୍ଜନ ମହାନ୍ତି, ସୌର୍ଯ୍ୟସୁନ୍ଦର ସେନ୍, ଅଶୋକ ତ୍ରିପାଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବାଲେଶ୍ୱର,୧୧।୫(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ମାନସ ରଞ୍ଜନ ରାଉତ (୯୩)ଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ଦେହାନ୍ତ ଘଟିଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୪ ପୁଅ, ୪ ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ।



ସେ ଜଣେ ଆଦର୍ଶ ଶିକ୍ଷକ, ସମୟାନୁବର୍ତ୍ତୀ, କର୍ତ୍ତବ୍ୟବାନ୍ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ବାଲେଶ୍ୱର ପତୁଆଁପଦା ସ୍ଥିତ ବାସଭବନରେ ପରିବାର ସହ ସେ ରହିଆସୁଥିଲେ। ତାଙ୍କ ମୃତଦେହକୁ ଜନ୍ମସ୍ଥାନ ଭଦ୍ରକ ଜିଲା ଧାମନଗର ବ୍ଲକ ଗଡ଼ିଆଳି ପଞ୍ଚାୟତ ଅନ୍ତର୍ଗତ ଝାରଡ଼ିଆ ଗାଁ ଶ୍ମଶାନରେ ଶନିବାର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଚକ୍ରଧର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି।

# ଗାଁରେ ପହଞ୍ଚିଲେ ଓଡ଼ିଆ ଛାତ୍ରୀ

## ସରକାରଙ୍କୁ ଧନ୍ୟବାଦ ଦେଲେ ପରିବାର ଲୋକେ

ଲଙ୍ଗଳେଶ୍ୱର,୧୧।୫ (କମଳାକାନ୍ତ ଦାସ)

ଅପରେଶନ ସିନ୍ଦୂରକୁ ନେଇ ସାରା ଦେଶରେ ହାଇଆଲର୍ଟ ଜାରି ହୋଇଥିବା ବେଳେ ସୀମାରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଯୁଦ୍ଧର ଘନଘଟା ଭିତରେ ସୁରକ୍ଷିତ ଭାବରେ ଶନିବାର ଓଡ଼ିଶା ଫେରିଛନ୍ତି ଜମ୍ମୁକଶ୍ମୀରରେ ପଢୁଥିବା ଛାତ୍ରୀଛାତ୍ର। କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ସହଯୋଗରେ ଶନିବାର ବାଲେଶ୍ୱର ରେଳ ଷ୍ଟେଶନରେ ସୁରକ୍ଷିତ ଭାବରେ ପହଞ୍ଚିଛନ୍ତି ବାଲିଆପାଳ ବ୍ଲକ ଗଞ୍ଜା ଗ୍ରାମର ଗୀତାଞ୍ଜଳି ଜେନା।

ଜମ୍ମୁକଶ୍ମୀର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପକ୍ଷରୁ ‘ଅପରେଶନ୍ ସିନ୍ଦୂର’ ଆରମ୍ଭ ହୋଇଥିଲା। ଏହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧି ପରିସ୍ଥିତି ଉପୁଜିଥିଲା। ସେଠାକାର ସ୍ଥିତି ବିଗିଡ଼ିବା ପରେ ୟୁନିଭରସିଟି ପକ୍ଷରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଦିଲ୍ଲୀ ପଠାଯାଇଥିଲା। ଦିଲ୍ଲୀରୁ ପ୍ରଶାସନ ସହଯୋଗରେ ଟ୍ରେନ୍‌ରେ ଆସି ସେ ବାଲେଶ୍ୱରରେ ପହଞ୍ଚିଥିଲେ। ଗୀତାଞ୍ଜଳି ଜମ୍ମୁସ୍ଥିତ ସେଣ୍ଟ୍ରାଲ ସଂସ୍କୃତ ୟୁନିଭରସିଟିରେ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସୀମାରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ପରେ ତାଙ୍କର ପରିବାର ଲୋକେ ଝିଅ ଘରକୁ ଫେରିବା ନେଇ ଆଶଙ୍କାରେ ଥିଲେ। ସେ ଘରେ ପହଞ୍ଚିବା ପରେ ଚିନ୍ତାଗ୍ରସ୍ତ ଥିବା ପରିବାର ଲୋକେ ଖୁସି ବ୍ୟକ୍ତ କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଛାତ୍ରୀ ଗୀତାଞ୍ଜଳି ଜେନା।

# ସରିଲା ବୈଶାଖୀ ଉତ୍ସବ

ଭୋଗରାଇ,୧୧।୫( ପ୍ରଦୀପ ଦାସ)

ସାଂସ୍କୃତିକ ଅବକ୍ଷୟ ରୋକିବାକୁ ହେଲେ ମାନବୀୟ ସାଂସ୍କୃତିକ ଜାଗରଣ ଅବସମ୍ଭାବି ହୋଇଥାଏ। ଏଥିନିମନ୍ତେ ଶକ୍ତିପୀଠ ମା’ ବାସୁଳୀଙ୍କ ଅନନ୍ୟ ସାଂସ୍କୃତିକ ଉତ୍ସବ ସମଗ୍ର ଅଞ୍ଚଳକୁ ଆଧ୍ୟାତ୍ମିକ ଭାବଧାରାରେ ମୁଖରିତ କରିଛି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଭୋଗରାଇ ହାଟ ପଡ଼ିଆରେ ମା’ ବାଶୁଳୀଙ୍କ ପୀଠରେ ଶନିବାର ରାତି ସାଢେ ୮ଟାରେ ଦଶମ ବୈଶାଖୀ ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନପରେ ବ୍ଲକ ଅଧକ୍ଷ ତଥା ଉତ୍ସବ କମିଟିର ସଭାପତି ପ୍ରବୀର କୁମାର ଗିରି ସାଂସ୍କୃତିକ ମଞ୍ଚରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସମ୍ମାନିତ ଅତିଥି ଭାବେ ଅନନ୍ତ ଦାସ ଫାଉଣ୍ଡେଶନ କାର୍ଯ୍ୟକାରୀ ସଭାପତି ଇଂ. ଅଭିଜିତ୍ ଦାସ, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, କୁମ୍ଭୀରଗଡ଼ି ପଞ୍ଚାୟତ ସମିତି ସଦସ୍ୟା ଝରଣା ସାହୁ, ସାମାଜିକ କର୍ମୀ ସୀମନ ଦାସ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବ କମିଟିର ସଦସ୍ୟ ବଳରାମ ବିଶି ମଞ୍ଚ ଆହ୍ୱାନ କରିଥିଲା ବେଳେ ଉତ୍ସବ କମିଟିର ସଦସ୍ୟ ଭବେନ୍ଦ୍ର ସାହୁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। କମିଟିର ସଦସ୍ୟ ଜଗବନ୍ଧୁ ଜେନା ଧନ୍ୟବାଦ ପ୍ରଦାନ ଦେଇଥିଲେ। ପରେ ଆଧୁନିକ ନୃତ୍ୟ ପ୍ରଦର୍ଶନ ସହ କଣ୍ଠଶିଳ୍ପୀଙ୍କ ସୁମଧୁର ସଙ୍ଗୀତ ଦର୍ଶକମାନଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମତୁଆଲା କରିଥିଲା। ୫ ରାତିବ୍ୟାପୀ ଉକ୍ତ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ଉତ୍ସବ କମିଟିର ସମସ୍ତ ସଦସ୍ୟା ସଦସ୍ୟ ଏବଂ ଆଖ ପାଖ ଗ୍ରାମର ଶୁଭାକାଂକ୍ଷୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ପାଣି ପାଇଁ ଲୋକେ ତହଲବିକଳ

## ଜଳେଶ୍ୱର ବ୍ଲକ

### ଶୁଦ୍ଧ ଜଳଯୋଗାଣରେ ସମସ୍ୟା

ଜଳେଶ୍ୱର,୧୧।୫(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ଶୁଦ୍ଧ ଜଳଯୋଗାଣରେ ସମସ୍ୟା ଦେଖାଦେଇଛି। ଗ୍ରୀଷ୍ମ ଦିନେ ଲୋକେ ପାଣି ପାଇଁ ତହଲବିକଳ ହେଉଛନ୍ତି। ଏହି ବ୍ଲକରେ ଥିବା ୩୫ଟି ପଞ୍ଚାୟତରେ ପାଖାପାଖି ୯୨ଟି ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ହୋଇଛି। ଏଥିରୁ ୬୦ ପାଖାପାଖି ଓଭରହେଡ୍ ପାଣି ଟାଙ୍କିରୁ କେଉଁଠି ପାଣି ଆସୁନି ତ କେଉଁଠି ପଙ୍କୁଆ ଏବଂ ଆଉ କେଉଁଠି ବାହାରୁଛି କାଦୁଅ ପାଣି।

ବସୁଧା ଯୋଜନାରେ ଶୁଦ୍ଧ ପାନୀୟ ଜଳଯୋଗାଣ ସମ୍ଭବ ହୋଇ ପାରୁନାହିଁ। ଏହି ପ୍ରକଳ୍ପରେ ପ୍ରତ୍ୟେକ ଘରକୁ ପାଇପ ବିଛାଇ ଟ୍ୟାପ ଲଗାଯାଇଛି। ମାତ୍ର ଜଳ ଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମପ୍ରବାହରେ ଶୁଦ୍ଧ ଜଳଯୋଗାଣ ହେଉ ନ ଥିବାରୁ ଲୋକେ ତହଲବିକଳ ହେଉଛନ୍ତି। କିଛି ସ୍ଥାନ ଛାଡ଼ି ଦେଲେ ଆଉ ଓଭରହେଡ ପାଣିଟାଙ୍କିକୁ ପାଣି ଉଠାଯାଉନାହିଁ। ପମ୍ପରୁ ସିଧାସଳଖ ପାଣି ଯୋଗାଣ ହେଉଥିବା ବେଳେ ବ୍ୟବହୃତ ପ୍ଲାଷ୍ଟିକ ପାଇପଗୁଡ଼ିକରେ ଶିଉଳି ପଡିଯାଇ ଅପରିଷ୍କାର ହେଉଛି। ତେଣୁ ଲୋକେ ବାରମ୍ବାର ଜେଇ ପ୍ରଦ୍ୟୁମ୍ନ ଦାସଙ୍କୁ ଅଭିଯୋଗ କଲେ ମଧ୍ୟ ଫଳ ଶୂନ। ୟଖୁଦିଆମାଝି ସାହି, ଶ୍ୟାମନଗର, ବରଡ଼ିହା, ପଶ୍ଚିମବାର୍ଡ଼, ନେତୁଆ, ଖୁଆଡ଼ ପଞ୍ଚାୟତର ଲୋକ ଅଭିଯୋଗ ଆଣିବା ସହିତ ନିମ୍ନମାନର କାର୍ଯ୍ୟର ତଦନ୍ତ ଦାବି କରିଛନ୍ତି। ପିଇବା ପାଣି ସମସ୍ୟା ତୁରନ୍ତ ଦୂର କରିବା ଲାଗି ସାମାଜିକ କର୍ମୀ ଦିଲୀପ ଗିରି ଦାବି କରିଛନ୍ତି। କେନ୍ଦ୍ରୀୟ କୃଷକ ନେତା ସମୀର ପାତ୍ର କହିଛନ୍ତି ଯେ, ଜଳେଶ୍ୱରରେ ପାନୀୟଜଳ ଯୋଗାଣ ବିପର୍ଯ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ଜିଲା ପାନୀୟଜଳ ଯୋଗାଣ ଅଧିକାରୀ ସମୀର ଦେଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ନିମ୍ନମାନର କାମ ହୋଇଥିବା ଗ୍ରାମରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଜଳେଶ୍ୱର ଜଳ ପରୀକ୍ଷଣ କେନ୍ଦ୍ର।

# କଳାକାର ସଂଘ ବୈଠକ

କେନ୍ଦୁଝର, ୧୧।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀଶ୍ରୀ ବଳଦେବଜୀଉ ମା' ସୁଭଦ୍ରାଦେବୀ ମଣ୍ଡଳ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ କଳାକାର ସଂଘର ରାଜ୍ୟକଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ଜିଲା ସଭାପତି ନିରଞ୍ଜନ ମହାକୁଡ଼ଙ୍କ ସଭାପତିତ୍ୱରେ ଏକ ବୈଠକ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପାଲା, ଦାସକାଠିଆ, ଚାଙ୍ଗୁ, ଖଞ୍ଜଣି ଭଜନ, କୀର୍ତ୍ତନ, କୃଷ୍ଣଗୁରୁ, ଶାନ୍ତାଳି, ବିର୍ଷାମୁଣ୍ଡା ସମେତ ଓଡ଼ିଆ ଅସ୍ମିତାର ଦୃଢ଼ିକରଣ ପାଇଁ କଳାକାରମାନେ ଆଲୋଚନା କରିଥିଲେ। ଦୁଷ୍ମନ୍ତ ସାହୁ ମଙ୍ଗଳା ଚରଣ ପାଠ କରିଥିଲେ। ବୈଠକରେ ଅଞ୍ଜନା ବେହେରା, ସଂଯୁକ୍ତା ଜେନା, ଦୁଷ୍ମନ୍ତ ସାହୁ, ବିରଞ୍ଚି ମାନସିଂ, ମାୟାଧର ସାହୁ, ଦୁଷ୍ମନ୍ତ ନାଏକ, ଯୋଗେନ୍ଦ୍ର ନାଏକ, ସାଇବାଣୀ ବେହେରା, ଚତୁର୍ଭୁଜ ମହାକୁଡ଼, ମନୁ ଦେହୁରୀ, ସଦର ବ୍ଲକ୍‌ର ନଟବର ମହାନ୍ତ, ଅର୍ଜୁନ ମହାନ୍ତ, ବାଣେଶ୍ୱର ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ କୁଳମଣି ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଦୁଡ଼ି ସୁରକ୍ଷାରେ ଗ୍ରାମବାସୀ

## ବଳଭଦ୍ରପୁର ଗାଁ

କେନ୍ଦୁଝର, ୧୧।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଳଭଦ୍ରପୁର ଗ୍ରାମ ଟେରାକୋଟା କାରିଗରି ପାଇଁ ପ୍ରସିଦ୍ଧ। ତେବେ ଏହି ଗ୍ରାମରେ ଦୀର୍ଘବର୍ଷ ହେଲା ଅନେକ ହଜାର ସଂଖ୍ୟାରେ ବାଦୁଡ଼ି ରହୁଛନ୍ତି। ଧୀରେ ଧୀରେ ବାଦୁଡ଼ି ବଂଶ ବିଭିନ୍ନ କାରଣରୁ ଲୋପ ପାଇବାକୁ ବସିଥିବା ବେଳେ ଗ୍ରାମବାସୀ ବାଦୁଡ଼ିଙ୍କ ସୁରକ୍ଷା କରିଆସୁଛନ୍ତି। ଫଳରେ ଟେରାକୋଟା ପାଇଁ ପ୍ରସିଦ୍ଧ ଗାଁ ଏବେ ବାଦୁଡ଼ିଙ୍କ ଗ୍ରାମ ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗ୍ରାମବାସୀଙ୍କ ଏଭଳି ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଆସୁଛନ୍ତି।

ପ୍ରକାଶ ଯେ, ଗ୍ରାମରେ ଥିବା ତେନ୍ତୁଳି ଓ ଅନ୍ୟାନ୍ୟ ଗଛରେ ଅନେକ ହଜାର ବାଦୁଡ଼ି ରହୁଛନ୍ତି। ଏପରିକି ବାଦୁଡ଼ି କେତେ ବର୍ଷ ହେବ ଗାଁରେ ରହୁଛନ୍ତି କେହି ଠିକ୍ ଭାବେ କହିପାରୁନାହାନ୍ତି। ଦିନରେ ଗଛରେ ଝୁଲି ରହୁଥିବା ବେଳେ ସନ୍ଧ୍ୟା ହେଲେ ଖାଦ୍ୟ ସନ୍ଧାନରେ ଉଡ଼ି ପଳାନ୍ତି, ଭୋର ସମୟରେ ଗାଁକୁ ଫେରିଥାନ୍ତି। ଫେରିବା ବେଳେ କିଚିରି ମିଚିରି ଶବ୍ଦରେ ନିଦ ଭାଙ୍ଗିଥାଏ ବୋଲି ଗ୍ରାମବାସୀ କୁହନ୍ତି। ଗଛଗୁଡ଼ିକରେ ଝୁଲି ରହୁଥିବା ବେଳର ଦୃଶ୍ୟ ଏକ ନିଆରା


ଗାଁ ମୁଣ୍ଡ ଏକ ଗଛରେ ଝୁଲିଥିବା ବାଦୁଡ଼ି।

ପରିବେଶ ସୃଷ୍ଟି କରୁଥିବା ବେଳେ ଏହା ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ବାଦୁଡ଼ି ଦ୍ୱାରା ଗ୍ରାମରେ କୌଣସି ଅସୁବିଧା ହୁଏନାହିଁ ବୋଲି ଗ୍ରାମବାସୀ କୁହନ୍ତି। ଗ୍ରାମବାସୀ ଶିକାରୀଙ୍କ ଦାଉରୁ ସୁରକ୍ଷା ଦେଇଆସୁଥିବା ବେଳେ ବାଦୁଡ଼ିଙ୍କୁ କେବେ ଘଉଡ଼ାଇବା ପାଇଁ ଅପଚେଷ୍ଟା କରିନାହାନ୍ତି। ଖରାଦିନେ ବାଦୁଡ଼ିମାନଙ୍କ ସୁରକ୍ଷା ନେଇ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଏ। ତାପମାତ୍ରା ଅଧିକ ରହୁଥିବାରୁ ଅଂଶୁଘାତ ଆଶଙ୍କା ରହୁଛି। ପ୍ରତ୍ୟେକ ବର୍ଷ ଅନେକ ଶହ ବାଦୁଡ଼ି ମୃତ୍ୟୁବରଣ କରନ୍ତି। ବେଳେବେଳେ ତାପମାତ୍ରା ବୃଦ୍ଧି ଘଟିଲେ ବନ ବିଭାଗ, ଅଗ୍ନିଶମ ବିଭାଗ ସହାୟତାରେ ପାଣି ସିଞ୍ଚନ ବ୍ୟବସ୍ଥା କରନ୍ତି। ପରିବର୍ତ୍ତିତ ଜଳବାୟୁ ସହିତ ଖାପ ଖୁଆଇ ନ ପାରି ଅନେକ ପ୍ରାଣୀ, ପକ୍ଷୀ ଲୋପ ପାଇଯାଇଥିବା ବେଳେ ବାଦୁଡ଼ି ବଂଶ ମଧ୍ୟ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଏଠାରେ ବାଦୁଡ଼ିଙ୍କ ସୁରକ୍ଷା ନେଇ ସୁଯୋଗ ମିଳିଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ବାଦୁଡ଼ିଙ୍କ ସୁରକ୍ଷା ପାଇଁ ବନ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ଓ ପ୍ରୋତ୍ସାହନ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଗ୍ରାମର ଅମରେନ୍ଦ୍ର ସାହୁ କହିଛନ୍ତି, ଏଠାରେ ଆବଶ୍ୟକ ସଂଖ୍ୟକ ଗଛ ନ ଥିବାରୁ ପକ୍ଷୀଙ୍କ ରହିବାରେ ଅସୁବିଧା ହୋଇଥାଏ। ଏଣୁ ଅଧିକ ସଂଖ୍ୟାରେ ଚାରା ରୋପଣ ସାଙ୍ଗକୁ ଜଗୁଆଳି ବ୍ୟବସ୍ଥା କରାଗଲେ ବାଦୁଡ଼ି ସୁରକ୍ଷା ସହିତ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ଗ୍ରାମର ପୁରୁଣା ଟେରାକୋଟା କାରିଗର ଚତୁର୍ଭୁଜ ରଣା କୁହନ୍ତି, ଗ୍ରାମରେ ଆଈ, ମାଆଙ୍କ ଅମଳରୁ ବାଦୁଡ଼ି ତେନ୍ତୁଳି ଗଛରେ ରହୁଛନ୍ତି। ବିଶେଷକରି ଖରାଦିନରେ ଅଂଶୁଘାତ ଭୟ ଥାଏ। ଘଟଗାଁ ରେଞ୍ଜ୍ ଅଧିକାରୀ ସରୋଜ କୁମାର ମିଶ୍ର କହିଛନ୍ତି, ଗ୍ରାମବାସୀ ବାଦୁଡ଼ିଙ୍କ ସୁରକ୍ଷା କରୁଥିବା ଅତ୍ୟନ୍ତ ଖୁସିର ବିଷୟ। ବର୍ଷା ମଝିରେ ମଝିରେ ହେଉଥିବାରୁ ଅଂଶୁଘାତ ନେଇ କୌଣସି ସମସ୍ୟା ଉପୁଜିନାହିଁ। ଅଧିକ ଖରା ହେଲେ ପାଣି ସିଞ୍ଚନ ବ୍ୟବସ୍ଥା କରାଯାଉଛି।

# ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବଞ୍ଚୋ, ୧୧।୫ (ପ୍ରଦୋଷ ବିଶ୍ୱାଳ)



କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗ୍ରାମର ସୁବଳ ମୁଦୁଲି (୪୨)ଙ୍କ ବେଙ୍ଗାଲୁରଠାରେ ଗୁରୁବାର ମୃତ୍ୟୁ ଘଟିଛି। ସେ ୧୨ ବର୍ଷ ହେଲା ବେଙ୍ଗାଲୁରୁରେ ରହି ବିଭିନ୍ନ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୮ ତାରିଖ ଦିନ ଅସୁସ୍ଥ ହୋଇପଡ଼ିବାରୁ ସହକର୍ମୀମାନେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ବଞ୍ଚୋ ଗାଁକୁ ପଠାଇଥିଲେ। ଶୁକ୍ରବାର ରାତିରେ ମରଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ବିଧବା ପତ୍ନୀ ଓ ୨ ଛୋଟ ପିଲା ଅସହାୟ ହୋଇପଡିଛନ୍ତି।

# କାରକୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ



ଆନନ୍ଦପୁର/ ଠାକୁରମୁଣ୍ଡା, ୧୧।୫
(ସୁଶାନ୍ତ କୁମାର ସାହୁ/ ତାରକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା–ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ଗୋଡ଼ଭଙ୍ଗା ନିକଟରେ ରବିବାର ପୂର୍ବାହ୍ନ ୧୧ ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଗ୍ୟାସ ବୋଝେଇ ଟ୍ରକ୍ କାରକୁ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣଙ୍କ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ଘଷିପୁରା ଥାନା ଅନ୍ତର୍ଗତ ଶାଳପୋଡ଼ା ଗ୍ରାମର ବି ନାରାୟଣ ମହାପତ୍ର (୩୦)ଙ୍କ ମା' ଜ୍ୟୋସ୍ନାରାଣୀ ମହାପାତ୍ର (୬୨)।

ପ୍ରକାଶ ଯେ, ରବି ନାରାୟଣ ମା' ଜୋସ୍ନାମୟୀ ଓ ପରିବାର ଲୋକଙ୍କ ସହ କାର୍ (ନଂ.ଓ୦୨ ବିପି୬୪୬୫) ଯୋଗେ ମୟୂରଭଞ୍ଜ ଜିଲା କେନ୍ଦୁଆଣିର ଜଣେ ଆୟୁର୍ବେଦ ଚିକିତ୍ସକଙ୍କୁ ଦେଖାଇବାକୁ ଯାଉଥିଲେ। ସାଙ୍ଗରେ ସ୍ତ୍ରୀ, ଦେଢବର୍ଷର ପୁଅ, ଭଉଣୀ ବିଶ୍ୱବିଜୟନୀ ଓ ଭାଣିଜୀ ସସ୍ମିତା ଥିଲେ। ଗୋଡ଼ଭଙ୍ଗ ଘାଟି ଅତିକ୍ରମ କରିବାପରେ ସାମ୍ନାପଟୁ ଆସୁଥିବା ଏକ ଗ୍ୟାସ ବୋଝେଇ ମିନିଟ୍ରକ କାରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜୋସ୍ନାମୟୀଙ୍କ ମୃତ୍ୟୁ ଘଟିଥିବା ବେଳେ ରବି ନାରାୟଣ ଓ ଭାଣିଜୀ ସସ୍ମିତା ଗୁରୁତର ହୋଇଛନ୍ତି। ଅନ୍ୟମାନେ ଆହତ ହୋଇଥିଲେ। ଅଗ୍ନିଶମ କର୍ମଚାରୀ ସମସ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ରବି ନାରାୟଣ ଓ ସସ୍ମିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ିବାରୁ ଡାକ୍ତର କଟକ ସ୍ଥାନାନ୍ତର କରିଛନ୍ତି। ମହୁଲଡ଼ିହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସମାଜସେବାରେ ବ୍ରତୀ ୯୧ ବର୍ଷୀୟ ଜନାର୍ଦ୍ଦନ

## ଗୋଁଡ ସମାଜର ଉତ୍‌ଥାନ ପାଇଁ କାମ କରୁଛନ୍ତି

କେନ୍ଦୁଝର, ୧୧।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବୟସର ଅପରାହ୍ନରେ ବି ହାରିନାହାନ୍ତି କେନ୍ଦୁଝର ସଦର ବ୍ଲକ୍ କଣ୍ଡରାପଶି ପଞ୍ଚାୟତର ଧନୁର୍ଯ୍ୟାୟପୁର ନିକଟ ରେଙ୍ଗାଲବେଡ଼ା ଗ୍ରାମର ଜନାର୍ଦ୍ଦନ ନାଏକ (୯୧)। ସାଧାରଣତଃ ତାଙ୍କ ବୟସରେ ଜଣେ ଘରେ ବିଶ୍ରାମ କରି ନାତି, ଅଣ ନାତିଙ୍କ ସହ ଖେଳି ସମୟ ବିତାଇଥାନ୍ତି। ମାତ୍ର ସେ ପରିଣତ ବୟସରେ ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରି ରାଜ୍ୟ ତମାମ ବୁଲି ଜନସେବା କରିବା ସହ ନିଜ ଜାତିର ଉନ୍ନତି ପାଇଁ ଲାଗିପଡ଼ିଛନ୍ତି।

ଜନାର୍ଦ୍ଦନ ୨୦୦୦ରେ ଶିକ୍ଷକ ଚାକିରିରୁ ଅବସର ନେବା ପରେ ଘର ପରିବାରଠାରୁ ଦୂରେଇ ରହି ନିଜକୁ ଜନ ସେବାରେ ଉତ୍ସର୍ଗ କରିଛନ୍ତି। ସ୍ତ୍ରୀଙ୍କ ଦେହାନ୍ତ ପରେ ୨୦୦୬ରୁ ସେ ଗ୍ରାମରୁ ଦୂରେଇ ରହି ଗୋଁଡ ସମାଜ ଓ ଲୋକଙ୍କ ଉତ୍‌ଥାନ ପାଇଁ ସମଗ୍ର ରାଜ୍ୟରେ ବୁଲି କାମ କରୁଛନ୍ତି। ସେ ବିଭିନ୍ନ ସଂଗଠନ ସହିତ ଜଡ଼ିତ ଅଛନ୍ତି। ଗ୍ରାମର ଭାଗବତ ଟୁଙ୍ଗୀ, ରେଙ୍ଗାଲବେଡ଼ା ଗ୍ରାମ ଜଙ୍ଗଲର ସୁରକ୍ଷା ସମିତି, କଣ୍ଡରାପଶି ଶିଶୁ ବିଦ୍ୟାମନ୍ଦିର ଏବଂ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଦର ବ୍ଲକ୍ ସଭାପତି ରହିଛନ୍ତି। ସେହିପରି ୧୪ ଆଦିବାସୀ ସମ୍ପ୍ରଦାୟକୁ ନେଇ ଗଠିତ ମିଳିତ ଆଦିବାସୀ ସଂଗଠନର ମଧ୍ୟ ସଭାପତି ରହିଛନ୍ତି। ଏବେ ଗୋଁଡ ସମାଜର ସର୍ବ ଓଡ଼ିଶା ସଭାପତି ଥିବା ବେଳେ ସମାଜର ଉନ୍ନତି ଓ ବିକାଶ ପାଇଁ କାମ କରିଆସୁଛନ୍ତି। ଗୋଁଡ ସମାଜର ସଂସ୍କାର, ସଂସ୍କୃତି, ପରମ୍ପରା, ଜାତି ନୀତିନିୟମର ସୁରକ୍ଷା କରି ଦୃଢ଼ ସମାଜ ଗଠନ ପ୍ରତିଷ୍ଠା ପାଇଁ ଉଦ୍ୟମ କରି ଆସୁଛନ୍ତି। ସଂଗଠନ ଜରିଆରେ ସଂସ୍କାର କିଭଳି ପରବର୍ତ୍ତୀ ପିଢ଼ିଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଉଦ୍ୟମ ଜାରି ରଖିଥିବା କହିଛନ୍ତି। ଏଥି ପାଇଁ ପ୍ରତ୍ୟେକ ୪ରୁ ୫ ଗ୍ରାମକୁ ନେଇ ଏକ ପଲ୍ଲୀ ଗଠନ କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ୧୧ ଜଣିଆ କମିଟି ଗଠନ ହୋଇଥିବା ବେଳେ ପ୍ରତି ଗ୍ରାମରୁ ୨ ଜଣ (ଜଣେ ମହିଳା ଓ ଜଣେ ପୁରୁଷ) ପଲ୍ଲୀକୁ ପ୍ରତିନିଧିତ୍ୱ କରିବେ। ସେହିପରି ବ୍ଲକ୍ ଓ ଜିଲାସ୍ତରରେ କମିଟି ଗଠନ କରିଛନ୍ତି। ଗୋଁଡ ସମାଜର ତଳ ପିଢିକୁ ସଜେଇବା ପାଇଁ ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର ଜିଲା ବୈଠକ ବସିଥାଏ। ବ୍ୟାନର ଧରି ରାଲି କଲେ ସମାଜର କୁସଂସ୍କାର ଦୂର କରିହେବ ନାହିଁ। ପିଲାମାନେ ସଂସ୍କାରିତ ହେଲେ ସେସବୁ ଆପେ ଆପେ ଦୂର


ଜନାର୍ଦ୍ଦନ ନାଏକ।

ହୋଇପାରିବ ବୋଲି ସେ ବିଶ୍ୱାସ କରିଥାନ୍ତି। ପରିବାରକୁ ସଂସ୍କାରିତ କରି ଚଳାଇବେ ସେ ଶିକ୍ଷା ମଧ୍ୟ ଦିଆଯାଉଛି ବୋଲି କହିଛନ୍ତି। ଗୁରୁଜନ ଓ ପିତାମାତାଙ୍କୁ ଭକ୍ତି, ଜାତିର ନୀତିନିୟମ ପାଳନ, ମାଦକ ଦ୍ରବ୍ୟ ବର୍ଜନ, ଭକ୍ତି ମନୋଭାବ ଆଦି ବିଷୟରେ ଆଲୋଚନା ହୋଇଥାଏ। ଶେଷ ଜୀବନ ପର୍ଯ୍ୟନ୍ତ ସମାଜ ସଂସ୍କାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି କହିଛନ୍ତି। ପରିଣତ ବୟସରେ ସେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ସଭାସମିତିରେ ସାମିଲ ହେଉଛନ୍ତି। ଯାହାକି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇ ପାରିଛନ୍ତି ବୋଲି ପଞ୍ଚାୟତ ସମିତି ସଭ୍ୟା ତଥା ତାଙ୍କ ନାତୁଣୀ କିରଣବାଳା ନାଏକ କୁହନ୍ତି।

# ଶବର ସମାଜ ଗୋଷ୍ଠୀକେନ୍ଦ୍ର ଲୋକାର୍ପିତ



ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଶବର ସମାଜର ସଦସ୍ୟମାନେ।

କେନ୍ଦୁଝର, ୧୧।୫
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ବନାଯୋଡି ଗ୍ରାମରେ ନୀଳମାଧବ ଆଦିବାସୀ ଶବର ସାଂସ୍କୃତିକ ମହାସଂଘ ଆନୁକୂଲ୍ୟରେ ଶବର ସମାଜ ଗୋଷ୍ଠୀକେନ୍ଦ୍ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ସରକାରଙ୍କ ପକ୍ଷରୁ ନିର୍ମିତ ଗୃହକୁ ପୂଜକ ହରେକୃଷ୍ଣ ଅମାନ୍ତ ପୂଜାର୍ଚ୍ଚନା କରିଥିଲେ। ପାରମ୍ପାରିକ ଘୁମରା ନାଚ ଗୀତରେ ଅତିଥିଙ୍କୁ ପାଛୋଟି ନିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆଇଏସ ବଟକୃଷ୍ଣ ଦେହୁରୀ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ଅତିଥି ଯୋଗଦେଇଥିଲେ। ସଭାରେ ଶବର ଜାତିର ଏକତା, ଭାଇଚାରା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସମ୍ପର୍କରେ ଅତିଥିଗଣ ସଚେତନ କରିଥିଲେ। ଏଥିରେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡିଶା, ଉତ୍ତର ଓଡିଶା ସମେତ କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ୨୫ ଶହ ପାଖାପାଖି ଶବର ସମାଜର ଭଉଣୀ, ଭାଇ ସାମିଲ ହୋଇଥିଲେ।

# ଅସୁରକ୍ଷିତ ଅବସ୍ଥାରେ ମଇଳା ଟାଙ୍କି

## ଢାଙ୍କୁଣି ପକାଇବାକୁ ଦାବି

କେନ୍ଦୁଝର, ୧୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ କାଉଁରୀକଳା ପଞ୍ଚାୟତରେ ନଳକୂପ ନିକଟରେ ଖୋଳାଯାଇଥିବା ମଇଳା ଟାଙ୍କି ଅସୁରକ୍ଷିତ ଅବସ୍ଥାରେ ରହିଛି। ନନ୍ଦ ଓ ଢଙ୍କୁଣି ପକାଯାଇ ନ ଥିବାରୁ ଗୃହପାଳିତ ଓ ଛୋଟ ପିଲାଙ୍କ ପ୍ରତି ବିପଦ ସାଜିଛି। ଏ ନେଇ ଅଭିଯୋଗ କରେ କେହି ଶୁଣୁ ନ ଥିବା ସାହିବାସୀ କହିଛନ୍ତି।

ପ୍ରକାଶ ଯେ, ପଞ୍ଚାୟତର ବିଭିନ୍ନ ଗ୍ରାମରେ ନଳକୂପ ଓ ସୋଲାର ଦ୍ୱାରା ସାହିଗୁଡ଼ିକୁ ବିଶୁଦ୍ଧ ପିଇବା ପାଣି ଟ୍ୟାପ ମାଧ୍ୟମରେ ଯୋଗାଇ ଦିଆଯାଉଛି। ବ୍ୟବହାର ସରିଥିବା ଦୂଷିତ ପାଣିକୁ ଜମିବାକୁ ନ ଦେଇ ମଶା ମାଛି ବୃଦ୍ଧିକୁ ରୋକିବା ପାଇଁ ନଳକୂପ ନିକଟରେ ୧୦ ଫୁଟର ଗର୍ତ୍ତ କରାଯାଇଛି। ଦୂଷିତ ପାଣିକୁ ଉକ୍ତ ଗାତକୁ ଛାଡ଼ିବା


ମୁକୁଳା ପଡ଼ିଥିବା ଟାଙ୍କି।

ବ୍ୟବସ୍ଥା କରାଯାଇଛି। ଏହା ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଏକ ମାସରୁ ଊର୍ଦ୍ଧ୍ୱ ହେବ ସାହିରେ ଗାତଗୁଡ଼ିକରେ ନନ୍ଦ ପଡ଼ିନାହିଁ। ଏପରିସ୍ଥଳରେ ପଳାଶପୋଖରୀ ଗ୍ରାମର ଶ୍ରୀରାମ ସାହି, ନାଏକ ସାହି ଓ ମୁଣ୍ଡା ସାହିଗୁଡ଼ିକରେ ନନ୍ଦ ପଡ଼ିଥିଲେ ହେଁ ଢାଙ୍କୁଣି ଲାଗିନାହିଁ। ଫଳରେ ଖୋଳା ଯାଇଥିବା ଉକ୍ତ ୧୦ ଫୁଟ ଗାତଗୁଡ଼ିକ ପାଇଁ ସାହିରେ ବିପଦ ଦେଖାଯାଇଛି। ଛୋଟ ଶିଶୁ, ଗାଈ, ବଳଦ ଛେଳି ଆଦି ଗୃହପାଳିତ ଗାତରେ ପଡ଼ିଯାଉଥିବା ସାହିବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚଙ୍କୁ ଜଣାଇଥିଲେ ବି କୌଣସି ଫଳ ମିଳିନାହିଁ। ସାମାଜିକକର୍ମୀ ଦୀପକ କୁମାର ମହାନ୍ତ ଏ ବିଷୟରେ ବିଡିଓଙ୍କୁ ଅବଗତ କରିଥିବା କହିଛନ୍ତି। ଅଧପନ୍ତରିଆ ପଡ଼ିଥିବା ଗାତଗୁଡ଼ିକୁ ତୁରନ୍ତ ନନ୍ଦ, ଢାଙ୍କୁଣି ଦ୍ୱାରା ବନ୍ଦ କରିବାକୁ ଦାବି କରିଛନ୍ତି। ଏଥିସହ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜିଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

SAHEED LAXMAN NAYAK MEDICAL COLLEGE
& HOSPITAL, KORAPUT
Walk-in-Interview for the post of Junior Residents on Contractual basis / deputation basis

WALK-IN-INTERVIEW

No.E-82 : Eligible Candidates are invited for Walk-in-interview for the post of Junior Residents on contractual basis for SLNMCH, Koraput. The walk-in-interview is scheduled to be held on 14.05.2025 at 10.30 A.M. in the office of the Dean & Principal, SLNMCH, Koraput. The details eligibility criteria, Selection procedure, application form along with other terms and conditions are available in our official website i.e. www.slnmch.nic.in

Sd./- Dean & Principal,
SLNMCH, Koraput
OIPR-10121/11/0034/2526

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO. III
BHUBANESWAR
No.B-118
bbsrrandb03@yahoo.com
60Estg.No - Date -
Government of Odisha "e"-Procurement Notice No (05) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No. of works | 07 Nos. work |
| 3 | Estimated Cost | i) Rs.56,30,300.00, ii) Rs.87,97,100.00, iii) Rs.83,48,800.00, iv) Rs.84,74,600.00, v) Rs.52,54,400.00, vi) Rs.54,54,600.00, vii) Rs.50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 14.05.2025 at 11.30 P.M. to 23.05.2025 at 5.30 P.M. |
| 8 | Last Date & Time for Receipt of bids in the Portal | 23.05.2025, upto 5.30 P.M. |
| 9 | Name & Address of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division. No III, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above.

Sd./- Superintending Engineer
BBSR (R&B) Division No.III, BBSR
OIPR-34089/11/0028/2526

# ଘର କାମ ସରିଛି, ମିଳୁନି ଅର୍ଥ

## ସମସ୍ୟାରେ ଖଣି କ୍ଷତିଗ୍ରସ୍ତ ବିଜୁ ପକ୍କାଘର ଗୃହ ହିତାଧିକାରୀ

ଛେନାପଦି, ୧୧।୫ (ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତ ଅଧୀନ ସୋସୋ ଏବଂ ନିଉଦାନୀ ଗ୍ରାମରେ ଖଣି କ୍ଷତିଗ୍ରସ୍ତ ବିଜୁ ପକ୍କାଘର ଯୋଜନାର ହିତାଧିକାରୀ ଘର କରି ସମସ୍ୟାରେ ପଡ଼ିଛନ୍ତି। ଅନେକ ହିତାଧିକାରୀ ନିଜର ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିଥିଲେ ସୁଦ୍ଧା ଫାଇନାଲ ବିଲ ପାଇନାହାନ୍ତି। ଏ ନେଇ ହିତାଧିକାରୀମାନେ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଜଣାଇଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ ସମସ୍ୟାର କୌଣସି ସମାଧାନ ହୋଇପାରୁନାହିଁ।

ପ୍ରକାଶ ଯେ, ୨୦୧୬-୧୭ ଆର୍ଥିକ ବର୍ଷରେ ଖଣି କ୍ଷତିଗ୍ରସ୍ତ ବିଜୁ ପକ୍କାଘର ଗୃହ ଯୋଜନାରେ ସୋସୋ ଓ ନିଉଦାନୀ ଗ୍ରାମର ହିତାଧିକାରୀଙ୍କୁ ନୂତନ ଘର ଯୋଗାଇ



ନିର୍ମିତ ଘର ନିକଟରେ ଜାହ୍ନବୀରାଣୀ ରାଉତ ଓ ଭରତ କୁମାର ରାଉତ।

ଦିଆଯାଇଥିଲା। ସୋସୋ ୨ ନମ୍ବର ୱାର୍ଡ଼ର ଭରତ କୁମାର ରାଉତ(୫୫)ଙ୍କୁ କ୍ଷତିଗ୍ରସ୍ତ ବିଜୁ ପକ୍କାଘର ମିଳିଥିଲା। ୨୦୧୬ରେ ଭରତ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ପାଇ ଘର କାମ ଆରମ୍ଭ କରିଥିଲେ। ଘର କାମ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ବାକି ଟଙ୍କା ପାଇପାରିଲେନାହିଁ। ସେହିପରି ନିଉଦାନୀ ୧୦ ନଂ. ୱାର୍ଡ଼ର ଜାହ୍ନବୀରାଣୀ ରାଉତ ନିଜ ଘର ନିର୍ମାଣରେ ସବୁକାମ ସାରିଛନ୍ତି। ସେ ୨୧ ଅପ୍ରେଲ ୨୦୧୭ରେ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଓ ୧୮ ଜାନୁୟାରୀ ୨୦୧୮ରେ ଦ୍ୱିତୀୟ କିସ୍ତିରେ ୩୫ ହଜାର ଟଙ୍କା ପାଇଛନ୍ତି। ବଳକା ରାଶି ନ ପାଇବାରୁ ଝରକା, କବାଟ ଲଗାଇ ପାରୁନାହାନ୍ତି। ଏପରିକି ଘର ପ୍ଲାଷ୍ଟର କରିପାରୁନାହାନ୍ତି। ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି, ଖଣି କ୍ଷତିଗ୍ରସ୍ତ ଟଙ୍କା ୨୦୨୨ରେ ଫେରସ୍ତ କରିଦିଆଯାଇଛି। ଫଳରେ ବ୍ଲକ୍ ପକ୍ଷରୁ ହିତାଧିକାରୀ କିଛି ପାଇପାରିବେ ନାହିଁ। ଜିଲାପାଳ ଯଦି ରାଜ୍ୟରୁ ଅର୍ଥ ଆଲର୍ଟ କରି ବ୍ଲକ୍‌କୁ ଅର୍ଡର କରିବେ ତେବେ ହିତାଧିକାରୀଙ୍କୁ ବାକି ଟଙ୍କା ଦେଇହେବ ବୋଲି କହିଥିଲେ। ଜିଲାପାଳ ସମସ୍ୟା ପ୍ରତି ଦୃଷ୍ଟିଦେଇ ତୁରନ୍ତ ସମାଧାନ କରିବାକୁ ହିତାଧିକାରୀମାନେ ନିବେଦନ କରିଛନ୍ତି।

OFFICE OF THE NOTIFIED AREA COUNCIL, KARANJIA
DIST. - MAYURBHANJ
No.656/NAC, Date : 08.05.2025
Email ID : karanjian.hud@ori.nic.in
"e" Procurement Notice
Bid Identification No.NAC-KJA-03/2025-26

No.C-292 : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| Sl. No. | Name of the Work | Value of Work put to Tender Excluding GST (In Rs. Lakh) | Bid Security (EMD) (In Rs. Lakh) (off line) | Cost of Bid Document (In Rs.)(of online) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | | 6 |
| 1. | "Extension of Administrative Building with other ancillary structures etc. inside existing SeTP at Karanjia N.A.C. Mayurbhanj, Odisha | 68.40 | 68,400 | 10,000/- | "B" | 4 (four) Months |

2. Critical Dates :

| Sl. No. | Description | | Critical Dates |
|---|---|---|---|
| (i) | Period of availability of tenders on-line | : | Dt.09.05.2025 to dt.17.05.2025 up to 1.00 P.M. |
| (ii) | Last date & time of bidding on-line | : | Dt.17.05.2025 upto 1.00 P.M. |
| (iii) | End Date for Submission of Bid documents, Tender Paper Cost, EMD Etc. as per DTCN dropping on the Office Tender BOX Otherwise tender will be rejected. | : | Dt.19.05.2025 during office hours |
| (iv) | Date & time of Opening of Bids | : | Dt.20.05.2025 at 11.00 A.M. |

The authority reserves right to reject any or all the tender without assigning any reason thereof.
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C
OIPR-13119/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପିଙ୍କୁନି
ପରିବାରବର୍ଗ


ଛୋଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶ ପାଇଁ ବିକଳ୍ପ ଧାତୁ ରୁପା

ଭୁବନେଶ୍ୱର, ୧୧।୫(ଅନୁରାଧା ମହାରଣା)



ଗତ ବର୍ଷକ ମଧ୍ୟରେ ସୁନା ନିବେଶକମାନଙ୍କୁ ବହୁତ ଭଲ ରିଟର୍ନ ଦେଇଛି। ୨୦୨୩ ଅକ୍ଟୋବର ପରଠାରୁ ସୁନାର ମୂଲ୍ୟ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ନିବେଶକମାନଙ୍କୁ ଭଲ ଲାଭ ଦେଇଛି। ଅନ୍ୟପକ୍ଷରେ, ରୁପା ମାତ୍ର ୧୫ ପ୍ରତିଶତ ବୃଦ୍ଧି ପାଇଛି। ମାତ୍ର ବିଶେଷଜ୍ଞମାନଙ୍କ କହିବାନୁସାରେ, କେବଳ ମୂଲ୍ୟ ଆଧାରରେ କୌଣସି ଧାତୁକୁ ଏକ ଭଲ ନିବେଶ ବିକଳ୍ପ ଭାବରେ ବିବେଚନା କରିବା ଠିକ୍ ହେବ ନାହିଁ। ଏକ ଅଧ୍ୟୟନ ଅନୁଯାୟୀ, ଯେତେବେଳେ ସୁନା ଏବଂ ରୁପାର ମୂଲ୍ୟରେ ଏକକାଳୀନ ବୃଦ୍ଧି ହୁଏ, ରୁପା ପ୍ରାୟତଃ ଅଧିକ ଲାଭ ଦେଇଥାଏ। ୨୦୦୮ ଡିସେମ୍ବରରୁ ୨୦୧୧ ଏପ୍ରିଲ ପର୍ଯ୍ୟନ୍ତ ରୁପା ମୂଲ୍ୟରେ ୩୫୩.୪ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ସୁନା ମୂଲ୍ୟ ସେହି ସମୟ ମଧ୍ୟରେ ମାତ୍ର ୭୮.୬ ପ୍ରତିଶତ ବୃଦ୍ଧି ପାଇଥିଲା। ଏକ ରିପୋର୍ଟରେ କୁହାଯାଇଛି ଯେ, ଗତ ୨୬ ବର୍ଷ ମଧ୍ୟରେ, ୧୦ଟି ଘଟଣା ଘଟିଛି ଯେଉଁଠାରେ ରୁପା ସୁନାକୁ ପଛରେ ପକାଇ ଦେଇଛି। ଏହାର ଅର୍ଥ ହେଉଛି ଯଦି ମୂଲ୍ୟବାନ ଧାତୁ ମୂଲ୍ୟ ମଜବୁତ ହୁଏ, ତେବେ ରୁପା ନିବେଶ ପାଇଁ ଅଧିକ ଲାଭଦାୟକ ପ୍ରମାଣିତ ହୋଇପାରେ। ସେହିପରି ସୁନା ଓ ରୁପା ଅନୁପାତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ। ଦୀର୍ଘଦିନ ଧରି ଏହି ଅନୁପାତ ହାରାହାରି ୭୦ ରହୁଥିବାବେଳେ ଏହି ଅନୁପାତ ବର୍ତ୍ତମାନ ୧୦୨ ପାଖାପାଖି ଅଛି। ଭବିଷ୍ୟତରେ ରୁପାର ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ ନଚେତ୍ ସୁନାର ମୂଲ୍ୟ ହ୍ରାସ ପାଇବ ବୋଲି ଆକଳନ କରାଯାଉଛି। ଯଦି ସୁନା ଆଉନ୍ସ ପ୍ରତି ୩,୩୩୩ ଡଲାରରେ ସ୍ଥିର ରହେ ଏବଂ ଅନୁପାତ ୭୦କୁ ଫେରିଯାଏ, ତେବେ ରୁପାର ମୂଲ୍ୟ ୪୮ଡଲାରକୁ ହ୍ରାସ ପାଇବ। ଏହି ଦୃଷ୍ଟିରୁ ରୁପା ବର୍ତ୍ତମାନ ଶସ୍ତା ମନେ ହେଉଛି ଏବଂ ଏହା ଆହୁରି ବୃଦ୍ଧି ପାଇବାର ସୁଯୋଗ ରହିଛି। ଅନ୍ୟପଟେ ରୁପାର ଚାହିଦା ଏବଂ ଯୋଗାଣ ମଧ୍ୟରେ ପାର୍ଥକ୍ୟ ଆଉ ଏକ କାରକ ଭାବେ ବିବେଚନା କରାଯାଉଛି। ୨୦୨୫ରେ ବିଶ୍ୱବ୍ୟାପୀ ରୁପାର ଚାହିଦା କ୍ରମାଗତ ପଞ୍ଚମ ବର୍ଷ ପାଇଁ ଯୋଗାଣକୁ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଏହି ବର୍ଷ ଚାହିଦା ୧.୦୫ ବିଲିୟନ ଆଉନ୍ସ ଯୋଗାଣ ତୁଳନାରେ ୧.୨୦ ବିଲିୟନ ଆଉନ୍ସ ହେବ ବୋଲି ଆଶା କରାଯାଉଛି। ରୁପାର ବଜାର ଆକାର ଛୋଟ, ତେଣୁ ଚାହିଦାରେ ସାମାନ୍ୟ ବୃଦ୍ଧି ମଧ୍ୟ ମୂଲ୍ୟକୁ ଶୀଘ୍ର ବୃଦ୍ଧି କରିପାରେ। ଏହି କାରଣରୁ ବିଶେଷଜ୍ଞମାନେ ରୁପା ପ୍ରତି ଆଶାବାଦୀ ଅଛନ୍ତି। ଯଦିଓ ରୁପାର ଶିଳ୍ପ ଚାହିଦା ନିରନ୍ତର ବୃଦ୍ଧି ପାଉଛି, ତଥାପି ନିବେଶ ଭାବରେ ଏଥିପ୍ରତି ନିବେଶକଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହେଉନାହିଁ। ଏହି କାରଣରୁ ଏହାର ମୂଲ୍ୟ ବର୍ତ୍ତମାନ ସେହି ଅନୁପାତରେ ବୃଦ୍ଧି ହୋଇନାହିଁ। କିଛି ବର୍ଷ ପୂର୍ବେ ସୁନା କ୍ଷେତ୍ରରେ ମଧ୍ୟ ସମାନ ପରିସ୍ଥିତି ରହିଥିଲା। ପରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବହୁ ପରିମାଣରେ ସୁନା କିଣିଲେ ଏବଂ ଏହାର ମୂଲ୍ୟକୁ ଏକ ନୂତନ ଗତି ଦେଲେ। ଯଦି ରୁପାକୁ ମଧ୍ୟ ସମାନ ସମର୍ଥନ ମିଳେ, ତେବେ ଏହା ମଧ୍ୟ ନିବେଶକଙ୍କ ପାଇଁ ଉତ୍କୃଷ୍ଟ ସାବ୍ୟସ୍ତ ହେବ।

# ପ୍ରୋ ଆକ୍ଟିଭ୍ ୱେର୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୧।୫

ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରମୁଖ ଗାମେଣ୍ଟର୍ସ ବ୍ରାଣ୍ଡ 'ପ୍ରୋ ଆକ୍ଟିଭ୍ ୱେର୍'ର ଶୁଭାରମ୍ଭ ଶନିବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷକରି ଏହା ଆରାମ, ଶକ୍ତି ଏବଂ ଶୈଳୀକୁ ପାଳନ କରୁଥିବା କ୍ରୀଡ଼ା ଜଗତର ଏକ ନୂତନ ଓ ସାହସିକ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ପ୍ରୋ ଆକ୍ଟିଭ୍ ୱେର୍ ରେଞ୍ଜ ଗ୍ରାହକଙ୍କ ପ୍ରତ୍ୟେକ ପଦକ୍ଷେପକୁ ସଶକ୍ତ କରିବା ପାଇଁ ନିର୍ମିତ ହୋଇଛି। ଏପରିକି ପୁରୁଷ ଏବଂ ମହିଳାଙ୍କ ପାଇଁ ଡିଜାଇନ୍ ହୋଇଥିବା ଏହି ନୂତନ ବ୍ରାଣ୍ଡରେ ଟିସ୍, ଟ୍ରାକ୍ସ ଏବଂ ସର୍ଟସର ଆକର୍ଷଣୀୟ ଓ ବହୁମୁଖୀ ଲାଇନ ଅପ୍ ସାମିଲ ରହିଛି। ସେହିପରି ଦେଶବ୍ୟାପୀ ୧୦୦ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ଷ୍ଟୋର)ରେ ବ୍ରାଣ୍ଡର ପ୍ରାରମ୍ଭିକ ଶୁଭାରମ୍ଭ ହୋଇଯାଇଛି। ଏପରିକି ଦେଶର ପ୍ରତ୍ୟେକ ଖାଦିମ୍ ଆଉଟ୍‌ଲେଟ୍‌କୁ ବିସ୍ତାର କରିବାର ଯୋଜନା ସହ ପ୍ରୋ ଆକ୍ଟିଭ୍ ୱେର୍ ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରିମିୟମ୍ ଆରାମଦାୟକ ସୁବିଧା ଉପଲବ୍ଧ କରାଇବାର ଆମର ପ୍ରତିଶ୍ରୁତି-ସହର ରାସ୍ତାରୁ ଛୋଟ ସହର ପର୍ଯ୍ୟନ୍ତ, ଶୀଘ୍ର ଉଠିବାଠାରୁ ବିଳମ୍ବିତ ରାତିରେ ସ୍ୱପ୍ନ ଦେଖୁଥିବା ପର୍ଯ୍ୟନ୍ତ।

ଏ ସମ୍ପର୍କରେ ଖାଦିମ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ରିତିକ ରୟ ବର୍ମନ କହିଛନ୍ତି, ଏହା କେବଳ ଏକ ଉତ୍ପାଦର ଶୁଭାରମ୍ଭ ନୁହେଁ, ଏକ ଆନ୍ଦୋଳନ। ପ୍ରତ୍ୟେକ ଭାରତୀୟଙ୍କ ହାତରେ ଏକ ଶକ୍ତିଶାଳୀ, ଷ୍ଟାଇଲିଶ୍ ଓ ପ୍ରତିଦିନର କାର୍ଯ୍ୟଦକ୍ଷତା ପୋଷାକ ପ୍ରଦାନ କରିବା ହେଉଛି ଆମର ମୂଳଲକ୍ଷ୍ୟ।

# ଭୁବନେଶ୍ୱରରେ ଦୁବାଇ ସିଟି କାର୍ନିଭାଲ ଉଦ୍‌ଘାଟିତ


**ଜନ୍ମଦିନ ଶୁଭେଚ୍ଛା**



**ଅଂଶୁମାନ ମହାନ୍ତି (ଛୋଟୁ)**

ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରିବା ସଙ୍ଗେସଙ୍ଗେ ତୋ ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ- ବାପା, ମା, ଜେଜେବାପା, ଜେଜେ ମା, ଅଜା, ଆଈ, ବଡ଼ବାପା, ବଡ଼ ମା, ସାନବଡ଼ ବାପା, ଅପା, ପିଉସା, ମାମୁ, ମାଇଁ, ଭାଇ, ଭଉଣୀ ଓ ବନ୍ଧୁ ପରିଜନ।

ଧ-୫୦୪

**Happy Birthday**



**Krishnamayee Pati (Pinkuni)**

May Maa Tarini Bless you with much happiness, long life, good health and fulfill all your dreams in coming days. Wish you a very happy Birthday.

D-506


ଭୁବନେଶ୍ୱର,୧୧।୫ (ଅଭୟ ଦାଶ)



ପ୍ରଥମ ଥର ପାଇଁ ଓଡ଼ିଶା ବଜାରରେ ଏକ ଭିନ୍ନ ଧରଣର ପ୍ରଦର୍ଶନୀ ତଥା ଦୁବାଇ ସିଟି କାର୍ନିଭାଲ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, କ୍ରାଫ୍ଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ପ୍ରାଥମିକ ପର୍ଯ୍ୟାୟରେ ୨୦୨୫ ଜୁନ୍ ୧୮ ପର୍ଯ୍ୟନ୍ତ ଜାରି ରହିବ। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ଓ ୧୭ଟି ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ଓ ଉତ୍ପାଦ ପ୍ରଦର୍ଶନ କରୁଛନ୍ତି। ବିଶେଷ କରି ଗ୍ରୀଷ୍ମ ଅବକାଶ ଯୋଗୁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଛି, ପିଲାମାନଙ୍କ ସହ ସମୟ ଅତିବାହିତ ପାଇଁ ଏହି ପ୍ରଦର୍ଶନୀ ଉଭୟ ରାଜ୍ୟ ଓ ସହରବାସୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିଭଳି ଏହି ପ୍ରଦର୍ଶନୀରେ ମୋଟ ୧୨୦ ଟି ଷ୍ଟଲ ସାଙ୍ଗକୁ ସେଲ୍‌ଫି ଜୋନ ଏବଂ ଦୁବାଇର ବିଶେଷ ଆକର୍ଷଣ ବୁର୍ଜ ଖଲିଫା, ଆଇଫଲ ଟାୱାର, ଲଣ୍ଡନ ବ୍ରିଜ ଏବଂ ହାର୍ଟ ପଏଣ୍ଟ ଭଳି ଆକର୍ଷଣୀୟ ସ୍ଥାନର ଭ୍ରମ ଡିଜାଇନ କରାଯାଇଛି। ଏପରିକି ଆକର୍ଷଣୀୟ ଖେଳନାଠାରୁ ଆରମ୍ଭ କରି ପ୍ରିମିୟମ ଗହଣାରେଞ୍ଜ ଏବଂ ଖେଳକୁଦ ପାଇଁ ବିଭିନ୍ନ ଝୁଲା (ବ୍ରେକ ଡ୍ୟାନ୍ସ, ଡ୍ରାଗନ ଟ୍ରେନ, ଟାୱାର, ନୌକା, ଟୋରା ଟୋରା) ସହିତ ଫନ୍ ଜୋନ ରହିଛି। ସେହିପରି ହାଣ୍ଡିକ୍ରାଫ୍ଟ ଏବଂ ହ୍ୟାଣ୍ଡଲୁମ ପୋଷାକର ବ୍ୟାପକ ସମ୍ଭାର ସାଙ୍ଗକୁ ଫୁଡ୍ ଜୋନ ଏବଂ କଞ୍ଜ୍ୟୁମର ଜୋନ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଆୟୋଜକ ଆଶା କରିଛନ୍ତି। ଅପରପକ୍ଷରେ ଉଭୟ ଦର୍ଶକ ଓ ଗ୍ରାହକଙ୍କ ପାଇଁ ମାଗଣା ପାର୍କିଂ ସୁବିଧା ଥିଲାବେଳେ ସୁଲଭ ମୂଲ୍ୟରେ ଆଶାୟୀ ଉତ୍ପାଦ ଓ ସାମଗ୍ରୀ ପ୍ରଦର୍ଶନୀରେ ଉପଲବ୍ଧ ରହିଛି।

ଏ ନେଇ ଆର.ସି. ଗ୍ରୁପର ନିର୍ଦ୍ଦେଶକ ରୋହିତ ଚୌରାସିଆ କହିଥିଲେ, ଆମେ ଭାରତର ପ୍ରମୁଖ ସହରରେ ଏହି ପ୍ରଦର୍ଶନୀ ଦୀର୍ଘ ବର୍ଷ ହେବ କରି ଆସିଛୁ। ହେଲେ ପ୍ରଥମ ଥର ପାଇଁ ଓଡ଼ିଶା ବଜାର (ଭୁବନେଶ୍ୱର)କୁ ଆମେ ଆସି ବେଶ୍ ଉତ୍ସାହିତ ଅଛୁ। ଏଠାକାର ଦର୍ଶକ ଓ ଗ୍ରାହକମାନେ ମଧ୍ୟ ବେଶ୍ ଆନନ୍ଦିତ ଏବଂ ଦୁବାଇ ଭଳି ସହରର ଅନୁଭୂତି ଏହି ପ୍ରଦର୍ଶନୀ ଜରିଆରେ ଅନୁଭବ କରିପାରିଛନ୍ତି। ଏଭଳି ଏକ ଥିମ୍ (ଦୁବାଇ ସିଟି କାର୍ନିଭାଲ) ଉଭୟ ଗ୍ରାହକ ଓ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ଆମର ଆଶା ରହିଛି।

# ୧୪ରୁ ଆଲେନ୍ ଏନ୍‌ଇଇଟି ରିପିଟର୍ସ ବ୍ୟାଚ୍ ଆରମ୍ଭ

ଭୁବନେଶ୍ୱର, ୧୧।୫
(ଅନୁରାଧା ମହାରଣା)



ଡାକ୍ତରୀ ପାଠ ପଢ଼ିବା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-୨୦୨୫ରେ ଭଲ ସଫଳତା ପରେ ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ଏନ୍‌ଇଇଟି-ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ନୂତନ ବ୍ୟାଚ୍ ଲାଗି ତାରିଖ ଘୋଷଣା କରିଛି। ଏହି ବ୍ୟାଚ୍‌ଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫି'ର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର ବ୍ୟାଚ୍ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ଏହା ପରେ ଆଗାମୀ ଦିନରେ ପ୍ରତି ସପ୍ତାହରେ ରିପିଟରମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ। ଏହା ସହ ଆଲେନ୍ ସ୍କଲାରଶିପ ଆଡ୍‌ମିଶନ ଟେଷ୍ଟ (ଏ-ସେଟ୍) ମେଗା ଇଭେଣ୍ଟ ମଧ୍ୟ ମେ ୧୨ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହା ଅଧୀନରେ ପ୍ରତିଦିନ ଏକ ଆସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫି'ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରଶିପ ପାଇପାରିବେ। ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି, ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି ନର୍ଚର ବ୍ୟାଚ୍ ମେ ୧୫ ଏବଂ ୨୯ ତାରିଖରେ ଆରମ୍ଭ ହେଉଛି। ସେହିପରି ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଇଇଟି-୨୦୨୬ ପ୍ରସ୍ତୁତି ନିମନ୍ତେ ୧୫ରୁ ନୂତନ ବ୍ୟାଚ୍ ଆରମ୍ଭ ହେଉଛି। ଜେଇଇ ମେନ୍ ଆଡଭାନ୍ସଡ ଲାଗି ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ନର୍ଚର ବ୍ୟାଚ୍ ମେ ୨୧ରୁ ଏବଂ ଦ୍ୱାଦଶ ପାସ୍ ଛାତ୍ରୀଛାତ୍ରଙ୍କ ପାଇଁ ଲିଡର ବ୍ୟାଚ୍ ମେ ୨୫ ଏବଂ ଜୁନ୍ ୧୩ରୁ ଆରମ୍ଭ ହେଉଛି। ଏନ୍‌ଇଇଟି ଫଳାଫଳ ପରେ ଏହି ଛାତ୍ରୀଛାତ୍ରଙ୍କୁ ଅଲ୍ ଇଣ୍ଡିଆ ର୍ୟାଙ୍କ ଆଧାରରେ ସ୍କଲାରଶିପ ଦିଆଯିବ। ଫଳାଫଳର କିଛିଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ। ଏ ପରିସ୍ଥିତିରେ ଛାତ୍ରୀଛାତ୍ର ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନ କରି ଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ। ବିସ୍ତୃତ ସୂଚନା www.allen.ac.in ରେ ମିଳିପାରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ସୋନାଟାର ନୂତନ ଉତ୍ପାଦ

ଭୁବନେଶ୍ୱର,୧୧।୫

ସୋନାଟାର ନୂତନ ଉତ୍ପାଦ ତଥା ସୂକ୍ଷ୍ମ କାରିଗରିରେ ପ୍ରସ୍ତୁତ ଏକ ଷ୍ଟାଇଲିସ୍ ହାତଘଣ୍ଟା ସମ୍ଭାର 'ସୋନାଟା ଗୋଲ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ସମ୍ଭାରରେ ରହିଥିବା ପ୍ରତିଟି ହାତଘଣ୍ଟାରେ ଏକ ଅସଲି ୦.୧୫ ଗ୍ରାମ୍‌ର ୨୨ କ୍ୟାରେଟ୍ ଟନିସ୍କ ସୁନା କଏନ୍ ରହିଛି, ଯାହାକୁ ଡାଏଲ୍‌ରେ ଯୋଡ଼ାଯାଇଛି। ସେହିଭଳି ସ୍ଲିକ୍ ଡିଜାଇନ୍ କେସ୍‌ଠାରୁ ଆରମ୍ଭକରି ହାଇ ପଲିସ୍ ବ୍ଲାକ୍ ଡାଏଲ୍ ସହ ଯୋଡ଼ି ହୋଇଥିବା ସୁନା କଏନ୍ ଏବଂ ଏକ ଅସଲି ଚମଡ଼ା ଫିତା ଯାହା ସମ୍ଭ୍ରାନ୍ତର ଭାବ ପ୍ରଦାନ କରୁଛି। ସୋନାଟାର ବ୍ରାଣ୍ଡ ହେଡ ପ୍ରତୀକ ଗୁପ୍ତା କହିଛନ୍ତି, ସୋନାଟା ଗୋଲ୍ଡ କେବଳ ଏକ ହାତଘଣ୍ଟା ନୁହେଁ, ଏହା ହେଉଛି ଏକ ଅନୁଭୂତି। ଆମେ ଏଭଳି କିଛି ସୃଷ୍ଟି କରିବାକୁ ଚାହୁଁଛୁ, ଯାହା ପ୍ରିମିୟମ୍ ଅନୁଭବ ଦେବ ତଥା ଧାରା ଅନୁସାରେ ମଧ୍ୟ ଅସୀମ ହୋଇପାରିବ।


# Classified Everyday

0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

PLOT FOR SALE BANKUALA BBSR Near to Saibaba Mandira 1740sqft. only for SC and ST in lowest price Contact- 8700747184. D-487

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ଫ୍ଲଟ୍ ବିକ୍ରିହେବ। 9348232008. D-76265



For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**1000sqft. Office on rent at Jayadev Vihar Square @35000/-, Marketing Office not allowed. +91 6371-084018 Sohan.** D-499




**Relax, Refresh your body, mind at Saikrupa SPA with best therapies. 7848011468.** D-363

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 07.04.2025, I, Kapil Prasada Routa, S/o- Gajendra Routa, resident At/P.O.- Benupur, P.S.- Balianta, Dist.- Khurda, PIN- 752101, declare that I have changed my name from Kapil Prasad Rout (old name) to Kapil Prasada Routa (new name). Henceforth, I shall be known as Kapil Prasad Routa for all purposes. D-502

By virtue of an affidavit sworn before Executive Magistrate, Puri dated- 09.05.2025. I, Rakesh Mishra, Address: At- Goudabad Sahi, P.O.- Puri, P.S.- Puri Town, Dist.- Puri, PIN-752001, Odisha declare that I have changed my daughter name from ARADHYA MISHRA (old name) to ADYASHA MISHRA (new name). Henceforth, she shall be known as ADYASHA MISHRA (new name) for all purposes. D-508

## ମନେ ପଡ଼ନ୍ତି

**୨୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରମାମଣୀ ମହାପାତ୍ର**

ପ୍ଲଟ୍ ନଂ.- A/7, ନାଗେଶ୍ୱରଟାଙ୍ଗୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ମାଘ ସପ୍ତମୀ ୧୯୪୩
ତିରୋଧାନ: ବୈଶାଖ ପୂର୍ଣ୍ଣିମା ୨୦୦୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୫୦୭

**ସପ୍ତଦଶ ଶ୍ରାଦ୍ଧବାର୍ଷିକୀ**



**୰ରଜନୀ କାନ୍ତ ମହାପାତ୍ର**

ପ୍ଲଟ୍ ନଂ.- ୫, ଶକ୍ତିନଗର, କଟକ,
ତିରୋଧାନ: ୦୯।୦୫।୨୦୦୯
(ବୈଶାଖ ପୂର୍ଣ୍ଣମୀ)

ଆଜକୁ ୧୭ବର୍ଷ ହୋଇଗଲା ତୁମେ ଆମକୁ ଛାଡ଼ିଯାଇଛ ବୋଲି ବିଶ୍ୱାସ ହେଉନାହିଁ। ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ପତ୍ନୀ, କନ୍ୟା, ଜାମାତା, ନାତୁଣୀ, ବନ୍ଧୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୩୭୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବାସନ୍ତୀ ତ୍ରିପାଠୀ**

ହାଉସ୍ ନଂ-୧୬, ରତ୍ନାକର ବାଗ୍-୧, ଟଙ୍କପାଣି ରୋଡ୍ ଭୁବନେଶ୍ୱର- ୭୫୧୦୧୮

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।

ଧ-୫୧୦


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ସେବିକାମାନଙ୍କ ସୁସ୍ଥତା-ନିରାପତ୍ତା ଗୁରୁତ୍ୱପୂର୍ଣ୍ଣ


ଡା. ରାମଚନ୍ଦ୍ର ରାଉତ

''ପ୍ରତିବର୍ଷ ମେ ୧୨ ତାରିଖରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ସେବିକା ଦିବସ' (ଇଣ୍ଟରନ୍ୟାଶନାଲ ନର୍ସେସ୍ ଡେ)। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ସେବିକାମାନେ ଆମର ଭବିଷ୍ୟତ ଏବଂ ସେମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଅର୍ଥନୀତି ଦୃଢ଼ ହୋଇଥାଏ।'' ଅର୍ଥାତ୍ ଆମ୍ଭେମାନେ ନର୍ସମାନଙ୍କର ସୁସ୍ଥତା ଓ ନିରାମୟ ତଥା ନିରାପତ୍ତା ପାଇଁ ଚିନ୍ତା କରିବା ଦରକାର।''



ଆଜି ଅନ୍ତର୍ଜାତୀୟ ସେବିକା ଦିବସ

ଦେହ ଖରାପ ହେଲେ ଆମ୍ଭମାନଙ୍କର ଡାକ୍ତର ଏବଂ ନର୍ସଙ୍କ କଥା ମନେପଡ଼େ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନର୍ସ ବା ସେବିକାମାନେ ହେଉଛନ୍ତି ସର୍ବବୃହତ କାର୍ଯ୍ୟଶକ୍ତି। କେବଳ ସେତିକି ନୁହେଁ, ସେମାନଙ୍କର ସଂଖ୍ୟା ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ବହୁତ ଅଧିକ। ବିଶ୍ୱରେ ପାଖାପାଖି ୩କୋଟି ନର୍ସ କାର୍ଯ୍ୟରତ ଥିବା ବେଳେ ଏହା ଦରକାର ପଡୁଥିବା ସଂଖ୍ୟାଠାରୁ ପ୍ରାୟ ୪୫ ଲକ୍ଷ କମ୍ ଥିବା ଜଣାଯାଏ। ସେହିପରି ଆମ ଦେଶରେ ପ୍ରାୟ ୩୩ ଲକ୍ଷ ୪୦ ହଜାର ନର୍ସ ଥିବା ବେଳେ ଏହା ଦରକାର ପଡୁଥିବା ସଂଖ୍ୟାଠାରୁ ଯଥେଷ୍ଟ କମ୍। କାରଣ ପ୍ରତି ୧୦୦୦ ବ୍ୟକ୍ତିଙ୍କ ପାଇଁ ଏହି ସଂଖ୍ୟା ୩ ହୋଇଥିବା ବେଳେ ଆମ ଦେଶରେ ଏହା ୧.୯ ରହିଛି। ସେହିପରି ଆମ ରାଜ୍ୟରେ ନର୍ସିଂ ଅଫିସର ଓ ପରବର୍ତ୍ତୀ ପଦବୀର ସଂଖ୍ୟା ପାଖାପାଖି ୨୯୦୦୦ ହୋଇଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀର ପାଖାପାଖି ୧୬,୦୦୦ ଅଛନ୍ତି।

ଡାକ୍ତରମାନେ ରୋଗୀଙ୍କ ପାଖରେ ସବୁ ସମୟରେ ରହୁ ନ ଥିବା ବେଳେ ପ୍ରତ୍ୟେକ ରୋଗୀ ପାଇଁ ନର୍ସମାନେ ସବୁ ସମୟରେ ୱାର୍ଡରେ କାର୍ଯ୍ୟ କରୁଥାଆନ୍ତି। ଛଅ ଗୋଟି ବେଡ୍ ନିମନ୍ତେ ଗୋଟିଏ ଶିଫ୍ଟ ପାଇଁ ଗୋଟିଏ ନର୍ସ, ବିଶେଷ ଦୁଇଟିଶଯ୍ୟା ପାଇଁ ଜଣେ ଏବଂ ସ୍ଥଳ ବିଶେଷରେ ଆଇସିୟୁ/ଭେଣ୍ଟିଲେଟର ସ୍ଥାନରେ ଗୋଟିଏ ଶଯ୍ୟା ପାଇଁ ଜଣେ ନର୍ସ ଆବଶ୍ୟକ ହୋଇଥାଏ। ବିଶେଷ ତାଲିମପ୍ରାପ୍ତ ନର୍ସମାନେ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ହାର୍ଟ, ବ୍ରେନ୍, କିଡ୍‌ନୀ, ଚକ୍ଷୁ ଓ ଅନ୍ୟାନ୍ୟ ଅଙ୍ଗର ଅପରେଶନରେ ଡାକ୍ତରମାନଙ୍କୁ ସହାୟତା କରିଥାଆନ୍ତି। ଡାକ୍ତରମାନେ ବିଧାନ କରିଥିବା ଚିକିତ୍ସା, ସାଲାଇନ୍, ଇଞ୍ଜେକ୍ସନ, ନେବୁଲାଇଜେଶନ, ଫିଡିଂ, ଆସ୍ପିରେଶନ ଏବଂ ଆଭି କ୍ୟାନୁଲା ଆଦି ଅନେକ କାର୍ଯ୍ୟ ସେମାନେ କରିଥାଆନ୍ତି। ଡାକ୍ତରମାନଙ୍କର ନିର୍ଦ୍ଦେଶ ଅନୁସାରେ ସେମାନେ ସମୟ ମୁତାବକ ଔଷଧ ମଧ୍ୟ ରୋଗୀଙ୍କୁ ଖୁଆଇ ଥାଆନ୍ତି।

ଏଏନ୍ଏମ୍‌ମାନେ ପ୍ରାଥମିକ ସ୍ତରରେ ରୋଗ ନ ହେବା ପାଇଁ ଓ ମା'-ଶିଶୁଙ୍କର ସ୍ୱାସ୍ଥ୍ୟ ପାଇଁ କାର୍ଯ୍ୟ କରିଥାଆନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଆମ ରାଜ୍ୟରେ ଏହି ସ୍ୱାସ୍ଥ୍ୟକର୍ମୀଙ୍କର କଠିନ ପରିଶ୍ରମ ଯୋଗୁ ପାଖାପାଖି ଶତ ପ୍ରତିଶତ ଟିକାକରଣ ଓ ଆନୁଷ୍ଠାନିକ ପ୍ରସବ ହୋଇପାରୁଛି। ଏହାଦ୍ୱାରା ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ବହୁତ କମାଇ ଦିଆଯାଇପାରିଛି ଓ ପ୍ରାୟତଃ ସବୁ ପ୍ରସବ ଡାକ୍ତରଖାନାରେ ହିଁ ହେଉଛି। ଏହା ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହୋଇପାରିଛି।

ଏହା ସହିତ ଗତ ୪ବର୍ଷ ତଳୁ ଆମ ରାଜ୍ୟରେ ଆରମ୍ଭ ହୋଇଥିବା 'ଧାତ୍ରୀ ବିଦ୍ୟା' (ମିଡ୍ ୱାଇଫେରି) ସାଧାରଣ ପ୍ରସବ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା ଅସ୍ତ୍ରୋପଚାରଜନିତ ଶିଶୁ ପ୍ରସବ ହାରକୁ ଯଥେଷ୍ଟ କମାଯାଇପାରିବାର ଲକ୍ଷ୍ୟ ରଖାଯାଇଛି।

ଏହିସବୁ ବିଷୟ ସହ ଆହୁରି ଅନେକ କଥା ବିଚାରକୁ ନେଲେ ଜଣାଯାଏ ଯେ ନର୍ସମାନଙ୍କର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେମାନଙ୍କର ଭୂମିକା ଅପରିହାର୍ଯ୍ୟ। ଏହାଦ୍ୱାରା ସେମାନଙ୍କୁ ଅନେକ ସମୟରେ କାର୍ଯ୍ୟଚାପ ଦ୍ୱାରା ପ୍ରଭାବିତ ହେବାକୁ ପଡିଥାଏ। ସବୁଠାରୁ ଅଧିକ ସମ୍ମାନ ଓ ଦରମା ସୁଇଜରଲାଣ୍ଡ ପରି ସ୍ୱାସ୍ଥ୍ୟ ବିକଶିତ ଦେଶରେ ଦିଆଯାଇଥାଏ। ଆମ ରାଜ୍ୟରେ ୨୦୧୩ରେ ଦେଶରେ ପ୍ରଥମ କରି ଏକ ସ୍ୱର୍ଣ୍ଣ ସେବିକା ନିର୍ଦ୍ଦେଶାଳୟ ଗଠନ କରାଯାଇଥିଲା ଏବଂ ଏହାଦ୍ୱାରା ସେମାନଙ୍କର ଆବଶ୍ୟକ କାର୍ଯ୍ୟ ସୁଚାରୁରୂପେ କରାଯାଇପାରୁଛି। ପାଠପଢ଼ା ପାଇଁ ବେତନ ଛୁଟି ଦେବା ଓ ପଦୋନ୍ନତି ବ୍ୟବସ୍ଥାରେ ମଧ୍ୟ ଆମ ଦେଶରେ ଆମ ରାଜ୍ୟ ଅନ୍ୟ ରାଜ୍ୟଠାରୁ ଆଗୁଆ।

ପ୍ରତିବର୍ଷ ମେ ୧୨ ତାରିଖରେ ପାଳିତ ହୋଇଥାଏ ''ଅନ୍ତର୍ଜାତୀୟ ସେବିକା ଦିବସ'' (ଇଣ୍ଟରନ୍ୟାଶନାଲ ନର୍ସେସ ଡେ)। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି-''ସେବିକାମାନେ ଆମର ଭବିଷ୍ୟତ ଅଟନ୍ତି ଏବଂ ସେମାନଙ୍କ ପାଇଁ ଯତ୍ନବାନ୍ ହେବା ଦ୍ୱାରା ଅର୍ଥନୀତି ଦୃଢ଼ ହୋଇଥାଏ।'' ଅର୍ଥାତ୍ ଆମ୍ଭେମାନେ ନର୍ସମାନଙ୍କର ସୁସ୍ଥତା ଓ ନିରାମୟ ତଥା ନିରାପତ୍ତା ପାଇଁ ଚିନ୍ତା କରିବା ଦରକାର। ଅନ୍ତର୍ଜାତୀୟ ସେବିକା ସଂଘ (ଇଣ୍ଟରନ୍ୟାଶନାଲ କାଉନ୍‌ସିଲ ଫର୍ ନର୍ସେସ୍) ବା ଆଇସିଏନ୍ ୧୯୬୫ରୁ ଏହି ଦିବସକୁ ପାଳନ କରିଆସୁଅଛି। ୧୯୫୩ରେ ସ୍ୱାସ୍ଥ୍ୟ କର୍ମକର୍ତ୍ତା ଡରୋଥି ସୁଦରଲାଣ୍ଡ ତତ୍କାଳୀନ ୟୁଏସ୍ ରାଷ୍ଟ୍ରପତି ଆଇଜେନ୍‌ହୋମରଙ୍କୁ 'ସେବକା ଦିବସ' ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଏହା ଅନୁମୋଦନ ହୋଇ ନ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ଗ୍ରହଣ କରି ସମଗ୍ର ବିଶ୍ୱରେ ନର୍ସମାନଙ୍କୁ ଗୁରୁତ୍ୱ ଦେଇଥିଲା। ଅନ୍ତର୍ଜାତୀୟ ସେବିକା ପରିଷଦର ଅଧକ୍ଷା ଡା. ପାମେଲା ସିପ୍ରିଆନୋ କହନ୍ତି, '' ଆମ୍ଭେମାନେ ଆମ ନର୍ସମାନଙ୍କର ସ୍ୱାସ୍ଥ୍ୟ ଓ ନିରାମୟ ତଥା ନିରାପତ୍ତା ପାଇଁ ସମର୍ଥନ ଜଣାଇବା ଉଚିତ, କାରଣ ସେମାନେ ଆମ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକାରିତା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।''

ସେବିକାମାନେ ନାନାପ୍ରକାର ଆହ୍ୱାନ- ଶାରୀରିକ, ମାନସିକ, ଭାବାବେଗ ଓ ନୈତିକତା ଆଦିର ସମ୍ମୁଖୀନ ହୋଇଥାଆନ୍ତି। ଏହା ସହିତ ସେମାନଙ୍କର କାର୍ଯ୍ୟସ୍ଥଳର ନିରାପତ୍ତା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଦୀର୍ଘ ସମୟ ଏବଂ ରାତ୍ର ସମୟରେ କାର୍ଯ୍ୟ ତଥା ସଦାସର୍ବଦା ଗୁରୁତର ରୋଗୀମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ନର୍ସମାନଙ୍କର ଶରୀର ଓ ମନ ଉପରେ ଚାପ ପକାଇଥାଏ। ରୋଗୀ ଓ ଶଯ୍ୟା ଅନୁଯାୟୀ ନର୍ସମାନଙ୍କର ସଂଖ୍ୟା ଯଥେଷ୍ଟ କମ୍ ଥିବାରୁ ସେମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ସହ ଅଧିକ ସମୟ କାମ କରିବାକୁ ପଡିଥାଏ। ସାମାଜିକ ଏବଂ ପାରିବାରିକ ଜୀବନ ମଧ୍ୟ କେତେକ କ୍ଷେତ୍ରରେ ପ୍ରଭାବିତ ହୋଇଥାଏ। ସଂକ୍ରାମକ ରୋଗ ଯେତେ ଯତ୍ନବାନ ହେଲେ ମଧ୍ୟ ସେମାନଙ୍କୁ ଆକ୍ରାନ୍ତ କରିଥାଏ। ଉତ୍ତମ କାର୍ଯ୍ୟଧାରା, ଯୋଗ, ପ୍ରାଣାୟାମ ଦ୍ୱାରା ସେମାନେ ନିଜ ମନକୁ ବିଷାଦଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଅନେକ ସମୟରେ ଡାକ୍ତରୀ ନୈତିକତା ଓ ରୋଗୀର ଗୁପ୍ତ ତଥା ସମ୍ବେଦନଶୀଳ ବିଷୟସବୁକୁ ନିୟମ ଦୃଷ୍ଟିରୁ ଉହ୍ୟ ରଖିବାକୁ ପଡିଥାଏ। କେତେକ ସମୟରେ କିଛି ବ୍ୟକ୍ତିବିଶେଷଙ୍କ ବ୍ୟବହାର ମଧ୍ୟ ଠିକ୍‌ଠାକ୍ ନ ଥାଏ। ଏହା ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ ଯେ ଆମ୍ଭେମାନେ ସେମାନଙ୍କର କାର୍ଯ୍ୟକୁ ସମ୍ମାନ ଦେବା ଓ ଉତ୍ତମ ଆଚରଣ ତଥା ବ୍ୟବହାର ପ୍ରଦାନ କରିବା। ଅନ୍ୟପକ୍ଷରେ ନର୍ସମାନେ ମଧ୍ୟ ରୋଗୀ ପ୍ରତି ସମ୍ବେଦନଶୀଳ, ଉତ୍ତମ ବ୍ୟବହାର ଓ ଠିକ୍ ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହାଦ୍ୱାରା ରୋଗୀଟିର ଆରୋଗ୍ୟ କମ୍ ସମୟ ମଧ୍ୟରେ ହୋଇଥାଏ।

-ପୂର୍ବତନ ସେବିକା ନିର୍ଦ୍ଦେଶକ, ଓଡ଼ିଶା
ମୋ: ୮୨୪୯୦୮୭୯୯୫

## ମାନସିକତାକୁ ସକାରାତ୍ମକ ରଖେ ବ୍ରେକ୍‌ଫାଷ୍ଟ




ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିୟମିତ ବ୍ରେକଫାଷ୍ଟ ଖାଇଲେ ତାହା ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିଥାଏ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ଗରିଷ୍ଠ ଖାଦ୍ୟ ଅପେକ୍ଷା ହାଲୁକା ଖାଦ୍ୟକୁ ଦୈନନ୍ଦିନ ରୁଟିନ୍‌ରେ ସାମିଲ୍ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।ସକାଳେ ଏପରି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ, ଯାହାଦ୍ୱାରା ଆପଣଙ୍କୁ ମାନ୍ଦା ମାନ୍ଦା ଲାଗିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ମଧ୍ୟ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବାରେ ସହାୟକ ହେବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ଏହି ତାଲିକାରେ ସାଲାଡ, ତଟକା ଫଳମୂଳ ବ୍ୟତୀତ ବ୍ରେଡ, ବିସ୍କୁଟ ସାମିଲ କରିପାରିବେ।

## ବ୍ୟାୟାମ ପୂର୍ବରୁ...

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



## ପରିଚୟ: ଅନ୍ତରୀକ୍ଷ ସଂଧାନେ




ଅଧୁନା ମହାକାଶ ବିଜ୍ଞାନରେ ଅନେକ ବିକାଶ ହେଉଛି। ନୂଆ ନୂଆ ଗ୍ରହ, ନକ୍ଷତ୍ର, ଗାଲାକ୍ସି, ପଲ୍‌ସାର, କୃଷ୍ଣଗର୍ତ୍ତ ଆଦି ଆବିଷ୍କୃତ ହେଉଛି। ଅନ୍ୟତମ ଜନପ୍ରିୟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁଙ୍କ ଦ୍ୱାରା ରଚିତ 'ଅନ୍ତରୀକ୍ଷ ସଂଧାନେ' ଶୀର୍ଷକ ପୁସ୍ତକରେ ଏହିପରି ୨୮ଟି ବିଷୟରେ ଅନେକ ନୂତନ ଜ୍ୟୋତିର୍ବିଦୀୟ ପିଣ୍ଡ ଓ ମହାକାଶ ଅଭିଯାନ ବିଷୟରେ ବର୍ଣ୍ଣନା କରାଯାଇଛି। ଏଥିରେ ପୁନଶ୍ଚ ଚନ୍ଦ୍ର ଅଭିଯାନ, ଏବର୍ଷ କଲୋମ୍ବୋ ଅଭିଯାନ, ଜେମ୍‌ସ ୱେବ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଆଷ୍ଟ୍ରେସାଟ୍, ମହାକାଶ ଉପନିବେଶ ଏବଂ ମହାକାଶ କାର୍ଯ୍ୟକ୍ରମରେ ଭାରତର ସଫଳତା ଆଦି ବିଷୟରେ ବର୍ଣ୍ଣନା କରାଯାଇଛି। ଏହା ସହିତ ଅନ୍ତରୀକ୍ଷରେ ଥିବା କେତେକ ଆକର୍ଷଣୀୟ ବସ୍ତୁପିଣ୍ଡ ଯଥା- କୁଇପର ବଳୟ, ନବମ ଗ୍ରହ, କୃଷ୍ଣଗର୍ତ୍ତ, କୀଟଗର୍ତ୍ତ, ପଲ୍‌ସାର ଆଦି ସମ୍ବନ୍ଧରେ ମଧ୍ୟ ବିଷଦ ଆଲୋଚନା କରାଯାଇଛି। ଉକ୍ତ ସଚିତ୍ର ପୁସ୍ତକଟିର ପ୍ରତିଟି ବିଷୟ ପାଠିକା-ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ସେ ଏପର୍ଯ୍ୟନ୍ତ ୮୫ଟି ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି ଏବଂ ତାଙ୍କର ବିଜ୍ଞାନ ନିବନ୍ଧ ଧରିତ୍ରୀ ସମେତ ଅନେକ ଖବରକାଗଜ ଓ ପତ୍ରିକାରେ ପ୍ରକାଶିତ ହୋଇସାରିଛି। ବିଶ୍ୱନାଥ ଏଣ୍ଟରପ୍ରାଇଜେସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ମୂଲ୍ୟ ରହିଛି ୧୩୦ଟଙ୍କା। ଯୋଗାଯୋଗ : ବିଶ୍ୱନାଥ ଏଣ୍ଟରପ୍ରାଇଜେସ, ଭୁବନେଶ୍ୱର

## ଜୀବନଶୈଳୀ ଓ ମେଦବହୁଳତା

ବର୍ତ୍ତମାନ ମେଦବହୁଳତା ଏକ ସାଧାରଣ କଥା ପାଲଟିଗଲାଣି। ବିଶେଷଭାବରେ ଏହାପଛରେ ଅନେକ କାରଣ ରହିଛି। ତେବେ ଏହି ତାଲିକାରେ ନିକଟରେ ଆଉ ଏକ କାରଣକୁ ସାମିଲ କରାଯାଇଛି। ତାହା ହେଲା ଜୀବନଶୈଳୀ। ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ଜୀବନଶୈଳୀକୁ ଠିକ୍ ବାଟରେ ପରିଚାଳିତ କରିବା ସହଜ କଥା ନୁହେଁ। ତେବେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ନିହାତି ଦରକାର। ଯଦି ଜଣଙ୍କର ଜୀବନଶୈଳୀ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା, ତେବେ ସେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏକ ସର୍ଭେ ସମୟରେ ସେମାନେ କେତେକ ବ୍ୟକ୍ତିଙ୍କର ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଯେଉଁମାନେ ଏଭଳି ସମସ୍ୟା ସହ ଦୀର୍ଘ ଦିନ ଧରି ଜଡିତ ଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କ ଠାରେ ମେଦବହୁଳତା ଦେଖିବାକୁ ମିଳିଥିଲା। ତେବେ ଏଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

➤କେତେକ ବ୍ୟକ୍ତି ରୋଗର କାରଣ ବିଷୟରେ ଜାଣିଲେ ମଧ୍ୟ ସେଥିପ୍ରତି ଠିକ୍ ଭାବରେ ଦୃଷ୍ଟି ଦେଇ ନ ଥାନ୍ତି। ପରବର୍ତ୍ତୀ ସମୟରେ ଏଭଳି ସମସ୍ୟାରୁ ରକ୍ଷା ପାଇବା ପାଇଁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ।

➤ପ୍ରତିଦିନ ସକାଳେ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ପାଦରେ ଥିବା ମାଂସପେଶୀ ଦୃଢ଼ ହୋଇଥାଏ।


➤ଅଧିକ ସମୟ କମ୍ପ୍ୟୁଟର ପାଖରେ ବସି କାମ କରୁଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ମୁହଁ ଭଲ ଭାବରେ ଧୁଅନ୍ତୁ। ଏହାଦ୍ୱାରା ଆରାମ ଲାଗିଥାଏ ଏବଂ ଆଖି ପ୍ରଭାବିତ ହୋଇ ନ ଥାଏ।

➤ଆଖୁ ରସରେ ଏଭଳି ତତ୍ତ୍ୱ ରହିଛି ଯାହା ପାଚନ କ୍ରିୟାକୁ ଆହୁରି ଦୃଢ଼ କରିଥାଏ।

➤ନିୟମିତ ମହୁ ଖାଉଥିଲେ ତାହା ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।

➤ନିଜକୁ ଟେନସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଭବିଷ୍ୟତରେ ଏହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➤ନିଜର ଖାଦ୍ୟପେୟ, ଚାଲିଚଳଣି ପ୍ରତି ସତର୍କ ରହିଲେ ଆମେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବା।



# ବ୍ରେନ୍ ଟ୍ୟୁମର: କାରଣ, ଚିକିତ୍ସା


ଡା. ନିତ୍ୟାନନ୍ଦ ସ୍ୱାଇଁ

''ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ ଜୀବକୋଷଗୁଡ଼ିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡ଼ିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ।''

ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଲା ବ୍ରେନ୍ ବା ମସ୍ତିଷ୍କ। ଏହା ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ୨୮ଟି ଛୋଟବଡ଼ ହାଡ଼କୁ ନେଇ ଗଠିତ ଖପୁରି ଭିତରେ ଏହାକୁ ସୁରକ୍ଷିତ କରି ରଖିଛି ପ୍ରକୃତି। ମସ୍ତିଷ୍କଟି ବେଶ୍ ନରମ ଓ ଏହାର ଭିତର ଅଂଶ ଧଳା। ସେଥିପାଇଁ ଦୁର୍ଘଟଣାରେ ପଡ଼ି ଖପୁରି ଫାଟିଗଲେ 'ଦହି ବାହାରି ଆସିଲା' ବୋଲି ଲୋକେ କହିଥାଆନ୍ତି। ମସ୍ତିଷ୍କର ଓଜନ ଦେଢ଼ କିଗ୍ରା ଓ ଏହା ସ୍ନାୟୁକୋଷଗୁଡିକୁ ନେଇ ଗଠିତ। ମସ୍ତିଷ୍କର ରହିଛି ବିଭିନ୍ନ ଅଂଶ, ଯଥା- ସିରିବ୍ରମ, ସେରିବେଲମ୍, ବ୍ରେନ୍ ଷ୍ଟେମ୍ ଇତ୍ୟାଦି। ଅଂଶଭେଦରେ ସେଗୁଡିକର କାର୍ଯ୍ୟ ମଧ୍ୟ ଭିନ୍ନ ଭିନ୍ନ। ମସ୍ତିଷ୍କକୁ ଦେହର 'ହେଡ୍ ଅଫିସ' ବୋଲି କୁହାଯାଇଛି। କାରଣ ସମଗ୍ର ଦେହଟିର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ସୁଖୀ କାରିଗର ହେଉଛି ମସ୍ତିଷ୍କ। ଆମର ସୁଖ ଦୁଃଖ, କ୍ରୋଧ, ପ୍ରେମ, ଅଭିମାନ ସହ ବିଭିନ୍ନ ଅଭିବ୍ୟକ୍ତ ସମେତ ଶାରୀରିକ ଅସୁଖବିସୁଖ ମଧ୍ୟ ମସ୍ତିଷ୍କ ହାତରେ ରହିଛି। ଅନୁଭବ କରିବା, ଚଲାବୁଲା କରିପାରିବା, ଶ୍ୱାସକ୍ରିୟା କରିବା, ଚିନ୍ତା କରିବା, ମନେ ରଖିବା, ମନେ ପକାଇବା ଆଦି ଯାବତୀୟ କାମର ପଶ୍ଚାତ୍‌ରେ ରହିଛି ମସ୍ତିଷ୍କର ଭୂମିକା। ମସ୍ତିଷ୍କର ବିକାଶ ପ୍ରକ୍ରିୟାଟି ଆରମ୍ଭ ହୋଇଥାଏ ଭ୍ରୁଣ ଅବସ୍ଥାରୁ।

ତେବେ ରୋଗର ଭାବୀ ପରିଣତି ଭଲ ହୋଇ ନ ଥିବାରୁ ରୋଗୀର ଚିକିତ୍ସାରେ ଅବହେଳା ନ କରି ରୋଗୀକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବା ଓ ତାହାର ମନୋବଳ ବୃଦ୍ଧି କରାଇବା ପାଇଁ ଯତ୍ନଶୀଳ ହେବା ହେଉଛି ପ୍ରଥମ କର୍ତ୍ତବ୍ୟ। ରୋଗୀ, ରୋଗୀ ପରିବାର ସଦସ୍ୟ, ରୋଗୀ ଚିକିତ୍ସାରେ ନିୟୋଜିତ ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀମାନଙ୍କର ସମ୍ମିଳିତ ସହଯୋଗ ଏଥିପାଇଁ କାମ୍ୟ। ରୋଗ ସମ୍ବନ୍ଧୀୟ ଗବେଷଣା ପାଇଁ ମଧ୍ୟ ପର୍ଯ୍ୟାପ୍ତ ଅନୁଦାନ ଉପଲବ୍ଧ ହେବା ଉଚିତ। ସମସ୍ତଙ୍କର ଅକୁଣ୍ଠ ସହଯୋଗ ମିଳିପାରିଲେ ବ୍ରେନ୍ ଟ୍ୟୁମର ରୋଗୀଙ୍କର ଅଶେଷ ଉପକାର ସାଧିତ ହୋଇପାରିବ।

ମସ୍ତିଷ୍କର କ୍ରିୟା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ଆମେ ତାହାକୁ 'ମସ୍ତିଷ୍କ ମୃତ୍ୟୁ' ବା ବ୍ରେନ୍ ଡେଡ୍ ବୋଲି କହିଥାଉ। ସେପରି ଅବସ୍ଥା ଉପୁଜିଲେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବିନିଯୋଗ କରି ରୋଗୀକୁ ବଞ୍ଚେଇ ରଖିହେଲେ ମଧ୍ୟ ମୃତ୍ୟୁ ହିଁ ହେଉଛି ଅବଶ୍ୟମ୍ଭାବୀ ପରିଣତି। ଏହି ବ୍ରେନ୍ ଡେଡ୍ ଅବସ୍ଥାରେ ହିଁ ଅଙ୍ଗ ପ୍ରତିରୋପଣ ପାଇଁ ତା'ର ଶରୀରରୁ ବିଭିନ୍ନ ଅଙ୍ଗ ସଂଗ୍ରହ କରାଯାଇଥାଏ।

ଅନ୍ୟାନ୍ୟ ଅଙ୍ଗଭଳି ମସ୍ତିଷ୍କଟି ମଧ୍ୟ ଜୀବକୋଷଗୁଡିକୁ ନେଇ ଗଠିତ ହୋଇଥିବାରୁ ମସ୍ତିଷ୍କରେ ମଧ୍ୟ ଅର୍ବୁଦ ବା 'ଟ୍ୟୁମର' ଜାତ ହୋଇଥାଏ। ତେବେ ମସ୍ତିଷ୍କଟି ଖପୁରି ହାଡ଼ଗୁଡିକ ଦ୍ୱାରା ଆବଦ୍ଧ ହୋଇଥିବାରୁ ମସ୍ତିଷ୍କରେ ଅର୍ବୁଦ ଶରୀରର ଅନ୍ୟ ଅଙ୍ଗଗୁଡିକୁ ପ୍ରସରି ପାରେ ନାହିଁ। କିନ୍ତୁ ଶରୀରର ଅନ୍ୟ ଅଙ୍ଗଗୁଡିକରେ କ୍ୟାନ୍‌ସର ବା କର୍କଟ ରୋଗ ହେଲେ ତାହା ମସ୍ତିଷ୍କକୁ ପ୍ରସରି ଯାଇପାରେ। ମସ୍ତିଷ୍କରେ ବିଭିନ୍ନ ପ୍ରକାର ଟ୍ୟୁମର ହେଉଥିଲେ ମଧ୍ୟ 'ଗ୍ଲାୟୋମା' ନାମକ ଟ୍ୟୁମର ସବୁଠାରୁ ବେଶି ମାରାତ୍ମକ। ମସ୍ତିଷ୍କରେ କାହିଁକି ଟ୍ୟୁମର ହୋଇଥାଏ ତାହାର ସ୍ପଷ୍ଟ କାରଣ ଜଣାପଡ଼ିନି। ଅଥଚ କେବଳ ଆମେରିକାରେ ରହିଛନ୍ତି ପାଖାପାଖି ୭ ଲକ୍ଷ ବ୍ରେନ୍ ଟ୍ୟୁମର ରୋଗୀ। ପିଲାଠାରୁ ବୁଢ଼ା-ସମସ୍ତେ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇପାରନ୍ତି। ମହିଳାମାନଙ୍କ ଅପେକ୍ଷା ବେଶି ଆକ୍ରାନ୍ତ ହୋଇଥାଆନ୍ତି ପୁରୁଷମାନେ। ତେବେ ବ୍ରେନ୍ ଟ୍ୟୁମର କହିଲେ ଆମେ ସାଧାରଣତଃ ବ୍ରେନ୍ କ୍ୟାନ୍‌ସରକୁ ହିଁ ବୁଝିଥାଉ।

ଖପୁରି ପରିବେଷ୍ଟିତ ହୋଇଥିବାରୁ ବ୍ରେନ୍‌ରେ ଟ୍ୟୁମର ହେଲେ ବ୍ରେନ୍‌ଟି ପ୍ରସାରିତ ହେବାର ବାଟ ନ ଥାଏ। ଫଳରେ ଟ୍ୟୁମରର ଅବସ୍ଥିତି ଯୋଗୁ ବ୍ରେନ୍‌ରେ ଚାପ ବଢ଼ି ବଢ଼ି ଯାଏ। ପ୍ରକାଶ ପାଏ ଭୀଷଣ ମୁଣ୍ଡ ବ୍ୟଥା ଏବଂ ବାନ୍ତି। ଆଖିକୁ ଭଲ ଦେଖାଯାଏନା। କାନରେ ଭଲ ଶୁଣିହୁଏନି। ରୋଗୀ ସ୍ୱଚ୍ଛନ୍ଦରେ ଚଲାବୁଲା କରି ନ ପାରି ଟଳଟଳ ହୁଏ। ଭଲ ଭାବରେ କଥା କହିପାରେନି। କୌଣସି କଥା ମନେ ରଖିପାରନି। ପରିଲକ୍ଷିତ ହୁଏ ମାନସିକ ଅସ୍ଥିରତା। ମସ୍ତିଷ୍କର କେଉଁ ସ୍ଥାନରେ ଟ୍ୟୁମର ହୋଇଛି ତାହା ଉପରେ ହିଁ ଲକ୍ଷଣମାନ ନିର୍ଭର କରିଥାଏ।

ରୋଗ ନିଶ୍ଚୟ ପାଇଁ ଡାକ୍ତରମାନେ ରୋଗୀର ଶାରୀରିକ ପରୀକ୍ଷା କରନ୍ତି। ଖପୁରିକୁ ଏକ୍ସ-ରେ, ମସ୍ତିଷ୍କର ସିଟି ସ୍କାନ, ଏମଆରଆଇ ସ୍କାନ, ପେଟ ସ୍କାନ, ଇଇଜି, ଆଞ୍ଜିଓଗ୍ରାମ୍, ଭେଣ୍ଟିକ୍ୟୁଲୋଗ୍ରାମ ଇତ୍ୟାଦି ପରୀକ୍ଷା କରେଇ ନିଅନ୍ତି। ଅପରେଶନ କରିବା ସମୟରେ ଆକ୍ରାନ୍ତ ଅଂଶରୁ ତନ୍ତୁ ସଂଗ୍ରହ କରି କରେଇଥାଆନ୍ତି ତା'ର ବାୟୋଲୋଜି ପରୀକ୍ଷା। ଅପରେଶନ ସମୟରେ ଖୁବ୍ ସାବଧାନତା ଅବଲମ୍ବନ କରାଯାଇଥାଏ। କାରଣ ମସ୍ତିଷ୍କରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମାନ ଥିବାରୁ ସତର୍କ ନ ରହିଲେ ତାହା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିବା ସ୍ୱାଭାବିକ। ଅପରେଶନ କରି ସାରି କରାଯାଏ ରଶ୍ମି ଚିକିତ୍ସା ବା 'ରେଡିଓଥେରାପି'। ସ୍ଥଳବିଶେଷରେ ରସାୟନ ଚିକିତ୍ସା ବା କେମୋଥେରାପି। ସଅଳ ଚିକିତ୍ସା କରା ନ ଗଲେ ରୋଗୀର ଭବିଷ୍ୟତ ଭଲ ନୁହେଁ।



-'ଅଭୀପ୍‌ସା', ସେକ୍ଟର-୬,
ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ମେ ୧୨/୨୦୨୫ Bhubaneswar, Monday, May 12/ 2025

# ୧୬ କିମ୍ବା ୧୭ରୁ ହୋଇପାରେ ଆଇପିଏଲ୍

**ନୂଆଦିଲ୍ଲୀ,୧୧।୫(ପି.ଟି.)**



ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଇଥିବା ଉତ୍ତେଜନା କାରଣରୁ ସ୍ଥଗିତ ରଖାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆସନ୍ତା ୧୬ କିମ୍ବା ୧୭ ତାରିଖରେ ଆରମ୍ଭ ହୋଇପାରେ। ଲିଗ୍‌ର ଫାଇନାଲ ମ୍ୟାଚ୍ କୋଲକାତାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବାର ସମ୍ଭାବନା ରହିଛି। ଶନିବାର ସିଜଫାୟାର ଘୋଷଣା ହେବା ପରେ ଗତ ୯ ତାରିଖରୁ ସ୍ଥଗିତ ଥିବା ଟୁର୍ନାମେଣ୍ଟ ଲାଗି ବାଟ ଫିଟିଛି।

ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ସଦସ୍ୟ ଓ ବିସିସିଆଇ ଅଧିକାରୀ ରବିବାର ଟୁର୍ନାମେଣ୍ଟ ଆରମ୍ଭ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା କହିଛନ୍ତି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଆଇପିଏଲ ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ବିସିସିଆଇ ଅଧିକାରୀ ସମାଧାନର ବାଟ ଉପରେ କାମ କରୁଛନ୍ତି। ବିସିସିଆଇ ସମ୍ପାଦକ ଓ ଆଇପିଏଲ୍ ଚେୟାରମ୍ୟାନ ସମସ୍ତ ଫ୍ରାଞ୍ଚାଇଜ ଓ ପ୍ରତ୍ୟେକଙ୍କ ସହ ଆଲୋଚନା କରୁଛନ୍ତି। ଖୁବଶୀଘ୍ର ନିଷ୍ପତ୍ତି ସମ୍ପର୍କରେ ଜଣାପଡ଼ିବ। ଯଥା ଶୀଘ୍ର ଟୁର୍ନାମେଣ୍ଟକୁ ଆରମ୍ଭ କରିବାକୁ ପ୍ରୟାସ କରାଯାଉଛି। ସେହିଭଳି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ, ଆଗାମୀ କିଛି ଦିନ ମଧ୍ୟରେ ଆମେ ସମସ୍ତ ଫ୍ରାଞ୍ଚାଇଜ, ବ୍ରଡକାଷ୍ଟର୍ସ, ସ୍ପନସର୍ସ ଓ ବଳକା ମ୍ୟାଚ୍ ଆୟୋଜନ କରିବାକୁ ଥିବା ରାଜ୍ୟ ଆସୋସିଏଶନ ସହ କଥା ହେବୁ। ଆଇପିଏଲ ବର୍ତ୍ତମାନ ଯେଉଁ ପର୍ଯ୍ୟାୟରେ ଅଛି, ଲିଗ୍‌କୁ ପୁନଃ ଆରମ୍ଭ ଲାଗି ତାରିଖ ଧାର୍ଯ୍ୟ କରିବା ପୂର୍ବରୁ ସରକାରଙ୍କ ଅନୁମତି ମଧ ଦରକାର। କିନ୍ତୁ ଆଇପିଏଲ୍ ସୂତ୍ରରୁ କୁହାଯାଇଛି ଯେ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍‌ରୁ ଆଇପିଏଲ୍ ଆରମ୍ଭ ହେବ। ଏହି ମ୍ୟାଚ୍ ଗତ ୯ ତାରିଖରେ ଖେଳାଯିବାର ଥିଲା। ସମସ୍ତ ଦଳକୁ ସେମାନଙ୍କ ଖେଳାଳିଙ୍କୁ ଡକାଇବାକୁ କୁହାଯାଇଛି। ଏହି ଟୁର୍ନାମେଣ୍ଟ ୧୬ କି ୧୭ ତାରିଖରେ ଲକ୍ଷ୍ନୌରେ ଆରମ୍ଭ ହୋଇପାରେ। ଚୂଡ଼ାନ୍ତ କାର୍ଯ୍ୟସୂଚୀ ସୋମବାର ପ୍ରକାଶ ପାଇବ। ବଳକା ଥିବା ସମସ୍ତ ମ୍ୟାଚ୍ ୪ଟି ଭେନ୍ୟୁରେ ଖେଳାଯିବ। ଦିଲ୍ଲୀ ଓ ଧର୍ମଶାଳାରେ କୌଣସି ମ୍ୟାଚ୍ ଆୟୋଜନ କରାଯିବ ନାହିଁ। ଏହି ଷ୍ଟାଡିୟମରୁ ସମସ୍ତ ସରଞ୍ଜାମ ହଟାଇ ଦିଆଯାଇଛି। ପ୍ଲେଅଫ ପର୍ଯ୍ୟାୟର କ୍ୱାଲିଫାୟର-୧ ଓ ଏଲିମିନେଟର ମ୍ୟାଚ୍‌ର ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। କିନ୍ତୁ ଫାଇନାଲ ମ୍ୟାଚ୍ କୋଲକାତା ବଦଳରେ ଅହମଦାବାଦରେ ଖେଳାଯାଇପାରେ।

**ପଏଣ୍ଟ ଭାଗ କରିପାରନ୍ତି ପଞ୍ଜାବ ଓ ଦିଲ୍ଲୀ**

ଗତ ୮ ତାରିଖରେ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌କୁ ଅଧାରୁ ବାତିଲ କରି ଦେଇଥିଲା। ଏଥିଲାଗି ଉଭୟ ଦଳକୁ ଏକ ଲେଖାଏ ପଏଣ୍ଟ ଦିଆଯିବା ବିଶେଷ ସମ୍ଭାବନା ରହିଛି।

# ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍



ଟ୍ରଫି, ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୧୧।୫(ଅନାଦି କର)**

କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲଠାରେ ଓଡ଼ିଶା ଷ୍ଟେଟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ପକ୍ଷରୁ ତୃତୀୟ ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଯାଜପୁରର ଦୀପ୍ତି ରଞ୍ଜନ ନାୟକ ସର୍ବାଧିକ ୪.୫ ପଏଣ୍ଟ ସହ ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱରର ମନୀଷ ରଞ୍ଜନ ଦାସ (୪ ପଏଣ୍ଟ) ମିଳିତ ରନରଅପ ହୋଇଛନ୍ତି। ଏଥିସହିତ ୭, ୯, ୧୧, ୧୩ ବର୍ଷରୁ କମ୍ ଓ ବାଳିକା ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହି ଚାମ୍ପିୟନଶିପ୍‌କୁ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ରାଉରକେଲା ସିଇଓ ସୁଶାନ୍ତ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ସାମାଜିକ କର୍ମୀ ସଙ୍ଗୀତା ଷଡ଼ଙ୍ଗୀ, ଓଏସ୍‌ସିଏର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ନଳିନୀକାନ୍ତ ଆଚାର୍ଯ୍ୟଙ୍କ ଭଉଣୀ ଶିବାଙ୍ଗୀ ଆଚାର୍ଯ୍ୟ ଯୋଗଦେଇଥିଲେ।

# ଦୀପ ରଞ୍ଜନ, ଶୁଭ୍ରଜିତ୍‌ଙ୍କୁ ବ୍ରୋଞ୍ଜ



ପଦକ ସହ ଦୀପରଞ୍ଜନ ଓ ଶୁଭ୍ରଜିତ୍।

**ଭୁବନେଶ୍ୱର,୧୧।୫ (ଅନାଦି କର)**

ସମ୍ମାନଜନକ ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେବେଲ ୨ ଟୁର୍ନାମେଣ୍ଟରେ ଓଡ଼ିଶାର ଦୀପ ରଞ୍ଜନ ବିଷୋଇ ଓ ଶୁଭ୍ରଜିତ୍ ମହାରଣା ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଓଡ଼ିଶାର ଦୀପ ରଞ୍ଜନ ୟୁକ୍ରେନର ଓକସାନା କୋଜିନାଙ୍କୁ ସାଥି କରି ମିକ୍ସଡ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ୟୁ୫ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଇଣ୍ଡୋ-ୟୁକ୍ରେନ ଯୋଡ଼ି ସେମିଫାଇନାଲରେ ୧୦-୨୧, ୦୫-୨୧ ଗେମରେ ଭାରତର ଚିରାଗ ବରେଥା ଓ ମନଦୀପ କୌରଙ୍କଠାରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଛି। ଭାରତର ବିଟୁ କୁମାରଙ୍କ ସହ ଶୁଭ୍ରଜିତ ମହାରଣା ଯୋଡ଼ି କରି ପୁରୁଷ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାତେଇଛନ୍ତି। ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ୨୧-୧୭, ୨୧-୧୬ ଗେମ୍‌ରେ ତୁର୍କୀର ମୁସ୍ତାଫା ତୁଗ୍ରା ନୁର ଓ ଫୁଆତ ସୁରାକଲୁଙ୍କୁ ପରାସ୍ତ କରିଥିଲେ। ହେଲେ ସେମିଫାଇନାଲରେ ଭାରତୀୟ ଯୋଡ଼ି ୧୭-୨୧, ୧୧-୨୧ ଗେମ୍‌ରେ କୋରିଆର ଜୁ ଡଙ୍ଗ ଜାଏ ଓ ଶିନ ଖୁଙ୍ଗ ହୁଆନଙ୍କଠାରୁ ପରାସ୍ତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛି।

# କୋହଲିଙ୍କୁ ମନାଉଛି ବିସିସିଆଇ

**ନୂଆଦିଲ୍ଲୀ,୧୧।୫:** ବିରାଟ କୋହଲିଙ୍କୁ ଟେଷ୍ଟ ଫର୍ମାଟରେ ଖେଳିବା ଜାରି ରଖିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମନାଇବାକୁ ଉଦ୍ୟମ ଚଳାଇଛି। କିଛି ରିପୋର୍ଟ ମୁତାବକ, କୋହଲି ଲମ୍ବା ଫର୍ମାଟ କ୍ୟାରିୟର ଶେଷ କରିବାକୁ ଚାହାନ୍ତି ଏବଂ ଏ ସମ୍ପର୍କରେ ସେ ବିସିସିଆଇର ଚୟନ କମିଟିକୁ ଜଣାଇ ଦେଇଛନ୍ତି। ଭାରତୀୟ କ୍ରିକେଟ ଜଗତର ଜଣେ ପ୍ରଭାବୀ ବ୍ୟକ୍ତିଙ୍କୁ ହସ୍ତକ୍ଷେପ କରିବାକୁ କୁହାଯାଇଥିବା ବେଳେ କୋହଲି ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଭାରତୀୟ ଦଳର ଅନ୍ୟତମ ସିନିୟର ଖେଳାଳି ରୋହିତ ଶର୍ମା ରେଡ ବଲ କ୍ରିକେଟରୁ ଅବସର ନେଇଥିବାରୁ କୋହଲିଙ୍କୁ ନିଜ ନିଷ୍ପତ୍ତି ଉପରେ ପୁନଃ ବିଚାର କରିବାକୁ ଅନୁରୋଧ କରାଯାଇଛି।

# ବିଡ଼ାନାସୀ କ୍ଲବକୁ ହରାଇଲା ଫାଓ ଏକାଡେମୀ




ମ୍ୟାଚ୍ ପୂର୍ବରୁ ଫାଓ ଏକାଡେମୀ ଓ ବିଡ଼ାନାସୀ କ୍ଲବ୍‌ର ଖେଳାଳିମାନେ।

**ଭୁବନେଶ୍ୱର, ୧୧।୫ (ବିଜୟ ରଣା)**

**୧୭ବର୍ଷରୁ କମ୍ ୟୁଥ୍ ଲିଗ୍**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ତରଫରୁ ବର୍ତ୍ତମାନ ରହିଥିବା କଟକ ଓ ଭୁବନେଶ୍ୱର ଦୁଇ ଡିଭିଜନକୁ ନେଇ ୧୭ ବର୍ଷରୁ କମ୍ ୟୁଥ୍ ଲିଗ୍ ଆରମ୍ଭ ହୋଇଛି। ରବିବାର କଟକ ଡିଭିଜନର ପ୍ରଥମ ମ୍ୟାଚରେ ଫାଓ ଏକାଡେମୀ ୪-୨ ଗୋଲ୍‌ରେ ବିଡ଼ାନାସୀ ଏକାଡେମୀକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଇଶାନ୍ତ କୁଜୁର ବ୍ୟକ୍ତିଗତ (୨୫ତମ ଓ ୩୭ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ବିଶ୍ୱଜିତ୍ ତନ୍ତୀ (୫୧ତମ) ଓ ସାହିଲ ସୋରେନ (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିଡ଼ାନାସୀ ତରଫରୁ ରୋନକ ରୋସନ ସାମଲ (୩୧ତମ) ଓ ସ୍ୱାଧୀନ ମୁର୍ମୁ (୭୫ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ବେହେରା, ଚିତ୍ତରଞ୍ଜନ ବେହେରା, ବିଶ୍ୱଜିତ୍ ପଡ଼ିହାରୀ ଓ ନିପେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟ୍ରେଲିଆରେ ପ୍ରଥମ ତ୍ରିଶତକ ହାସଲକାରୀଙ୍କ ପରଲୋକ

**ମେଲବୋର୍ନ, ୧୧।୫ (ଏପି):** ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ କ୍ରିକେଟରେ ପ୍ରଥମ ତ୍ରିଶତକ ହାସଲ କରିଥିବା ବବ୍ କୋପରଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି। କୋପର ୧୯୬୪ରୁ ୧୯୬୮ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ୨୭ ଟେଷ୍ଟ ମ୍ୟାଚ ଖେଳିଲେ। ୧୯୬୬ ଫେବୃଆରୀରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିସି)ରେ ସେ ତାଙ୍କର ପ୍ରସିଦ୍ଧ ଇନିଂସ ଖେଳିଥିଲେ। କ୍ରିଜ୍‌ରେ ସେ ଦୀର୍ଘ ୧୨ ଘଣ୍ଟା ରହି ୫୮୯ ବଲ୍‌ରୁ ୩୦୭ ରନ ସଂଗ୍ରହ କରିଥିଲେ। ବିଂଶ ଶତାବ୍ଦୀରେ ଅଷ୍ଟ୍ରେଲିଆରେ ଏହାଥିଲା ଏକମାତ୍ର ତ୍ରିଶତକ। ସେ ସମୟରେ ଏହାଥିଲା ମୋଟ ଉପରେ ୧୦ମ ତ୍ରିଶତକ। ଏମ୍‌ସିସି ମ୍ୟାଚ ପୂର୍ବରୁ ଆଡିଲେଡଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ସେ ଦ୍ୱାଦଶ ଖେଳାଳି ଥିଲେ। ଏମ୍‌ସିସି ତାଙ୍କ ହୋମ୍‌ଗ୍ରାଉଣ୍ଡ ହୋଇଥିବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା।

# ମୀନା ସାନ୍ତାଙ୍କୁ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ୟୁଥ ଗେମ୍ସ**

**ଭୁବନେଶ୍ୱର,୧୧।୫ (ଅନାଦି କର)**



ମୀନା ସାନ୍ତା (ମଝି)।

ବିହାରର ଗୟାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଓଡ଼ିଶାର ମୀନା ସାନ୍ତା ରୌପ୍ୟ ପଦକ ଜିତିଛନ୍ତି। ବାଳିକା ୱେଟଲିଫ୍ଟିଂରେ ସେ ଏହି ସଫଳତା ପାଇଛନ୍ତି। ରବିବାର ଅନୁଷ୍ଠିତ ୫୫ କେଜି ବର୍ଗର ଫାଇନାଲରେ ସେ ମୋଟ ୧୭୭ କେଜି ଭାର ଉତ୍ତୋଳନ କରିଥିଲେ। ଏହି ଇଭେଣ୍ଟରେ ଆସାମର ଏସାଙ୍ଗଫା ଗୋଗୋଇ ମୋଟ ୧୮୩ କେଜି ଭାର ଉଠାଇ ସ୍ୱର୍ଣ୍ଣ ପଦକ ଜିତିବା ସହ ଜାତୀୟ ୟୁଥ ରେକର୍ଡ ଭଙ୍ଗ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଓଡ଼ିଶା ମୀନା ସାନ୍ତାଙ୍କ ନାମରେ ଥିଲା। ସେ ଗତ ବର୍ଷ ଏହି ରେକର୍ଡର ଅଧିକାରୀ ହୋଇଥିଲେ।

# ପଦ୍ମିନୀ, କାର୍ତ୍ତିକେୟନଙ୍କୁ ଚତୁର୍ଥ ସ୍ଥାନ


**ଅଲ୍ ଏନ୍, ୧୧।୫ (ପି.ଟି.)**

**ଏସିଆନ ବ୍ଲିଜ୍ ଚେସ୍**

ଭାରତର ଇଣ୍ଟରନ୍ୟାଶନାଲ ମାଷ୍ଟର ପଦ୍ମିନୀ ରାଉତ ଓ ଗ୍ରାଣ୍ଡମାଷ୍ଟର ମୁରଲୀ କାର୍ତ୍ତିକେୟନ ଏଠାରେ ଅନୁଷ୍ଠିତ ଏସିଆନ ବ୍ୟକ୍ତିଗତ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ଯଥାକ୍ରମେ ମହିଳା ଓ ଓପନ୍ ବିଭାଗରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗରେ ରୁଷିଆର ଭାଲେଣ୍ଟିନା ଗୁନିନା (୭.୫ ପଏଣ୍ଟ)ଙ୍କ ଆଗରେ କାଜାଖସ୍ତାନର ଆଲୁଆ ନୁର୍ମାନ ଟାଇଟଲ ବିଜୟୀ ହୋଇଥିଲେ। ପଦ୍ମିନୀଙ୍କ ସହ ଟାଇବ୍ରେକ୍ କରି ଚାଇନାର ୟୁଜିନ ସଙ୍ଗ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓପନ ବିଭାଗରେ ଫିଡେ ପତାକା ଅଧୀନରେ ଖେଳୁଥିବା ରୁଷିଆର ୧୫ବର୍ଷୀୟା ଗ୍ରାଣ୍ଡମାଷ୍ଟର ଇଭାନ ଜେମଲ୍ୟାନସ୍କିଆ ଚାମ୍ପିୟନ ହୋଇଥିଲେ। ସେ ୯ ପଏଣ୍ଟରୁ ୮ ପଏଣ୍ଟ ଅର୍ଜନ କରିଥିଲେ। ଇରାନର ୧୫ ବର୍ଷୀୟା ସିନା ମୋହାଭେଦ୍ (୭.୫) ବେଷ୍ଟ ଟାଇବ୍ରେକ୍ ସ୍କୋର ସହ ରୁଷିଆର ରୁଦିକା ମାକାରିଆନ (୭)ଙ୍କ ଆଗରେ ଦ୍ୱିତୀୟ ହୋଇଥିଲେ। ସେମାନଙ୍କ ପଛକୁ କାର୍ତ୍ତିକେୟନ ଓ ନୀଲେଶ ଶାହା ଯଥାକ୍ରମେ ୪ର୍ଥ ଓ ୫ମ ହୋଇଥିଲେ।

# ଦୀପିକାଙ୍କୁ ବ୍ରୋଞ୍ଜ, ଭାରତକୁ ୭ ପଦକ

**ଶାଙ୍ଘାଇ,୧୧।୫(ପି.ଟି.):** ଭାରତର ସବୁଠୁ ସଫଳ ତୀରନ୍ଦାଜ ଦୀପିକା କୁମାରୀ ଓ ପାର୍ଥ ସାଲୁଙ୍ଖେ ଆର୍ଚେରୀ ୱାର୍ଲ୍ଡକପ୍ ଷ୍ଟେଜ-୨ରେ ରବିବାର ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହିତ ଟୁର୍ନାମେଣ୍ଟରେ ଭାରତ ମୋଟ ୭ ପଦକ ସହ ଅଭିଯାନ ଶେଷ କରିଛି। ଏଥିପୂର୍ବରୁ କମ୍ପାଉଣ୍ଡ ତୀରନ୍ଦାଜମାନେ ୫ଟି ପଦକ ଜିତିଥିଲେ। ଦୀପିକା ମହିଳା ରିକର୍ଭ ବ୍ୟକ୍ତିଗତ ସେମିଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଲିମ ଶିହେଅନଙ୍କଠାରୁ ୧-୭ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହାପରେ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ୩୦ ବର୍ଷୀୟା ୪ ଥରର ଅଲିମ୍ପିଆନ ୭-୩ ବ୍ୟବଧାନରେ କୋରିଆର କାଙ୍ଗ ଚାଏ ୟଙ୍ଗଙ୍କୁ ହରାଇଛନ୍ତି। ପୁରୁଷ ବିଭାଗରେ ୨୧ ବର୍ଷୀୟ ସାଲୁଙ୍ଖେ ସେମିଫାଇନାଲରେ ଟପ ସିଡ୍ କୋରିଆର କିମ୍ବଦନ୍ତୀ କିମ୍ ଉଜିନଙ୍କଠାରୁ ୧-୭ରେ ପରାଜିତ ହୋଇଥିଲେ। ବ୍ରୋଞ୍ଜ ପଦକ ପ୍ଲେଅଫ ମ୍ୟାଚ୍‌ରେ ସେ ୬-୪ ବ୍ୟବଧାନରେ ଫ୍ରେଞ୍ଚ ଆର୍ଚର ବାପ୍ଟିଷ୍ଟେ ଆଡିସଙ୍କୁ ପରାସ୍ତ କରିଥିଲେ।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ପୂର୍ବତନ ଭାରତୀୟ ସ୍ପିନର ପ୍ରଜ୍ଞାନ ଓଝାଙ୍କ ସୌଜନ୍ୟମୂଳକ ସାକ୍ଷାତ।

# ତ୍ରିରାଷ୍ଟ୍ରୀୟ ସିରିଜ୍: ଭାରତ ଚାମ୍ପିୟନ

**କଲମ୍ବୋ,୧୧।୫**




ଶତକ ହାସଲ ପରେ ସ୍ମୃତି ମନ୍ଧାନା।

ସ୍ମୃତି ମନ୍ଧାନାଙ୍କ ଶତକ ଓ ସ୍ନେହ ରାଣାଙ୍କ ୪ ଉଇକେଟ ସଫଳତା ବଳରେ ଭାରତୀୟ ମହିଳା ଦଳ ୯୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରି ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ଚାମ୍ପିୟନ ହୋଇଛି। ଭାରତ ଦ୍ୱାରା ପ୍ରଦତ୍ତ ୩୪୩ ରନର ବିଶାଳ ଟାର୍ଗେଟ ଆଗରେ ଶ୍ରୀଲଙ୍କା ୪୮.୨ ଓଭରରେ ୨୪୫ ରନରେ ଅଲଆଉଟ୍ ହୋଇଯାଇଥିଲା। ମନ୍ଧାନାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଓ ସିରିଜ୍‌ରେ ମୋଟ ୧୫ ଉଇକେଟ ନେଇଥିବା ସ୍ନେହଙ୍କୁ ପ୍ଲେୟାର ଅଫ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ପେସର କ୍ରାନ୍ତି ଗୌଡ଼ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତକୁ ପ୍ରତିକା ରାୱଲ ଓ ମନ୍ଧାନା ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁହେଁ ପ୍ରଥମ ଉଇକେଟରେ ୭୦ ରନ କରିଥିଲେ। ପ୍ରତିକା ୩୦ (୨ ଚୌକା) ରନ କରି ଆଉଟ୍ ହେବା ପରେ ହର୍ଲିନ ଦେଓଲଙ୍କ ସହ ମିଶି ମନ୍ଧାନା ଦଳୀୟ ସ୍କୋରରେ ୧୨୦ ରନ ଯୋଡ଼ିଥିଲେ। ଇତିମଧ୍ୟରେ ମନ୍ଧାନା ଶତକ ପୂରଣ କରିଥିଲେ। ସେ ୧୦୧ ବଲରେ ୧୧୬ (୧୫ ଚୌକା ଓ ୨ ଛକା) ରନ କରିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ଏକାଦଶତମ ଶତକ ଥିଲା। ତାଙ୍କ ପରେ ହର୍ଲିନ ୪୭ (୪ ଚୌକା), ଅଧିନାୟିକା ହରମନପ୍ରୀତ କୌର ୪୧ (୪ ଚୌକା ଓ ୧ ଛକା), ଜେମିମା ରୋଡ୍ରିଗୁଏଜ ୪୪ (୪ ଚୌକା), ଅମନଜୋତ କୌର ୧୮ ଓ ଦୀପ୍ତି ଶର୍ମା ୨୦ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ଉଇକେଟ ହରାଇ ୩୪୨ ରନ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ମଲକି ମଦାରା, ଦେବମି ବିହଙ୍ଗା ଓ ସୁଗନ୍ଧିକା କୁମାରୀ ଦୁଇ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୪୮.୨ ଓଭରରେ ୨୪୫ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ଚମାରି ଆଟାପାଟୁ ୫୧, ନିଳାକ୍ଷୀ ଡି ସିଲଭା ୪୮, ଭିଶ୍ମି ଗୁଣରତ୍ନେ ୩୬ ଓ ଅନୁଷ୍କା ସଞ୍ଜୀବନୀ ୨୮ ରନ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ସ୍ନେହ ରାଣା ୪ ଉଇକେଟ ନେଇଥିବା ବେଳେ ଅମନଜୋତ କୌର ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୫୦ ଓଭରରେ ୩୪୨/୭ (ସ୍ମୃତି ମନ୍ଧାନା-୧୧୬, ହର୍ଲିନ ଦେଓଲ-୪୭, ଜେମିମା ରୋଡ୍ରିଗୁଏଜ-୪୪, ହରମନପ୍ରୀତ କୌର-୪୧, ସୁଗନ୍ଧିକା କୁମାରୀ-୨/୫୯, ଦେବମି ବିହଙ୍ଗା-୨/୬୯)। ଶ୍ରୀଲଙ୍କା ମହିଳା ଦଳ: ୪୮.୨ ଓଭରରେ ୨୪୫/ଅଲଆଉଟ୍ (ଚମାରି ଆଟାପାଟୁ-୫୧, ନିଳାକ୍ଷୀ ଡି' ସିଲଭା-୪୮, ଭିଶ୍ମି ଗୁଣରତ୍ନେ-୩୬, ସ୍ନେହ ରାଣା-୪/୩୮, ଅମନଜୋତ କୌର-୪/୫୪)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ